


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୪ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 24 June 2026

Vol.No. 36 ■ No.164 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬

ସାଇ ସାଧନା ସେବାଶ୍ରମ

ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ

(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)

୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬

Only for ST/SC Students

(Not for Service Holders)

ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା

Contact No: 9437294587, 9437443950, 9937557158


# ମୋହନ ଯାଦବଙ୍କ ନାମରେ ମହାଘୋଟାଲା ଅଭିଯୋଗ:

# ମୁଖ୍ୟମନ୍ତ୍ରୀ ହେବା ପରେ କିଣିଛନ୍ତି କୋଟି କୋଟି ଟଙ୍କାର ଜମି



ନୂଆଦିଲ୍ଲୀ,୨୩/୬ : ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଓ ତାଙ୍କ ପରିବାର ଉଜ୍ଜୈନରେ ବ୍ୟାପକ ଜମି କିଣାବିକାରେ ହେରଫେର କରିଥିବା ଅଭିଯୋଗ। ମୁଖ୍ୟମନ୍ତ୍ରୀ ହେବା ପରେ ମୋହନ ଯାଦବ, ତାଙ୍କ ପରିବାର ଏବଂ ସେମାନଙ୍କ ସହ ଜଡ଼ିତ ରିଅଲ୍ ଇଷ୍ଟେଟ୍ କମ୍ପାନିଗୁଡ଼ିକ ଉଜ୍ଜୈନ ଓ ଆଖପାଖ ଅଞ୍ଚଳରେ ୧୩୭ଟି ଜମି କିଣିଛନ୍ତି । ଏହି ଜମିର ମୋଟ ଆକାର ପ୍ରାୟ ୧୬୮ ଏକର ହେବ । ରିପୋର୍ଟ ଅନୁଯାୟୀ, ଏହି ଜମିଗୁଡ଼ିକ ପ୍ରାୟ ୪୫ କୋଟି ଟଙ୍କାରେ କିଣାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ, ଏହି ଜମିଗୁଡ଼ିକ ସେହି ଅଞ୍ଚଳରେ ଅଛି ଯେଉଁଠାରେ ସରକାର ନୂତନ ହାଇୱେ ନିର୍ମାଣ କରୁଛନ୍ତି । ଅଧିକାଂଶ ଜମି ସେହିଠାରେ ଅଛି, ଯେଉଁଠାରେ ରାଜ୍ୟ ସରକାର ନୂଆ ରାସ୍ତା, ହାଇୱେ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ ଆରମ୍ଭ କରିଛନ୍ତି । ଜମି ରେକର୍ଡ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ସୀମା ଯାଦବ, ପୁଅ ବୈଭବ, ବୋହୂ ଶାଳିନୀ ଯାଦବ, ଭାଇ ନନ୍ଦଲାଲ ଓ ନାରାୟଣ ଯାଦବ, ନାରାୟଣଙ୍କ ପତ୍ନୀ ରେଖା, ତାଙ୍କ ପୁଅ ଅଭୟ ଯାଦବ ଏବଂ ଦାଦା ପୁଅ ଭାଇ ଗୋବିନ୍ଦ ଓ ନୀଲେଶ ଯାଦବ ନାଁରେ ଜମି କିଣାଯାଇଛି । ଏହାକୁ ନେଇ କଂଗ୍ରେସ, ମୁଖ୍ୟମନ୍ତ୍ରୀଙ୍କୁ କଡା ସମାଲୋଚନା କରିଛି । ରିପୋର୍ଟ ଅନୁସାରେ, ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ଯାଦବ ପରିବାରର ଉଜ୍ଜୈନ ଓ ଆଖପାଖରେ ୧୦୮ଟି ପ୍ଲଟ୍‌ର ୧୫୦ ଏକରରୁ ଅଧିକ ଜମି ଥିଲା। ଏଥିରୁ ପ୍ରାୟ ୮୫ ଏକର ଜମି ସେତେବେଳେ କିଣାଯାଇଥିଲା ଯେତେବେଳେ ମୋହନ ଯାଦବ ରାଜ୍ୟର ଶିକ୍ଷା ମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ କିଣାଯାଇଥିବା ୧୬୮ ଏକର ଜମିରୁ ପ୍ରାୟ ୧୧୧ ଏକର ନୂତନ ରାସ୍ତା ଓ ହାଇୱେ ପ୍ରକଳ୍ପ ଆଖପାଖରେ ଅଛି ।

◆◆ପୃଷ୍ଠା ୭

# ଆସୁଛି ମହାପ୍ରଭୁଙ୍କ ଘୋଷଯାତ୍ରା:

# ଏଥର ତ୍ରୁଟିଶୂନ୍ୟ ରଥଯାତ୍ରା ଲକ୍ଷ୍ୟ



ଭୁବନେଶ୍ୱର, ୨୩/୬ (ନି.ପ୍ର): ପାଖେଇ ଆସୁଛି ମହାପ୍ରଭୁଙ୍କ ରଥଯାତ୍ରା। ପୂର୍ବ ଦୁଇ ବର୍ଷ ରଥ ଗଢ଼ିବା ଠାରୁ ଆରମ୍ଭ କରି ଯାତ୍ରା ଶେଷ ହେବା ପର୍ଯ୍ୟନ୍ତ, ବହୁ ଅଘଟଣ ଘଟିଥିବାରୁ ଚଳିତ ବର୍ଷ ସୁରୁଖୁରରେ ସାରିବା ସରକାରଙ୍କ ପାଇଁ ଆହ୍ୱାନ ପାଲଟିଛି। ଏଥିପାଇଁ ଆଗୁଆ ପ୍ରସ୍ତୁତି ସହ ଶୃଂଖଳିତ ଭାବେ ସାରିବା ପାଇଁ ଅଣ୍ଟା ଭିଡିଛି ପ୍ରଶାସନ । ଭିଡ ନିୟନ୍ତ୍ରଣଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟାର ମୁକାବିଲା ପାଇଁ ହୋଇଛି ଦ୍ୱିତୀୟ ସମନ୍ୱୟ ସଭା । ୯ଜୁଲାଇ ୨୦୨୪, ଆଡ଼ପ ମଣ୍ଡପ ବିଜେ ବେଳେ ଘଟିଥିଲା ବଡ଼ ଅଘଟଣ। ଚାରମାଳ ଉପରେ ବଡ଼ଠାକୁର ବଳଭଦ୍ରଙ୍କୁ ପକାଇ ଦେଇଥିଲେ । ୨୧ ଜୁନ୍ ୨୦୨୫। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ହୋଇଥିଲା ଦଳାଚକଟା । ରଥାରୁଢ଼ ଶ୍ରୀଜୀଉଙ୍କୁ ଦେଖିବା ପାଇଁ ଯିବାବେଳେ ଦଳାଚକଟାରେ ଚାଲି ଯାଇଥିଲା ୩ଜଣଙ୍କ ଜୀବନ । ଲଗାତାର ଦୁଇ ବର୍ଷ ଧରି ରଥଯାତ୍ରାରେ ଅଘଟଣ ଘଟିବା ପରେ ଚଳିତ ବର୍ଷ ସତର୍କ ହୋଇଛି ପ୍ରଶାସନ। ଏ ବର୍ଷ ଯେମିତି କୌଣସି ଅଘଟଣ ନଘଟେ ସେଥିପାଇଁ ଆଗୁଆ ଆରମ୍ଭ କରିଛି ପ୍ରସ୍ତୁତି। ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ପରେ ଏନେଇ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ। କହିଛନ୍ତି, ବିଶ୍ୱପ୍ରସିଦ୍ଧ ରଥଯାତ୍ରାରକୁ ଅଘଟଣ ଓ ଦୁର୍ଘଟଣାବିହୀନ କରିବା ପାଇଁ କରାଯାଉଛି ସବୁ ପ୍ରକାର ପ୍ରଚେଷ୍ଟା। ପୂର୍ବ ବର୍ଷର ତ୍ରୁଟି ବିଚ୍ୟୁତି ଓ ଭୁଲରୁ ଅନେକ କିଛି ଶିଖି ଜାନୁୟାରୀ ମାସରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ରଥ ଟଣା ଓ ପହଣ୍ଡିକୁ ଉପରେ ରହିଛି ଅଧିକ ଗୁରୁତ୍ୱ । ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବି ଅନେକ ପଦକ୍ଷେପ ନିଆଯାଇଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ୨ଶହଟି ଅତିରିକ୍ତ ଶଯ୍ୟା ବ୍ୟବସ୍ଥା ହେବ। ସହରର ବିଭିନ୍ନ ସ୍ଥାନରେ ହେବ ୩୦ଟି ଆଶୁ ଆରୋଗ୍ୟ କେନ୍ଦ୍ର ଗହଳି ଓ ସମ୍ବେଦନଶୀଳ ସ୍ଥାନରେ ରାପିଡ୍ ରେସ୍ପନ୍ସ ଟିମ୍ ରହିବେ। ୨୩୦ ଡାକ୍ତଙ୍କ ସହ ସ୍ପେଶିଆଲିଷ୍ଟ ଡାକ୍ତର ନିୟୋଜିତ କରାଯିବ।

◆◆ପୃଷ୍ଠା ୭

# ଧାନ ବିକି ନପାରି ଚାଷୀଙ୍କ ଆତ୍ମହତ୍ୟା:

# ଟୋକନ୍ ଅଛି, ଧାନ ବିକି ହେଉନି



ଭୁବନେଶ୍ୱର, ୨୩/୬ (ନି.ପ୍ର): ସରକାର ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ସଫଳତାର ଫର୍ଦ୍ଦ ବାଣ୍ଟୁଛନ୍ତି । କିନ୍ତୁ ଚାଷୀ ଏଠାରେ ଧାନ ବିକି ନପାରି ଜୀବନ ହାରୁଛି । ଟୋକନ୍ ଥାଇ ମଧ୍ୟ ଧାନ ବିକି ନପରିବାରରୁ ଶେଷରେ ବିଷ ପିଇ ଆତ୍ମହତ୍ୟା କରିଛି ଚାଷୀ । ନୂଆପଡ଼ା ଜିଲ୍ଲାରୁ ଏଭଳି ଅଭିଯୋଗ ଆସିଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ସ୍ଥିତି ସମାନଝ । ଟୋକନ ଅବଧି ପୁରିବାକୁ ବସିଲାଣି ହେଲେ ଧାନ ଉଠିପାରୁନି । ନୂଆପଡ଼ା କୋମନା ଥାନା ଜଡ଼ାମୁଣ୍ଡା ଗାଁର ଚାଷୀ ନେପାଳ ମାଝୀ । ଟୋକନ ପାଇବାର ୨୪ ଦିନ ପରେ ବି ଧାନ ବିକ୍ରି କରି ପାରିନଥିଲେ । ଆଜି ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ନେପାଳ ଚଳିତ ରବିଋତୁରେ ୩ ଏକର ଧାନ ଓ ୨ ଏକରରେ ଚିନାବାଦାମ ଚାଷ କରିଥିଲେ । ଧାନ ବିକିବା ପାଇଁ ଗତ ମେ' ୩୦ରେ ଟୋକନ୍ ପାଇଥିଲେ । ପାଖାପାଖି ୩୭ କ୍ୱିଣ୍ଟାଲ୍ ଧାନ ବିକ୍ରି ପାଇଁ ପାଇଁ ଅନୁମତି ମିଳିଥିଲା । ହେଲେ ଧାନ ବିକ୍ରି ନହେବାରୁ ୩ ଛୁଆଙ୍କୁ ପାଠପଢ଼ା ଏବଂ ପରିବାର ଚଳାଇବାକୁ ନେଇ ଚିନ୍ତାଗ୍ରସ୍ତ ଥିଲେ । ଟ୍ରାକ୍ଟର, ଥେସର ମେସିନ ପାଉଣା ବି ବାକିଥିଲା । ସୋମବାର ଧାନ ବିକ୍ରି ଦାବିରେ ଚାଷୀମାନଙ୍କ ସହ ସିଏସଓ ଅଫିସ୍ ସମ୍ମୁଖରେ ସେ ଧାରଣା ଦେଇଥିଲେ । ହେଲେ ଘରକୁ ଫେରିବା ପରେ ବିଷ ପିଇ ଦେଇଥିଲେ । କେବଳ ନୂଆପଡା ନୁହେଁ ଏବେ ରାଜ୍ୟ ସବୁଠି ସ୍ଥିତି ସମାନ । ରବି ଧାନ ବିକିପାରୁନି ଚାଷୀ । ଜୁନ ୧୯ ତାରିଖରେ କଳାହାଣ୍ଡି କୋକସରା ବ୍ଲକ ତୁନଗାଁ ଉପ-ମଣ୍ଡି ଖୋଲିଥିଲେ ବି ଏଯାଏ ବସ୍ତାଏ ଧାନ ଉଠିନି । ୩୦୦ରୁ ଅଧିକ ଚାଷୀଙ୍କ ଧାନ ୫,୫୦୦ କୁଇଣ୍ଟାଲ ଧାନ କ୍ରୟ ଟୋକନ ଆସିଛି । ଆସନ୍ତାକାଲି ଟୋକନ୍ ଅବଧି ସରିବାକୁ ଯାଉଛି, କିନ୍ତୁ ଧାନ ବିକ୍ରି ହୋଇନି ।

◆◆ପୃଷ୍ଠା ୭

# ଓଡ଼ିଶା ମାନଚିତ୍ରରୁ ଲିଭିଯିବ କି 'ଶଙ୍ଖାମେଦୀ' ?

# : ସୀମାନ୍ତ ଗାଁକୁ ହାତେଇ ନେଲାଣି ପଶ୍ଚିମବଙ୍ଗ





ଭୁବନେଶ୍ୱର, ୨୩/୬ (ନି.ପ୍ର): ଦୀଘାରେ ଜଗନ୍ନାଥ ଧାମ ବିବାଦର ସମାଧାନ ହୋଇଥିବା ବେଳେ, ଅନତି ଦୂରରେ ଥିବା ସୀମାନ୍ତ ଗାଁ ଶଙ୍ଖାମେଦୀକୁ ନେଇ ପୁଣି ତେଜିଛି ଓଡ଼ିଶା-ପଶ୍ଚିମବଙ୍ଗ ବିବାଦ । ଓଡ଼ିଶା ପକ୍ଷରୁ ଏସ୍ଆଇଆର୍ ସର୍ଭେକୁ ଗାଁ ଲୋକେ ବିରୋଧ କରିବା ସହ, ପୂର୍ବରୁ ସେମାନେ ପଶ୍ଚିମବଙ୍ଗ ଏସ୍ଆଇଆରରେ ସାମିଲ ହୋଇ ଭୋଟ୍ ଦେଇସାରିଥିବା କହିଛନ୍ତି । ତେବେ ଓଡ଼ିଶାର ଗାଁରେ ପଶ୍ଚିମବଙ୍ଗ ଏସ୍ଆଇଆର୍ ସର୍ଭେ କରୁଥିବା ବେଳେ, ସ୍ଥାନୀୟ ପ୍ରଶାସନ କଣ ଶୋଇଥିଲା କି ବୋଲି ଉଠିଛି ପ୍ରଶ୍ନ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅନଳିଆ ପଞ୍ଚାୟତର ସୀମାନ୍ତ ଗାଁ ଶଙ୍ଖାମେଦୀ ।

◆◆ପୃଷ୍ଠା ୭

# ପୂରା ରାଜ୍ୟକୁ ଛୁଇଁଲା ମୌସୁମୀ

ଭୁବନେଶ୍ୱର, ୨୩/୬ (ନି.ପ୍ର): ପୂରା ରାଜ୍ୟକୁ ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ । ଜୁନ ୧୨ରେ ରାଜ୍ୟକୁ ଅଗ୍ରସର ହୋଇଥିଲା ମୌସୁମୀ । ଆଜି ସମ୍ପୂର୍ଣ୍ଣ ରାଜ୍ୟକୁ ହେଲା ଅଗ୍ରସର । ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ବେଳେ ଆଗକୁ ବଢ଼ିବା ପାଇଁ ସ୍ଥିତି ଅନୁକୂଳ ହୋଇଛି । ୪୮ ଘଣ୍ଟା ମଧ୍ୟରେ ସାରା ଓଡିଶା ଛୁଇଁଛି ମୌସୁମୀ । ଏହାସହ ରାଜ୍ୟରେ ଟ୍ରପ ଲାଇନ ସକ୍ରିୟ ରହିଛି । ଆହୁରି ୫ ଦିନ ଯାଏ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଛି । ଗତକାଲି ଭୁବନେଶ୍ୱର ଓ କଟକରେ ଝିପି ଝିପି ବର୍ଷା ହେଉଥିବା ବେଳେ ଆସନ୍ତା ୨୪ ଘଣ୍ଟାରେ ଅଧିକାଂଶ ଜିଲ୍ଲାର ବର୍ଷା ସମ୍ଭାବନା ରହିଛି । କୋରାପୁଟ, ରାୟଗଡା, କନ୍ଧମାଳ, ବରଗଡ଼ ଜଗତସିଂହପୁର, କେନ୍ଦ୍ରାପଡା ଭଦ୍ରକ ଓ ବାଲେଶ୍ୱର ଏହି ୮ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଆଜି ମାଲକାନଗିରି, କୋରାପୁଟ, ନବରଙ୍ଗପୁର ରାୟଗଡ଼ା ଓ ଗଜପତିରେ ପ୍ରବଳ ବର୍ଷା ସମ୍ଭାବନା ଅଛି । ଏହି ଜିଲ୍ଲାଗୁଡିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ୪୦ ରୁ ୫୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ । ଆସନ୍ତା ୨ ଦିନ ବର୍ଷା ପ୍ରଭାବରେ ୨ରୁ ୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇବ ।

◆◆ପୃଷ୍ଠା ୭

# ଠିକାଦାରଠୁ ୨ ଲକ୍ଷ ଲାଞ୍ଚ ନେଇ ଧରାପଡ଼ିଲେ ରାୟଗଡ଼ା ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ

ରାୟଗଡା, ୨୩/୬ (ନି.ପ୍ର): ଆଜି (ମଙ୍ଗଳବାର) ଜଣେ ଠିକାଦାର ଠାରୁ ୨ଲକ୍ଷ ଟଙ୍କା ଲାଞ୍ଚ ନେଇ ରାୟଗଡା ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ପଟନାୟକ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ବିଲ୍ କରାଇଦେବା ନିମନ୍ତେ ଜଣେ ଠିକାଦାରଙ୍କୁ ୨ ଲକ୍ଷ ଟଙ୍କା ଦାବି କରିଥିଲେ ନିର୍ବାହୀ ଯନ୍ତ୍ରୀ। ଏନେଇଠିକାଦାର ଜଣକ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ନିକଟରେ ଅଭିଯୋଗ କରିଥିଲେ। ଯୋଜନା ଅନୁସାରେ ଠିକାଦାର ଜଣକ ଉକ୍ତ ଟଙ୍କା ନିର୍ବାହୀ ଅଧିକାରୀଙ୍କ ଘରେ ନେଇ ଦେଇଥିଲେ। ଏହା ପରେ ରାୟଗଡା ଭିଜିଲାନ୍ସ ଡି ଏସ ପି ସୂର୍ଯ୍ୟକାନ୍ତି ଟାକ୍ରୀ ଓ ଡି ଏସ ପି ଅଭୟ ପ୍ରଧାନଙ୍କ ନେତୃତ୍ୱ ରେ ଛକି ବସିଥିବା ୧୦ଜଣିଆ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲେ। ନିର୍ବାହ ଯନ୍ତ୍ରୀଙ୍କ ଠାରୁ ରଙ୍ଗବୋଳା ଟଙ୍କା ମିଳିଥିଲା। ଏହାପରେ, ଆୟ ବହିର୍ଭୁତ ସମ୍ପତି ଠୁଳ ନେଇ ନୟାଗଡ଼ ଜିଲ୍ଲା ଏବଂ ଭୁବନେଶ୍ୱର ଠାରେ ମଧ୍ୟ ଚଢ଼ାଉ ଚାଲିଛି। ନିର୍ବାହୀ ଯନ୍ତ୍ରୀ ଚଳିତ ମାସରେ ଚାକିରିରୁ ଅବସର ନେଇଥାନ୍ତେ କିନ୍ତୁ ୭ ଦିନ ପୂର୍ବରୁ ଭିଜିଲାନ୍ସ ଜାଲରେ ପଡ଼ିଥିଲେ ଓ ସ୍ଥାନୀୟ କଂଟ୍ରାକଟର ମାନେ ମଧ୍ୟ ତାଙ୍କ ବିରୋଧରେ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ। ବର୍ତ୍ତମାନ ତଦନ୍ତ ଚାଲିଛି, ତଦନ୍ତ ସରିଲା ପରେ ତାଙ୍କ ସମ୍ପତି ସମ୍ପର୍କରେ ସୂଚନା ମିଳିବ ବୋଲି ଡି ଏସ ପି ସୂର୍ଯ୍ୟକାନ୍ତି ଟାକ୍ରୀ ସୂଚନା ଦେଇଛନ୍ତି ।

# ପ୍ରତିଶ୍ରୁତି ରକ୍ଷା ନକଲେ ଗମ୍ଭୀର ପରିଣାମ: ଟ୍ରମ୍ପ



ନୂଆଦିଲ୍ଲୀ,୨୩/୬ : ଶାନ୍ତି ଚୁକ୍ତିର ସଫଳତା ଓ ହର୍ମୁଜରୁ କଟକଣା ହଟିବା ଦାବି ଭିତରେ ଇରାନକୁ ଆଜି ଏକ ସ୍ପଷ୍ଟ ଓ କଠୋର ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଶାନ୍ତି ଚୁକ୍ତି ଅନୁଯାୟୀ ଯଦି ଇରାନ ନିଜର ପ୍ରତିଶ୍ରୁତି ରକ୍ଷା ନକରେ, ତେବେ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟ୍ରମ୍ପ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ହ୍ୱାଇଟ୍ ହାଉସର ଓଭାଲ୍ ଅଫିସରୁ ଗଣମାଧ୍ୟମକୁ ସମ୍ବୋଧନ କରି ଟ୍ରମ୍ପ କହିଛନ୍ତି ଯେ ବର୍ତ୍ତମାନର ଅସ୍ତ୍ରବିରତିର ସଫଳତା ସମ୍ପୂର୍ଣ୍ଣ ଭାବେ ଇରାନର ଆଚରଣ ଉପରେ ନିର୍ଭର କରେ। ଟ୍ରମ୍ପ କହିଛନ୍ତି, ଯେପର୍ଯ୍ୟନ୍ତ ସେମାନେ ଆମକୁ ସମ୍ମାନ ଦେବେ, ସବୁକିଛି ଠିକ୍ ଚାଲିବ।

◆◆ପୃଷ୍ଠା ୭


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

FACULTY RECRUIT-MENT | Lecture in all above Branches | Lab Technician in all above Branches | Clerk & Hostel Superin-tendent

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com


# କଂଗ୍ରେସ ସଂଗଠନରେ ବଡ଼ ଧରଣର ଅଦଳବଦଳ ସମ୍ଭାବନା



ନୂଆଦିଲ୍ଲୀ,୨୩/୬ : ଆଗାମୀ ବିଧାନସଭା ଓ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ପାଇଁ କଂଗ୍ରେସ ହାଇକମାଣ୍ଡ ଏକ ବଡ଼ ଧରଣର ସାଂଗଠନିକ ଅଦଳବଦଳ କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଦଳ ଭିତରେ ଥିବା ଆଭ୍ୟନ୍ତରୀଣ ଗୋଷ୍ଠୀବାଦକୁ ରୋକିବା ସହ ନୂତନ ଏବଂ ପ୍ରଭାବଶାଳୀ ନେତାଙ୍କୁ ସମ୍ମୁଖକୁ ଆଣିବା ପାଇଁ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ଏବଂ ଅନେକ ରାଜ୍ୟର ସାଂଗଠନିକ ସ୍ତରରେ ବ୍ୟାପକ ପରିବର୍ତ୍ତନର ଗୁଜବ ଏବେ ରାଜନୈତିକ ମହଲରେ ସରଗରମ ହୋଇଛି। ସୂତ୍ର ଅନୁସାରେ, ଏହି ପ୍ରକ୍ରିୟାରେ ପ୍ରାୟ ଚାରି ଜଣ କେନ୍ଦ୍ରୀୟ ସାଧାରଣ ସମ୍ପାଦକଙ୍କୁ ତାଙ୍କ ପଦବୀରୁ ହଟାଯାଇପାରେ ଏବଂ ଏହା ସହିତ ତିନିରୁ ଚାରୋଟି ପ୍ରମୁଖ ରାଜ୍ୟର ସଭାପତିଙ୍କୁ ମଧ୍ୟ ବଦଳାଯାଇପାରେ। ଶୃଙ୍ଖଳିତ ସଂଗଠନ ପାଇଁ ପ୍ରାୟ ୬ ରୁ ୭ ଟି ରାଜ୍ୟର ପ୍ରଭାରୀଙ୍କୁ ବଦଳାଇବା ସହ ବର୍ତ୍ତମାନ କାର୍ଯ୍ୟରତ ୬୨ ଜଣ ରାଜ୍ୟ ସମ୍ପାଦକଙ୍କ ତୁଳନାରେ ପ୍ରାୟ ୨୬ ଜଣ ଜାତୀୟ ସମ୍ପାଦକଙ୍କୁ ମଧ୍ୟ ଦାୟିତ୍ୱରୁ ମୁକ୍ତ କରାଯିବାର ଯୋଜନା ରହିଛି । ଏହି ସାଂଗଠନିକ ପରିବର୍ତ୍ତନ ପଛରେ ''ଜଣେ ବ୍ୟକ୍ତି ଜଣେ ପଦବୀ'' ନିୟମ ଏବଂ ନେତାମାନଙ୍କର ନୂତନ ସରକାରୀ ଦାୟିତ୍ୱ ଏକ ମୁଖ୍ୟ କାରଣ ସାଜିଛି। ସୂତ୍ର ଅନୁସାରେ, ହରିୟାଣା ପ୍ରଭାରୀ ବିକେ ହରିପ୍ରସାଦ ନିକଟରେ କର୍ଣ୍ଣାଟକ କଂଗ୍ରେସର ରାଜ୍ୟ ସଭାପତି ହୋଇଥିବାରୁ ତାଙ୍କ ସ୍ଥାନରେ ହରିୟାଣା ପାଇଁ ଜଣେ ନୂଆ ପ୍ରଭାରୀ କିମ୍ବା ସାଧାରଣ ସମ୍ପାଦକ ନିଯୁକ୍ତ କରାଯିବ। ସେହିପରି କେରଳରେ କଂଗ୍ରେସ ସରକାର ଗଠନ ହେବା ପରେ ମହାରାଷ୍ଟ୍ର ପ୍ରଭାରୀ ରମେଶ ଚେନ୍ନିଥାଲା ଏବଂ କେରଳ କଂଗ୍ରେସ ସଭାପତି ସନି ଯୋଶେଫ ମନ୍ତ୍ରୀ ପଦ ପାଇଛନ୍ତି, ଯାହାଫଳରେ ସେମାନଙ୍କ ସ୍ଥାନରେ ନୂଆ ମୁହଁଙ୍କୁ ଦାୟିତ୍ୱ ଦିଆଯିବ। ତାମିଲନାଡୁ ପ୍ରଭାରୀ ଗିରିଶ ଚୋଡଙ୍କରଙ୍କୁ ସମ୍ପ୍ରତି ଗୋଆର ରାଜ୍ୟ ସଭାପତି ଭାବେ ନିଯୁକ୍ତ କରାଯାଇଥିବାରୁ 'ଏଆଇସିସି' ଦାୟିତ୍ୱରୁ ତାଙ୍କର ବିଦାୟ ନିଶ୍ଚିତ ମାନାଯାଉଛି। ଏହା ସହିତ ଛତିଶଗଡ଼ ପ୍ରଭାରୀ ସଚିନ ପାଇଲଟ୍ ଏବଂ ରାଜସ୍ଥାନ ପ୍ରଭାରୀ ସୁଖଜିନ୍ଦର ସିଂହ ରନ୍ଧାୱାଙ୍କୁ ମଧ୍ୟ ସେମାନଙ୍କ

◆◆ପୃଷ୍ଠା ୭

# ଗୋପୋ ଗ୍ରାମରେ ଉଡ଼ନ୍ତା ଗୁଣ୍ଡୁଚିମୂଷା ଠାବ: ପ୍ରକୃତିପ୍ରେମୀଙ୍କ ପାଇଁ ଖୁସି ଖବର



ନୀଳଗିରି , ୨୩/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଔପଦା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦର ପଞ୍ଚାୟତର ଗୋପୋ ଗ୍ରାମରେ ଆଜି ଏକ ଦୁର୍ଲଭ ଉଡ଼ନ୍ତା ଗୁଣ୍ଡୁଚିମୂଷ (ଫ୍ଲାଇଙ୍ଗ ସ୍କୁଇରାଲ) ଦେଖାଯାଇଥିବା ଘଟଣା ପ୍ରକୃତିପ୍ରେମୀ ଓ ବନ୍ୟପ୍ରାଣୀ ଅନୁରାଗୀଙ୍କ ମଧ୍ୟରେ ଉତ୍ସାହସୃଷ୍ଟି କରିଛି। ସୂଚନା ମୁତାବକ ଗ୍ରାମର ମାୟାଧର ନାୟକଙ୍କ ଘରନିକଟରେ ଥିବା ନଡ଼ିଆଗଛରେ ଏହି ଦୁର୍ଲଭ ପ୍ରାଣୀଟିକୁ ଗଛରୁ ଗଛକୁ ଲମ୍ଫଦେଇ ଯାଉଥିବା ଦେଖାଯାଇଥିଲା। ସ୍ଥାନୀୟ ପରିବେଶପ୍ରେମୀ ତଥା ବନ୍ୟଜନ୍ତୁ ପର୍ଯ୍ୟବେକ୍ଷକ ମନୋରଞ୍ଜନ ଦାସ ନିଜ କ୍ୟାମେରାରେ ଏହାକୁ ସଫଳତାର ସହିତ କଏଦ କରିଥିଲେ।ଉଡ଼ନ୍ତା ଗୁଣ୍ଡୁଚିମୂଷା ସାଧାରଣ ଗୁଣ୍ଡୁଚିଙ୍କ ପରି ହେଲେ ମଧ୍ୟ ଏହାର ଶରୀରର ଆଗ ଓ ପଛଗୋଡ଼ ମଧ୍ୟରେଥିବା ଏକ ବିଶେଷ ଚର୍ମ ଝିଲ୍ଲୀ ଏହାକୁ ଗଛରୁ ଗଛକୁ ଭାସି ଯିବାର କ୍ଷମତା ପ୍ରଦାନ କରିଥାଏ। ଏହା ପକ୍ଷୀପରି ଉଡ଼େ ନାହିଁ, ବରଂ ବାୟୁରେ ଗ୍ଲାଇଡ୍ କରି ଏକଗଛରୁ ଅନ୍ୟଗଛକୁ ଯାଇଥାଏ। ସାଧାରଣତଃ ଏହି ପ୍ରାଣୀମାନେ ନିଶାଚର ହୋଇଥାନ୍ତି ଏବଂ ଦିନବେଳେ ଗଛର କୋଟର କିମ୍ବା ଘନପତ୍ର ଆଡ଼ରେ ଲୁଚି ରହିଥାନ୍ତି। ବନ୍ୟଜନ୍ତୁ ବିଶେଷଜ୍ଞ ମାନଙ୍କ ମତାନୁସାରେ, ଏହି ଉଡ଼ନ୍ତା ଗୁଣ୍ଡୁଚି ସମ୍ଭବତଃ କୁଲଡ଼ିହା ବନ୍ୟପ୍ରାଣୀ ଅଭୟାରଣ୍ୟରୁ ଖାଦ୍ୟ, ଆଶ୍ରୟ କିମ୍ବା ପ୍ରଜନନ ଉପଯୁକ୍ତ ପରିବେଶର ସନ୍ଧାନରେ ଏଠାକୁ ଆସିଥାଇପାରେ। କୁଲଡ଼ିହା ଅଭୟାରଣ୍ୟ ତାହାର ସମୃଦ୍ଧ ଜୈବବିବିଧତା ପାଇଁ ପ୍ରସିଦ୍ଧ ଏବଂ ଏଠାରେ ବିଭିନ୍ନ ପ୍ରକାରର ସ୍ତନ୍ୟପାୟୀ, ପକ୍ଷୀ ଓ ସରୀସୃପ ପ୍ରଜାତି ବାସ କରନ୍ତି। ଅଭୟାରଣ୍ୟ ସଂଲଗ୍ନ ଗ୍ରାମଗୁଡ଼ିକରେ ଏଭଳି ବନ୍ୟପ୍ରାଣୀଙ୍କ ଉପସ୍ଥିତି ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ଅଦୃଶ୍ୟ ସମ୍ପର୍କର ଏକ ଜୀବନ୍ତ ଉଦାହରଣ। ପରିବେଶପ୍ରେମୀ ମନୋରଞ୍ଜନ ଦାସଙ୍କ ମତଅନୁଯାୟୀ ଏହି ଉଡ଼ନ୍ତା ଗିଲିହାରିକୁ ଦେଖିବା ନିଶ୍ଚିତ ଭାବେ ଏକ ବିରଳ ଅନୁଭୂତି। ଯାହା ଅଞ୍ଚଳର ପ୍ରାକୃତିକ ପରିବେଶ ଏବେ ମଧ୍ୟ ବନ୍ୟଜନ୍ତୁଙ୍କ ପାଇଁ ଅନୁକୂଳ ରହିଛି।ଏହି ପ୍ରାଣୀଙ୍କ ସୁରକ୍ଷାପାଇଁ ସ୍ଥାନୀୟ ଲୋକଙ୍କ ସଚେତନତା ଅତ୍ୟନ୍ତ ଜରୁରୀ।

## ସନ୍ତୋଷପୁର ରାଜସ୍ୱ ପରିଦର୍ଶକଙ୍କ ବଦଳି

ଗଞ୍ଜାମ, ୨୩/୦୬ (ନି.ପ୍ର): ଶେରଗଡ ତହସିଲ ସନ୍ତୋଷପୁର ଆର୍ ଆଇ ମଧୁସୂଦନ ବିଷୋୟୀଙ୍କ ଆସିକା ତହସିଲକୁ ବଦଳି ହୋଇଥିବା ବେଳେ ସେହି ସ୍ଥାନକୁ ହିଞ୍ଜିଳି ତହସିଲରୁ ଆର ଆଇ ଅରବିନ୍ଦ ଦାସ ବଦଳି ହୋଇ ସନ୍ତୋଷପୁର ଆର ଆଇ ରୂପେ ଆଜି ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ହସ୍ତାନ୍ତର ବେଳେ ବରିଷ୍ଠ ସାମ୍ବାଦିକ ଡାକ୍ତର ହୃଷୀକେଶ ମହାନ୍ତିଙ୍କ ସମେତ କାର୍ଯ୍ୟ।ଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀ ବିଷୋୟୀ ସନ୍ତୋଷପୁରରେ ପ୍ରାୟ ପାଂଚ ବର୍ଷ ଧରି କାର୍ଯ୍ୟ କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଠିକ୍ ସେହିପରି ଶ୍ରୀ ଦାସ ମଧ ଦୀର୍ଘ ନଅବର୍ଷ ଧରି ହିଞ୍ଜିଳିକାଟୁ ତହସିଲ ର ବିଭିନ୍ନ ଅଂଚଳରେ ସୁନାମର ସହ କାର୍ଯ୍ୟ କରିଆସିଛନ୍ତି।

# ବ୍ୟାସକବି ନଗରରେ ବିଶ୍ୱ ଯୋଗଦିବସ ପାଳିତ



ବାଲେଶ୍ୱର, ୨୩/୦୬ (ନି.ପ୍ର): ବିଶ୍ୱ ଯୋଗଦିବସ ଅବସରରେ ସହଦେବଖୁଣ୍ଟାସ୍ଥିତ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ମନ୍ଦିର ପରିସରରେ ପରିଷଦର ପରିବାର ସଦସ୍ୟମାନଙ୍କୁ ନେଇ ରବିବାରଦିନ ସକାଳ ୬ଟାରୁ ଏକ ଯୋଗଶିବିର ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଅଦ୍ୱୈତ କୁମାର ମହାନ୍ତି ଓ କୋଷାଧକ୍ଷ ରଜତ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁସ୍ଥସମାଜ ପାଇଁ ମାନସିକ ଓ ଶାରିରୀକ ସୁସ୍ଥତା ନିମିତ୍ତ ଦୈନିକ ଯୋଗାଭ୍ୟାସ କରିବା ଉଚିତ ବୋଲି ଯୋଗଶିକ୍ଷକ ଶ୍ରୀଯୁକ୍ତ ନୀଳାଞ୍ଚଳ ବାରିକ କହିଥିଲେ। ପ୍ରାଚୀନ କାଳରେ ଆମ ଦେଶର ବହୁ ମୁନିଋଷି ଯୋଗାଭ୍ୟାସ ଦ୍ୱାରା ଦୀର୍ଘ ନିରାମୟ ଜୀବନଯାପନ କରିଥିବାର ସେ ଦୃଷ୍ଟାନ୍ତ ଦେଇଥିଲେ। ଭାରତବର୍ଷ ଆଜି ସମଗ୍ର ବିଶ୍ୱକୁ ଏହି ଯୋଗାଭ୍ୟାସର ଶିକ୍ଷା ପ୍ରଦାନ କରିଛି ଓ ମଣିଷ ଦୀର୍ଘ ଓ ସୁସ୍ଥ ନିରାମୟ ଜୀବନଶୈଳୀ ପାଇଁ ପ୍ରେରଣା ଦେଇଛି ବୋଲି ଶ୍ରୀଯୁକ୍ତ ବାରିକ ଶିବିରାର୍ଥୀମାନଙ୍କୁ ସୂଚନା ଦେଇଥିଲେ। ଗୋଟିଏ ଦିନ ନୁହେଁ ପ୍ରତ୍ୟହ ଏହି ଅଭ୍ୟାସପାଇଁ ସେ ପରାମର୍ଶ ଦେଇଥିଲେ। ବ୍ୟାସକବି ନଗରରେ ଥିବା ଦୁଇଟି ନିୟମିତ ଯୋଗକେନ୍ଦ୍ରର ମହିଳା ସଦସ୍ୟାମାନେ ବିଶ୍ୱ ଯୋଗଦିବସ ଅବସରରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରିଷଦର ବରିଷ୍ଠ ପୂର୍ବତନ କର୍ମକର୍ତ୍ତା ଅଖିଳ କୁମାର ଦାସ, ଇଂ. ଡମ୍ବରୁଧର ପ୍ରଧାନ ଦେବାଶିଷ ଦାସ ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଖୋର୍ଦ୍ଧାରେ ଆଇଟିବିପି କର୍ମଚାରୀଙ୍କ ଯୋଗ ପ୍ରଦର୍ଶନ



ଖୋର୍ଦ୍ଧା, ୨୩/୦୬ (ନି.ପ୍ର): ଜୁନ୍ ୨୧, ୨୦୨୬ ରେ, ୧୨ ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରି, ଆଇଟିବିପି ଆଞ୍ଚଳିକ ମୁଖ୍ୟାଳୟ (ଭୁବନେଶ୍ୱର) ଏବଂ ୪୧ତମ ବାଟାଲିୟନର କର୍ମଚାରୀମାନେ, ସେମାନଙ୍କ ପରିବାର ( ହାଭା ସଦସ୍ୟ) ସହିତ, ଖୋର୍ଦ୍ଧା (ଓଡିଶା) ସ୍ଥିତ ଆଇଟିବିପି କ୍ୟାମ୍ପସରେ ଯୋଗ ଅଭ୍ୟାସ କରିବା ପାଇଁ ଏକତ୍ରିତ ହୋଇଥିଲେ। ସେମାନେ ଏହି ବର୍ଷର ବିଷୟବସ୍ତୁ, 'ସୁସ୍ଥ ବୟସ୍କଙ୍କ ପାଇଁ ଯୋଗ'ର ବାର୍ତ୍ତା ଜନସାଧାରଣଙ୍କୁ ପ୍ରଚାର କରିଥିଲେ ଏବଂ ଆଧୁନିକ ଜୀବନର ବ୍ୟସ୍ତବହୁଳ ଗତି ମଧ୍ୟରେ ମାନସିକ ଏବଂ ଶାରୀରିକ ସୁସ୍ଥତା ବଜାୟ ରଖିବା ପାଇଁ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। ଯୋଗ ଅଧିବେଶନ ପ୍ରାର୍ଥନା ସହିତ ଆରମ୍ଭ ହୋଇଥିଲା, ତା'ପରେ ବିଭିନ୍ନ ଆସନ (ଭଙ୍ଗୀ) ପ୍ରଦର୍ଶନ କରାଯାଇଥିଲା, ଯେଉଁଥିରେ ସମସ୍ତେ ବହୁତ ଉତ୍ସାହ ଏବଂ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଶ୍ରୀ ସଂଜୀବ ରୋଲବା, ଡେପୁଟି ଇନ୍ସପେକ୍ଟର ଜେନେରାଲ (ଡିଆଇଜି), ଆଞ୍ଚଳିକ ମୁଖ୍ୟାଳୟ (ଭୁବନେଶ୍ୱର) ଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ଶ୍ରୀମତୀ ମଣିଶଙ୍କର ମଧ ଥିଲେ। କିରଣ ରୋଲବା (ମୁଖ୍ୟ କାର୍ଯ୍ୟନିର୍ବାହୀ, ହାଭା), ଶ୍ରୀ ବେଣୁଧର ନାୟକ (କମାଣ୍ଡାଣ୍ଟ, ୪୧ତମ ବାଟାଲିୟନ), ଶ୍ରୀ ଏ.ଏନ. ଦତ୍ତ (କମାଣ୍ଡାଣ୍ଟ/ଷ୍ଟାଫ୍, ଆରଏଚକ୍ୟୁ ଭୁବନେଶ୍ୱର), ଏବଂ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗକୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ପ୍ରତିଜ୍ଞା କରିଥିଲେ ଏବଂ 'ଯୋଗ ଅଭ୍ୟାସ କରନ୍ତୁ, ରୋଗମୁକ୍ତ ରୁହନ୍ତୁ' ମୂଳ ମନ୍ତ୍ରକୁ ସାକାର କରିବାକୁ ସଂକଳ୍ପ ନେଇଥିଲେ।

## ସାପ କାମୁଡ଼ାରେ ଯୁବ ଚାଷୀଙ୍କ ମୃତ୍ୟୁ

ବଲାଙ୍ଗିର, ୨୩/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗରେଇ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି।ମୃତକ ଜଣକ ହେଲେ ଜନ୍ମଜୟ ବାଗ ଓରଫ ଏକୁ(୨୫) । ସୂଚନା ଅନୁଯାୟୀ, ରାତିରେ ଜନ୍ମଜୟ ନିଜ ଚାଷ ଜମିରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। କିଛି ସମୟ ପରେ ମୁଣ୍ଡ ବୁଲାଇବା ସହ ଶରିରୀ ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ବଲାଙ୍ଗୀର ଭୀମ ଭୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।ମାତ୍ର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତଦେହ ଗ୍ରାମରେ ପହଂଚିବା ପରେ ଗରେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଜନ୍ମଜୟ ଅଂଚଳର ଜଣେ ଉଦୀୟମାନ ଚାଷୀ ଭାବେ ପରିଚିତ ଥିଲେ। ସେ ଚାଷ ବାସ ସମ୍ପର୍କିତ ବିଭିନ୍ନ ସୂଚନା ଓ ଆଧୁନିକ କୃଷି ପଦ୍ଧତିକୁ ନେଇ ସୋସିଆଲ ମିଡିଆରେ ପୋଷ୍ଟ କରୁଥିବାରୁ ଯୁବ ଚାଷୀଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ଥିଲେ।

# ବାଲେଶ୍ୱର କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି




ବାଲେଶ୍ୱର, ୨୩/୦୬ (ନି.ପ୍ର): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏଥିପାଇଁ ଗଠିତ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ ଗତ ବୈଠକର ବିବରଣୀ ପାଠ କରିଥିଲେ। ସଭାପତି ଡ. ପଣ୍ଡା ଗତ ମାସ ତା୨୦-୦୫-୨୦୨୬ ରିଖରେ ଔପଦା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ଗଣସଚେତନତା ସଭା ବହୁ ସଭ୍ୟ / ସଭ୍ୟାଙ୍କ ଉପସ୍ଥିତିରେ ହୋଇଥିଲା। ପଞ୍ଚାୟତ ସମିତି ବୈଠକରେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଓ ମାନ୍ୟବର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ତଥା ବୈଠକରେ ଉପସ୍ଥିତ ଥିବା ଉପାଧ୍ୟକ୍ଷ ଓ ଅଧ୍ୟକ୍ଷଙ୍କ ସମେତ ସମସ୍ତ ସମିତି ସଭ୍ୟ ଗହଣରେ ବି.ଡି.ଓ.ଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବାଲେଶ୍ୱରର ଏହି ନ୍ୟାଯ୍ୟ ଦାବିର ଏକ ସ୍ମାରକପତ୍ର ଦିଆଯାଇଥିଲା ବୋଲି ପ୍ରକାଶ କଲେ। ଇତିମଧ୍ୟରେ ବାଲେଶ୍ୱର ଜିଲ୍ଲାପରିଷଦ ଅଧ୍ୟକ୍ଷ ସହିତ ସଭାପତି ଡ. ପଣ୍ଡା ସାକ୍ଷାତ କରି ଜିଲ୍ଲାର ସମସ୍ତ ସମିତି ଓ ପଞ୍ଚାୟତର ବୈଠକମାନଙ୍କରେ କୃଷି ବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ବ୍ୟବସ୍ଥା କରିବା ନିମିତ୍ତ ଅନୁରୋଧ କରିଥିଲେ। ସେ ମଧ ଏଥିପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ ବାହାନଗା ବ୍ଲକ୍‌ରେ ଗଣଧାରଣା କରାଇବା, ଜିଲ୍ଲା ଯୋଜନାବୋର୍ଡ଼ ଅଧ୍ୟକ୍ଷଙ୍କୁ ସାକ୍ଷାତ କରିବା ଓ ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ଜୋନାଲ୍ ବୈଠକମାନ ଏବଂ ସାଙ୍ଗଠନିକ ବୈଠକ କରିବା ନିମିତ୍ତ ସ୍ଥିର କରାଗଲା ଏବଂ ଜିଲ୍ଲାର ସମସ୍ତ ବିଧାୟକଙ୍କ ସହ ସାକ୍ଷାତ ଆଲୋଚନା କରି ଆଗାମୀ ବିଧାନସଭା ଅଧିବେଶନରେ ଆମର ଦାବି ଉଠାଇବାକୁ ଅନୁରୋଧ କରିବା ପ୍ରସ୍ତାବ ନିଆହେଲା। ବରିଷ୍ଠ ସଭ୍ୟ ଡ. କ୍ଷିତୀଶ୍ୱର ଦାଶ, ମାୟାଧର ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଅନ୍ୟତମ ଉପସଭାପତି ଗୋବିନ୍ଦ ଚନ୍ଦ୍ର ଭୋଇ, ଡ. କାଳୀପଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମତ୍ସ୍ୟବିଜ୍ଞାନ କଲେଜ୍ ପ୍ରତିଷ୍ଠା ନିମନ୍ତେ ଉଦ୍ୟମ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ପୁନଃ ସାକ୍ଷାତ ଆଲୋଚନା ଇତ୍ୟାଦି କୃଷିବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ବୈଠକରେ ଲକ୍ଷ୍ମଣ ଚରଣ ବିଶ୍ୱାଳ, ରବିନାରାୟଣ ଭୋଳ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ଅକ୍ଷୟ କୁମାର ତ୍ରିପାଠୀ, ମାୟାଧର ବିଶ୍ୱାଳ, ରବି କୁମାର ପାଣିଗ୍ରାହୀ, ଡା. ତାରାକାନ୍ତ ନନ୍ଦ, ସୀତାରାମ ପ୍ରଧାନ ଓ ପୁରୁଷୋତ୍ତମ ବେହେରା ପ୍ରଭୃତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଉପସଭାପତି ହରନାରାୟଣ ମଲ୍ଲୁଆଳ ଧନ୍ୟବାଦ ଦେଇଥିଲେ।

# କିର୍ମିରା ବ୍ଲକରେ ବିଭିନ୍ନ ଗମନାଗମନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ ଟଙ୍କଧର ତ୍ରିପାଠୀ

ଝାରସୁଗୁଡ଼ା, ୨୩/୦୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର କିର୍ମିରା ବ୍ଲକ ଅଂଚଳରେ ଯୋଗାଯୋଗ ଏବଂ ଭିତିଭୂମିର ଉନ୍ନତି ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା କିର୍ମିରା ବ୍ଲକର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିବା ସହ ଅଂଚଳରେ ଗମନାଗମନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏହି ପ୍ରକଳ୍ପଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ପ୍ରକାଶ କରିଛନ୍ତି। କିର୍ମିରା ବ୍ଲକ ଅଧୀନରେ ୪ଟି ପ୍ରମୁଖ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ଆର.ଡି. ବିଭାଗ ଅଧୀନରେ ପ୍ରାୟ ୪ଟି ପ୍ରମୁଖ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢ଼ୀକରଣ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜୁନାପାଲିରୁ ଜାମକାନି ରାସ୍ତା, ରାଜ୍ୟ ଯୋଜନା ଅଧୀନରେ ଝାରମାଲରୁ କିର୍ମିରା ଭାୟା ବିଦମାଲ ରାସ୍ତା, କୋଲାପଡ଼ାରୁ ଭୀମଜୋର ଆର.ଡି. ରାସ୍ତା ଭାୟା ସୁୟାନପଡ଼ା ଏବଂ ଠାକୁରପଡ଼ାରୁ ଲୁଡ଼ାପଡ଼ା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସାମିଲ ରହିଛି। ଏହି ସମସ୍ତ ରାସ୍ତା ନିର୍ମାଣ ହେବା ଫଳରେ ସ୍ଥାନୀୟ ଗ୍ରାମାଚଂଳର ବହୁ ଲୋକ ଉପକୃତ ହେବେ। ଆଜିର ଏହି ଭିତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବହୁ ବିଭାଗୀୟ ଅଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏଥିରେ ବିଭାଗୀୟ ଅଧିକାରୀ ଜେ. କେ. ମେହେର, ଏସ.ଡି.ଓ ବନମାଳୀ ନାଏକ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ମଣ୍ଡଳ ସଭାପତି ଉଦ୍ଧବ ସିଂ ନାଏକ, ବିଶିଷ୍ଟ ନେତା ବାବୁଲା କିସାନ, ଝସକେତନ ପ୍ରଧାନ, ଯାମିନୀକାନ୍ତ ନାଏକ, ସନ୍ଦୀପ ପଟେଲ, ପ୍ରଦୀପ କିସାନ, ଶୁଭମ ସାହୁ, ବିକ୍ରମ କିସାନ, ପବନ ଶର୍ମା, ବିକି ଶର୍ମା, ହେମନ୍ତ ଜାମଧୁଲିଆ, ନିରଞ୍ଜନ ପ୍ରଧାନ, ଦଶରଥ ନାଏକ, ଅନିଲ ଖଡିଆ, ଯଶୋବନ୍ତି କିସାନ ଏବଂ କବିତା ଜୟପୁରିଆଙ୍କ ସମେତ ସ୍ଥାନୀୟ ବହୁ ବ୍ୟକ୍ତି ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ମାଲକାନଗିରିରେ ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରଶିକ୍ଷଣ ଓ ବିଚାର ବର୍ଗ ଅନୁଷ୍ଠିତ

ମାଲକାନଗିରି , ୨୩/୦୬ (ନି.ପ୍ର): ସ୍ୱଦେଶୀ ଚେତନାକୁ ଆଧାର କରି ସ୍ୱାବଲମ୍ବୀ ଜିଲ୍ଲା ଓ ସ୍ୱାବଲମ୍ବୀ ଭାରତ ଗଠନ ପାଇଁ ଯୁବ ସମାଜ, ମହିଳା ଉଦ୍ୟୋଗୀ ଓ କୁଟୀର ଉଦ୍ୟୋଗୀମାନଙ୍କୁ ସ୍ୱରୋଜଗାର ଦିଗରେ ଆଗ୍ରହୀ କରିବା ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି ଓ ସ୍ୱଦେଶୀ ଜାଗରଣ ମଞ୍ଚ – ସ୍ୱାବଲମ୍ବୀ ଭାରତ ଅଭିଯାନ,ମାଲ୍ୟବନ୍ତଗିରି ଜିଲ୍ଲା ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ବିଚାର ବର୍ଗର ସମାରୋହରେ ଏହି ଆହ୍ୱାନ ଦିଆଯାଇଛି । ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ରବୀନ୍ଦ୍ର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱଦେଶୀ ଆଧାରିତ ଅର୍ଥନୀତି ଓ ସ୍ୱରୋଜଗାର ମାଧ୍ୟମରେ ଦେଶକୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ସଂଘର କୋରାପୁଟ ବିଭାଗ ପ୍ରଚାରକ ମହେଶ୍ୱର ଭତ୍ରା ଏବଂ ପ୍ରାନ୍ତ ପୂର୍ଣ୍ଣକାଳୀନ ଅଭୟ ପ୍ରସାଦ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଦେଶୀ ଉତ୍ପାଦର ବ୍ୟବହାର, ସ୍ଥାନୀୟ ସମ୍ପଦର ସଦୁପଯୋଗ ଏବଂ ଯୁବ ପିଢ଼ୀଙ୍କ ମଧ୍ୟରେ ସ୍ୱରୋଜଗାର ପ୍ରତି ଆଗ୍ରହ ବୃଦ୍ଧି କରିବା ଦିଗରେ ଆହ୍ୱାନ ଜଣାଇଥିଲେ।

# ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଓ ଫକୀର ମୋହନ କଲେଜ ଆଲୁମିନି ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ




ବାଲେଶ୍ୱର , ୨୩/୦୬ (ନି.ପ୍ର): ଏଫଏମ ଆଲମୁନି ଓ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ମିଳିତ ଆନୁକୂଲ୍ୟରେ ବିବିସିସି ବ୍ୟାଙ୍କ୍‌ର କନଫରେନ୍ସ ହଲ୍ ରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏଇ ଶିବିରରେ ବିଏମଡି ଟେଷ୍ଟ ପାଇଁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆସି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବିଏମଡି ଟେଷ୍ଟ ରିପୋର୍ଟ ଦେଖି ଆଲୁମିନି ର ସଭାପତି ଡାକ୍ତର ପ୍ରଭାତ ଚୌଧୁରୀ ପ୍ରେସକ୍ରିପସନ କରି ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ଶିବିର ଆୟୋଜନ ପ୍ରାରମ୍ଭରେ ଏକ ସ୍ୱାସ୍ଥ୍ୟ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ୍‌ର ସଭାପତି ଶ୍ରୀ ଗଣେଶ ମହାପାତ୍ରଙ୍କ ପୌରୋହିତ ରେ ସଭାରେ ଡାକ୍ତର ପ୍ରଭାତ ଚୌଧୁରୀ, ଅନିଲ ପଟ୍ଟନାୟକ, ନିର୍ଦ୍ଦେଶିକା ଅନିତା ଭୂୟାଁ, ଡିଜିଏମ ହିମାଂଶୁ ଶେଖର ଦାସ, ଏଜିଏମ ବ୍ରଜ କିଶୋର କର, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ର ବକ୍ତବ୍ୟ ରଖିଥିଲେ। ଡାକ୍ତର ଚୌଧୁରୀ ବିଏମଡି ଟେଷ୍ଟ କରି ବାର ଉଦ୍ଦେଶ୍ୟ ବିଶଦ ଭାବେ ଆଲୋଚନା କରିଥିଲେ। ଓଷ୍ଟୋପରେସିସ୍, ଓଷ୍ଟୋପେନିଆ ଇତ୍ୟାଦି ଭଳି ବୋନ୍‌ରେ ଦେଖାଗଲେ ଆମର ଅସ୍ଥି କୁ କିପରି କ୍ଷତି ପହୁଞ୍ଚାଇ ଶରୀର ବିଭିନ୍ନ ଜଏଣ୍ଟ ପେନ୍ କରି ଯେ କେବଳ ପଙ୍ଗୁ କରିଦିଏ ତାହା ନୁହେଁ ବରଂ ରକ୍ତ ସଞ୍ଚାଳନ ରେ ବାଧା ସୃଷ୍ଟି କରି ହାର୍ଟ ସମସ୍ୟା ମଧ୍ୟ ସୃଷ୍ଟି କରେ ତାହା ର ଏକ ବିସ୍ତୃତ ଆଲୋଚନା କରିଥିଲେ ଓ ମେଡିସିନ ସେବନ ଦ୍ୱାରା ଉପଶମ ହୋଇ ପାରିବ ବୋଲି ସଚେତନ ଧର୍ମୀ ମୁଲ୍ୟବନ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୁମିନି ର ଉପସଭାପତି ଶ୍ରୀ ଅନିଲ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।ଏଥିରେ ବ୍ୟାଙ୍କ୍‌ର ଅନେକ କର୍ମ ଚାରୀ ସହିତ ଆଲୁମିନି ର ଶ୍ରୀ ଶତ୍ରୁଘ୍ନ ମଲିକ୍, ରାମ ଚନ୍ଦ୍ର ସେଠୀ, ପୀତାମ୍ବର ଦାସ, ଦେବାଶିଷ ପାଣି, ଅକ୍ଷୟ ତ୍ରିପାଠୀ ପ୍ରମୁଖ ସ୍ୱାସ୍ଥ୍ୟ ଶିବିର କୁ ପରିଚାଳନା କରିଥିଲେ

# ପିଲା କଳିକୁ ନେଇ ଆକ୍ରମଣ: ଜଣେ ମୃତ, ୩ ଗୁରୁତର

କନ୍ଧମାଳ, ୨୩/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଡ୍ରୁକୁମ୍ପା ପଂଚାୟତର ବଡମାସ୍କା ଗାଁ ରେ ଘଟିଛି ଏକ ଅଭବନୀୟ ଘଟଣା। ପିଲାମାନଙ୍କ କଳିକୁ କେନ୍ଦ୍ର କରି ଆକ୍ରମଣରୁ ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଏହି ଘଟଣାରେ ଆଉ ତିନି ଜଣ ଗୁରୁତର ଭାବେ ଆହତ ହୋଇ ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଡ୍ରୁକୁମ୍ପା ପଂଚାୟତର ବଡମାସ୍କା ଗାଁ ରେ ପିଲାମାନଙ୍କ ମଧ୍ୟରେ କୌଣସି କାରଣବଶତଃ ଝଗଡା ଓ ମାରପିଟ ହୋଇଥିଲା । ଆଜି ଘଟଣାର ବୁଝାମଣା କରିବା ପାଇଁ ଗୋଟିଏ ପରିବାର ସଦସ୍ୟ ଓ ସଦସ୍ୟା ମାନେ ବଡମାସ୍କା ଗାଁ ରେ ପହଂଚିଥିଲେ। ସେମାନଙ୍କୁ ଦେଖି ଅପରପକ୍ଷର କିଛି ଯୁବକ ଟାଙ୍ଗିଆ ଏବଂ ଅନ୍ୟାନ୍ୟ ଧାରୁଆ ଅସ୍ତ୍ରରେ ସେମାନଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ବୁଝାମଣା କରିବାକୁ ଆସିଥିବା ପରିବାରର ଅକ୍ରୁର ବେହେରାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ଓ ବାଇଧର ବେହେରା, ସୁଜାତା ବେହେରା ଓ ଗାୟତ୍ରୀ ବେହେରା ଗୁରୁତର ଭାବେ ଆହତ ହୋଇଥିଲେ। ଆହତ ମାନଙ୍କୁ ଗାଁ ଲୋକଙ୍କ ସହାୟତାରେ ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ଫୁଲବାଣୀ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଫୁଲବାଣୀ ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ବଡମାସ୍କା ଗାଁ କୁ ଯାଇ ଘଟଣାର ସରଜମିନ୍ ତଦନ୍ତ କରିଛନ୍ତି ।

# ବସୁଧା ଉତ୍ପାଦିକାଗୋଷ୍ଠୀ ତରଫରୁ ବୃକ୍ଷରୋପଣ



ନୀଳଗିରି , ୨୩/୦୬ (ନି.ପ୍ର): ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ସନ୍ତରାଗଡିଆ ଗ୍ରାମର ବସୁଧା ଉତ୍ପାଦିକା ଗୋଷ୍ଠୀ ତରଫରୁ ଜୁରିଆପାଟଣା ଗ୍ରାମର ଖୁମକୁଟ ଗୋଡ଼ିଖୋଳା ରାସ୍ତାର ଉଭୟ ପାର୍ଶ୍ୱରେ ଉତ୍ପାଦିକା ଗୋଷ୍ଠୀର ସଦସ୍ୟା ଏବଂ ଜୁରିଆପାଟଣା ଗ୍ରାମର ଗ୍ରାମବାସୀଙ୍କ ସହାୟତାରେ ବୃକ୍ଷ ରୋପଣ କରାଯାଇଛି।ଉତ୍ପାଦିକା ଗୋଷ୍ଠୀର ଏଲଏସପି ଅରୁଣା ବାରିକ, ସମ୍ପାଦିକା ସଂଯୁକ୍ତା ଦଳପତି, କ୍ଷଣପ୍ରଭା ଜେନା, ସସ୍ମିତା ପରିଡା, କୌଶଲ୍ୟା ମଳିକ, ତାରାମାଣୀ ଜେନା, ସୁଶିଳା ମଳିକ, ଜାନକୀ ମଳିକ, ତିଳୋତ୍ତମା ମଳିକ, ସଞ୍ଜୁଲତା ମଳିକ, ସୁମ ମଳିକ ବୃକ୍ଷରୋପଣରେ ସାମିଲ ଥିବାବେଳେ ଜୁରିଆପାଟଣା ଗ୍ରାମର ମାନସ ମଳିକ ସହଯୋଗ କରିଥିଲେ। ବିଗତ ୩ବର୍ଷ ଧରି ବସୁଧା ଉତ୍ପାଦିକା ଗୋଷ୍ଠୀ ତରଫରୁ ଜୁନମାସରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲିଆସୁଥିବା ବେଳେ ଆଗାମୀ ବର୍ଷମାନଙ୍କରେ ମଧ୍ୟ ଅଧିକ ବୃକ୍ଷରୋପଣ କରିବାପାଇଁ ଯୋଜନା ଥିବା ଗୋଷ୍ଠୀ ତରଫରୁ ସୂଚନା ମିଳିଛି।

# ବୌଦ୍ଧିକ ବିକାଶ : ଆନନ୍ଦମୟ ପୂର୍ଣ୍ଣାଙ୍ଗ ଜୀବନ

**ଡକ୍ଟର ସୁରେଶ କୁମାର ନାୟକ**

ପିଲାମାନେ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼େ, ଏହା ରାତାରାତି କେଉଁ ଆକାଶରୁ ଖସି ପଡ଼ିନଥାଏ କିମ୍ବା ଯାଦୁବିଦ୍ୟା ଦ୍ୱାରା ସମ୍ଭବ ହୋଇନଥାଏ। ମାତ୍ର କେତେକ ଅଛନ୍ତି ଯେଉଁମାନେ ନିଜ ବୁଦ୍ଧି ବଳରେ ହିଁ ସହଜରେ ବୃଦ୍ଧିମତ୍ତା ଏପରି ପ୍ରକୃତିଦତ୍ତ ଲକ୍ଷଣ। ଆଉ ଜନ୍ମରୁ ହିଁ ଜଣକର ମାନସିକ ଦକ୍ଷତା ଜଣାପଡ଼ି ଯାଇଥାଏ। କିନ୍ତୁ ଏହା ବ୍ୟତୀତ ଉଦ୍ୟମ ବଳରେ ପିଲାମାନେ ମଧ୍ୟ ନିଜ ବୌଦ୍ଧିକ ବିକାଶ କରିପାରିବେ। ଅନ୍ୟମାନଙ୍କ ଆଗରେ ନିଜ ଦକ୍ଷତା ପ୍ରଦର୍ଶନ କରିବାକୁ ହେଲେ ବୌଦ୍ଧିକ ବିକାଶ ନିହାତି ଜରୁରୀ। ଏଥିପାଇଁ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ସେ ନେଇ ଜାଣିବା ଜରୁରୀ। ବୌଦ୍ଧିକ ଚେତନା ପିଲାମାନଙ୍କୁ ଯେତିକି ବିକଶିତ କରିଥାଏ ସେତିକି ଜୀବନର ଆହ୍ୱାନକୁ ଗ୍ରହଣ କରିବା ପାଇଁ ରାସ୍ତା ପ୍ରଶସ୍ତ କରିଥାଏ।

ବୁଦ୍ଧିର ବିକାଶ ପାଇଁ ସବୁଠି ବେଶୀ ଗୁରୁତ୍ୱପୂର୍ଣ୍ଣ ହେଉଛି ଅଭ୍ୟାସ। ଯେ କୌଣସି ପିଲା ଅଭ୍ୟାସ ବଳରେ ସବୁ କିଛି ହାସଲ କରିପାରିବ। ସେଥିପାଇଁ କୁହାଯାଏ ଅଭ୍ୟାସ ବଳେ ସବୁ ଗ୍ରନ୍ଥ, ପଢ଼ି ହୋଇବ ଜ୍ଞାନବନ୍ତ। ତେଣୁ ଛାତ୍ରଛାତ୍ରୀମାନେ ବୁଝିପାରୁ ନଥିବା ବିଷୟକୁ ବାରମ୍ବାର ପଢ଼ିବା ଦ୍ୱାରା ନିଶ୍ଚିତ ଭାବେ ତାହା ବୋଧଗମ୍ୟ ହୋଇଥାଏ। କେବଳ ପାଠ ନୁହେଁ କୌଣସି କାମ ପାଇଁ ନିରନ୍ତର ଅଭ୍ୟାସ କରିବା ଫଳରେ ସଫଳତା ନିଶ୍ଚୟ ମିଳିଥାଏ। ତେଣୁ ନିଜର ଜ୍ଞାନ ବଢ଼ାଇବାକୁ ଚାହୁଁଥିଲେ ପ୍ରତିକ୍ଷେତ୍ରରେ ଅଭ୍ୟାସ ହିଁ ସର୍ବପ୍ରଥମ ମାର୍ଗ। ସବୁ କାଠକୁ ଠିକ ସମୟ ଭିତରେ ପୂରା କରନ୍ତି। ବୁଦ୍ଧିମାନ ପିଲାଙ୍କର ଏହା ଏକ ଉତ୍ତମ ଲକ୍ଷଣ। ଯେଉଁ କାମ ପାଇଁ ଯେତିକି ସମୟ ଆବଶ୍ୟକ ସେହି ଅନୁସାରେ କାମ କରିବା ଦରକାର। ଫଳରେ ଅନ୍ୟ ସମୟରେ ନୂଆ କିଛି କାମ କରିପାରିବେ କିମ୍ବା କୌଣସି କ୍ରିଏଟିଭି କାମ କରିବା ପାଇଁ ବି ସୁଯୋଗ ପାଇପାରିବେ।

ଘରେ ହେଉ କି ସ୍କୁଲରେ ସବୁ ସ୍ଥାନରେ ପ୍ରଥମେ ଅନ୍ୟର କଥାକୁ ଭଲ ଭାବେ ଶୁଣନ୍ତୁ। କଥାକୁ ଭଲ ଭାବେ ଶୁଣିବା ପରେ ହିଁ କୌଣସି ବିଷୟକୁ ବୁଝିବା ସହଜ ହୋଇଥାଏ। ପିଲାଙ୍କର ଏଭଳି ଗୁଣ ସେମାନଙ୍କୁ ଅନେକ ଗୁଡ଼ିଏ କଥା ଜାଣିବାକୁ ପାଇଁ ସୁଯୋଗ ଦେଇଥାଏ। ଫଳରେ ସେମାନେ ବୁଦ୍ଧିମାନ ହୋଇପାରନ୍ତି। ସେଥିପାଇଁ ପାଠ ପଢ଼ାଇବା ସମୟରେ ଶିକ୍ଷକଙ୍କ କଥାକୁ ଭଲ ଭାବେ ଶୁଣିବା ପାଇଁ ପିଲାଙ୍କୁ ପରାମର୍ଶ ଦିଆଯାଏ। ଯେଉଁମାନେ ଭଲ ଭାବେ ଶିକ୍ଷକ ବୁଝାଉଥିବା ପାଠକୁ ଶୁଣନ୍ତି ସେମାନେ ସହଜରେ ବୁଝିପାରନ୍ତି ଏବଂ ମନେ ରଖିପାରନ୍ତି।

ନିଜର ବୁଦ୍ଧି ବଢ଼ାଇବା ପାଇଁ ଚାହୁଁଥିଲେ ସବୁ ସ୍ଥାନ କିମ୍ବା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରନ୍ତୁ। ବିଶେଷକରି ଶ୍ରେଣୀଗୃହରେ ପାଠପଢ଼ା ହେଉଥିବା ସମୟରେ ସେଠାରେ ଅନ୍ୟମନସ୍କ ହୁଅନ୍ତୁ ନାହିଁ। ବରଂ କୌଣସି ବିଷୟରେ ପାଠପଢ଼ାବେଳେ କିଛି ଅବୁଝା ରହିଗଲେ ତୁରନ୍ତ ପ୍ରଶ୍ନ ପଚାରନ୍ତୁ। ସବୁ ବିଷୟର ଅଧିକ ଜାଣିବାର ଆଗ୍ରହ ପିଲାଙ୍କ ବୁଦ୍ଧିକୁ ବଢ଼ାଇଥାଏ। ତେଣୁ ପ୍ରଶ୍ନ ପଚାରିବାର କଳା ଜାଣି ପାରିଲେ ପଲାମାନେ ସବୁ ବିଷୟରେ ଅଧିକ ଜ୍ଞାନ ହାସଲ କରିପାରିବେ। ବୁଦ୍ଧି ବଢ଼ାଇବାର ଅନ୍ୟ ଏକ ମାଧ୍ୟମ ହେଉଛି ଲକ୍ଷ୍ୟ ସ୍ଥିର କରିବା ବା ନିଜର ଏକ ଟାର୍ଗେଟ କରିବା। ପାଠପଢ଼ାରେ ହେଉ କି ଅନ୍ୟ କୌଣସି କ୍ଷେତ୍ରରେ କାମ କରିବାକୁ ଯାଥିଲେ ପ୍ରଥମେ ଟାର୍ଗେଟ କରି କାମ କରନ୍ତୁ। ଅର୍ଥାତ୍ କେଉଁ ସମୟ ମଧ୍ୟରେ କେତିକି କାମ କରିବେ ସେଥିପାଇଁ ପ୍ରଥମେ ଯୋଜନା କରନ୍ତୁ। ଆଉ ଯୋଜନା ଅନୁସାରେ କାମ ପୂରା କରିବା ନିମନ୍ତେ ପରିଶ୍ରମ କରନ୍ତୁ। ବିଦ୍ୟାର୍ଥୀମାନେ ଯଦି ସମୟ ଅନୁସାରେ କେତିକି କାମ କରିବେ ତାହା ସ୍ଥିରକରିନେବେ ତା'ହେଲେ ଅଧିକ ଜ୍ଞାନ ହାସଲ କରିପାରିବେ।

ପଢ଼ିବା, ଲେଖିବା କିମ୍ବା ଚିତ୍ର କରିବା ଆଦି କେଉଁ କ୍ଷେତ୍ର ଆପଣଙ୍କୁ ଅଧିକ ପସନ୍ଦ ହେଉଛି ତାହା ସ୍ଥିର କରନ୍ତୁ। ନିଜେ କେଉଁ ବିଷୟରେ ଜାଣିବାକୁ ଚାହୁଁଛନ୍ତି ଏବଂ କେଉଁ କ୍ଷେତ୍ରରେ ଆପଣ ନିଜ ଭବିଷ୍ୟତ ଗଢ଼ିବାକୁ ଚାହୁଁଛନ୍ତିତାହା ଲେଖି ରଖନ୍ତୁ। ପ୍ରତିଦିନ ଖବର କାଗଜ ପଢ଼ନ୍ତୁ ଓ କିଛି ନୂଆ ଚିନ୍ତା କରନ୍ତୁ। ଯାହା ପଢୁଛନ୍ତି ଅଥବା ଭାବୁଛନ୍ତି ସେ ସବୁ ଲେଖି ରଖନ୍ତୁ। କିଛି ଗପ କିମ୍ବା ଗୀତ ଲେଖିବାର ଅଭ୍ୟାସ କରନ୍ତୁ। ଟିଭି କିମ୍ବା ଫୋନରେ ଶିକ୍ଷା ସମ୍ବନ୍ଧୀୟ ଭିଡ଼ିଓ ଦେଖନ୍ତୁ। ନିଜ ଭାବନାକୁ ଲେଖି ରଖନ୍ତୁ କିମ୍ବା ଅନ୍ୟ ମାନଙ୍କ ସହ ଶେୟାର କରନ୍ତୁ। ନିଜ ଠାରୁ ଅଧିକ ସ୍ମାର୍ଟ ପିଲାଙ୍କ ସହିତ ଅଧିକ ସମୟ କଟାନ୍ତୁ। ନୂଆ ନୂଆ ସ୍ଥାନ ବୁଲିବାକୁ ଯାଆନ୍ତୁ ଓ ଅଧିକ ଲୋକଙ୍କ ସହ ମିଶି କଥାବାର୍ତ୍ତା କରନ୍ତୁ। ଚେସ କିମ୍ବା ବିଭିନ୍ନ ପ୍ରକାର ଫଜଲ ଗେମ ଖେଳନ୍ତୁ। ବେଳେ ବେଳେ କିଛି କାମ ନକରି ନୀରବ ହୋଇ ବସନ୍ତୁ। ଯୋଗ, ଧାନ ଓ ବ୍ୟାୟାମ କରନ୍ତୁ। ସନ୍ତୁଳିତ ଆହାର ନିଅନ୍ତୁ ଓ ଭଲ ନିଦରେ ସାତରୁ ଆଠଘଣ୍ଟା ଶୁଅନ୍ତୁ।

ବୌଦ୍ଧିକ ବିକାଶ ପଛରେ ଅନ୍ତର୍ନିହିତ ଜୀବନଚେତନା ରହିଛି। ଏହାକୁ ଏକ ହଲକା କଥା ବୋଲି ଗୁରୁତ୍ୱହୀନ ଭାବି ଆଦୌ ବିଚାର କରନ୍ତୁ ନାହିଁ। ବିଦ୍ୟାଳୟ ପରେ ପିଲାଟିର ଅଧିକାଂଶ ସମୟ ବିତିଥାଏ ଘରେ। ପିଲାଟିକୁ ଜୀବନର ପ୍ରାରମ୍ଭରୁ ବସ୍ତୁବାଦୀ ଭିତରକୁ ନ ଠେଲି ନୀତି, ନୈତିକତା, ଆଧାତ୍ମିକତାର ଶିକ୍ଷା ଦିଅନ୍ତୁ। ପିଲାଟି ଖୁବ କମ ବର୍ଷ ବୟସରୁ ମାନବୀୟ ମୂଲ୍ୟବୋଧ ଶିକ୍ଷା କରୁ ଜଗତ ଈଶ୍ୱରଙ୍କ ଠାରୁ ଭିନ୍ନ ନୁହେଁ। ସକଳ ବସ୍ତୁରେ ସମସ୍ତଙ୍କ ଭିତରେ ସକଳ ଜୀବନକୁ ଆନନ୍ଦମୟ କରିବା ପାଇଁ ସେ ଯେପରି ପ୍ରତିଟି ଆହ୍ୱାନକୁ ଗ୍ରହଣ କରେ ସେ ଶିକ୍ଷା ଦେବାର ଦାୟିତ୍ୱ ବାପ-ମାଆଙ୍କର। ଜୀବନ ହିଁ ଧର୍ମ, ସ୍ୱାର୍ଥ ତ୍ୟାଗ ହିଁ ଜୀବନ। ସତ୍ୟ, ନ୍ୟାୟ, ପ୍ରେମ, ପବିତ୍ରତା, ପୂଣ୍ୟ ଓ ସଦାଚାରରେ ବ୍ରତୀ ହୋଇ ପ୍ରାର୍ଥନା ଓ ଧ୍ୟାନକୁ ଧର୍ମର ଦୁଇଟି ପ୍ରଧାନ ସ୍ତମ୍ଭ ଭାବେ ପିଲାଟି ଜୀବନରେ ଶିକ୍ଷା ଲାଭ କରୁ। ଜୀବନର ବୌଦ୍ଧିକ ବିକାଶ କ୍ଷେତ୍ରରେ ପ୍ରତିଟି ଆନନ୍ଦମୟ ଶିକ୍ଷା କେବଳ ନିଜ, ଘର ପରିବାର ପାଇଁ ବନ୍ଧୁବର୍ଗଙ୍କ ପାଇଁ ଠାରୁ ସବୁଠାରୁ ବଡ଼। ଏ ମହାନ ସମାଜ ପ୍ରତି ତାର ଦାୟିତ୍ୱବୋଧ। ଶାଶ୍ୱତ, ଆନନ୍ଦମୟ ଜୀବନ ଭିତରେ ବୌଦ୍ଧିକ ଚେତନା ନିଖୁଣ ହେଲେ ପିଲାଟିର ଜୀବନ ପୂର୍ଣ୍ଣାଙ୍ଗ ହେବ।

ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ,
ମୋ : ୯୪୩୭୨୨୫୫୯୨

# ହେତୁବାଦ ବିନା ସଭ୍ୟତାର ବିକାଶ ଅସମ୍ଭବ

**ଅଧ୍ୟାପକ ଗୋପବନ୍ଧୁ**





ଗୁମ୍ଫା ଓ ବୃକ୍ଷ କୋରଡରେ ବସବାସ କରୁଥିବା ମନୁଷ୍ୟ ଦୀର୍ଘ ପଥ ଅତିକ୍ରମ କରି ଆଜି ଆଧୁନିକ ସଭ୍ୟତାରେ ପହଞ୍ଚିଛି। ତାକୁ ଆଜି ସୁସଭ୍ୟ ବୋଲି କୁହାଯାଉଛି। ଏହି ସୋପାନରେ ପହଞ୍ଚିବା ପାଇଁ ତାକୁ ବହୁ ବୌଦ୍ଧିକ ସଂଘର୍ଷର ସମ୍ମୁଖୀନ ହେବାକୁ ପଡିଛି। ଏ ସଂଘର୍ଷ ଘଟିଛି ହେତୁବାଦୀ ଧାରଣା ଓ ଅନ୍ଧବିଶ୍ୱାସ ମଧ୍ୟରେ। ଆଦିମାନବ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ଥିଲା। ତା ମନରେ କ୍ରମେ ଜିଜ୍ଞାସାଭାବ ଜାଗ୍ରତ ହୋଇଛି। ନିଜସ୍ୱ ବିଶ୍ୱାସ ଉପରେ ସନ୍ଦେହ ଜାତ ହୋଇଛି। ପ୍ରତ୍ୟେକ ଜାଗତିକ ଘଟଣା ଯାହାକୁ ସେ ଦିନେ କୌଣସି ଅଦୃଶ୍ୟ ଶକ୍ତିର ଇଚ୍ଛାବୋଲି ବିଶ୍ୱାସ କରୁଥିଲା, ତା ଉପରେ ପ୍ରଶ୍ନ କରିବା ଆରମ୍ଭ କଲା। ଘଟଣା ପଛର କାରଣକୁ ସେ ଖୋଜିବାକୁ ଲଗିଲା। କ୍ରମେ ତାର ବୌଦ୍ଧିକତାର ବିକାଶ ହେଲା। ଅଭିଜ୍ଞତା ତାକୁ କାରଣୀକତା ସମ୍ବନ୍ଧରେ ଅବଗତ କରାଇଲା। ସେ ଲକ୍ଷ କଲା ଗୋଟିଏ ଘଟଣା ଘଟିବା ପରେ ଅନ୍ୟ ଏକ ଘଟଣା ଘଟୁଛି। ପୂର୍ବ ଘଟଣା ଘଟିଲେ ପର ଘଟଣା ଘଟିବ ବୋଲି ତାର ଧାରଣା ଜାତ ହେଲା। ତେଣୁ ସେ ପ୍ରତ୍ୟେକ ଘଟଣା ପୂର୍ବର ଘଟଣା ସମ୍ବନ୍ଧରେ ଅବଗତ ହେବାକୁ ଚେଷ୍ଟା କଲା। ତାର ଏହି କରଣୀକତା ସମ୍ବନ୍ଧୀୟ ଅନୁଧ୍ୟାନରୁ ଓ ଏଥିରୁ ମିଳୁଥିବା ଜ୍ଞାନରୁ ଜନ୍ମନେଲା ବିଜ୍ଞାନ। କାରଣବାଦ ହିଁ ହେତୁବାଦ। ହେତୁବାଦ ହେଉଛି ବିଜ୍ଞାନର କେନ୍ଦ୍ରୀୟ ତତ୍ତ୍ୱ। ଏହା ବିନା ବିଜ୍ଞାନ ଅକଳ୍ପନୀୟ।

କୁହାଯାଉଛି ଆଧୁନିକ ସଭ୍ୟତା ବିଜ୍ଞାନ ଉପରେ ପର୍ଯ୍ୟବେଶିତ। ଏହାର ଅର୍ଥ ହେତୁବାଦ ଏହା ପଛର ମୁଖ୍ୟ ଆଧାର। କାରଣ ବିଜ୍ଞାନ ଯେଉଁଠାରେ ଅଛି ହେତୁବାଦ ସେହିଠାରେ ଅଛି। ବିଜ୍ଞାନ କୌଣସି ଘଟଣାକୁ କାରଣ ରହିତ ବୋଲି ଗ୍ରହଣ କରେନାହିଁ। ଏହି ଅବଧାରଣା ଉପରେ ବିଜ୍ଞାନ ପର୍ଯ୍ୟବେଶିତ। କାରଣ ନଥାଇ କାର୍ଯ୍ୟ ସଂଗଠିତ ହେବାକୁ ଗ୍ରହଣ କରିନେଲେ ଏହା ଆଉ ବିଜ୍ଞାନ ହୋଇରହିବ ନାହିଁ। ରୋଗୀକୁ ଡାକ୍ତରଙ୍କ ପାଖକୁ ନେଲେ ପ୍ରଥମେ ସେ ଏହାର କାରଣ ଖୋଜୁଛି। ବିନା କାରଣରେ ରୋଗ ହୋଇଛି ବୋଲି ସେ ଗ୍ରହଣ କରୁନାହିଁ। କୌଣସିଠାରେ ବିମାନ ଦୁର୍ଘଟଣା ହେଲେ ବୈମାନିକମାନେ ଏହାର କାରଣ ଖୋଜୁଛନ୍ତି। ଏହା କୌଣସି ଅଦୃଶ୍ୟଶକ୍ତି ଯୋଗୁଁ ହୋଇଛି ବୋଲି ଗ୍ରହଣୀୟ ହେଉନାହିଁ। ପୋଲ ଧସିପଡିଲେ ଇଞ୍ଜିନିୟମାନେ କାରଣ ଖୋଜୁଛନ୍ତି। କୌଣସି କ୍ଷେତ୍ରରେ ଏହା କାରଣରହିତ ବୋଲି ମନ ଗ୍ରହଣ କରୁନାହିଁ। ଏହାହିଁ ହେତୁବାଦ। ଅତୀତରେ ଲୋକେ ଅନ୍ଧବିଶ୍ୱାସକୁ ସତ୍ୟବୋଲି ଭାବି ନେଉଥିଲେ। କୌଣସି ପ୍ରକାର ପ୍ରଶ୍ନ କରୁନଥିଲେ। ଏବେ କିନ୍ତୁ ସେ ସମୟ ଆଉ ନାହିଁ।

କେବଳ ଭଲ ପିନ୍ଧିବା, ଭଲ ଖାଇବା, ଭଲ ଘରେ ରହିବା ସଭ୍ୟତା ନୁହେଁ। ଏହା ସହିତ ତୁମ ଭିତରେ କେତେ ବୈଜ୍ଞାନିକ ଚେତନାର ବିକାଶ ଘଟିଛି, ତୁମେ କେତେ ଅନ୍ଧବିଶ୍ୱାସକୁ ଛାଡ଼ି ହେତୁବାଦକୁ ସ୍ୱୀକାର କରିଛ ତାହା ମଧ୍ୟ ସଭ୍ୟତାର ମାନଦଣ୍ଡ ଅଟେ। ସଭ୍ୟତା ସେହି ମାନସିକ ସୃଜନା ଯାହା ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ବିକଶିତ ମାନସିକତା ତାକୁ ଶ୍ରେଷ୍ଠତା ପାଇଁ ପ୍ରେରୀତ କରେ। ଜଣେ ସଭ୍ୟ ମନୁଷ୍ୟ ହେତୁବାଦୀ ହେବାକୁ ବାଧ୍ୟ। କାରଣ ବିଜ୍ଞାନ ଉପରେ ଆସ୍ଥା ବିନା ସେ ଏହି ମାନ୍ୟତା ପାଇ ପାରିବ ନାହିଁ। ଆରିଷ୍ଟୋଟଲଙ୍କ ମତରେ ମନୁଷ୍ଯ ହେଉଛି ବିଚାରବୁଦ୍ଧି ସମ୍ପନ୍ନ ପ୍ରାଣୀ। ଏଥିରୁ ତର୍କଶୀଳତା, ନ୍ୟାୟଶୀତଳା, ସମତା ଓ ଭାତୃତ୍ୱଭାବ ଜନିତ ଅବଧାରଣା ଜାତ ହୁଏ। ଏହି ଗୁଣସମ୍ପନ୍ନ ବିନା ଜଣେ ସଭ୍ୟତାବାନ ହୋଇପାରିବ ନାହିଁ। ବିଚାରବୁଦ୍ଧି ସମ୍ପନ୍ନ ହେବା ହେତୁବାଦୀ ଧାରଣା ବିନା ସ୍ୱୟଂସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ।

ହେତୁବାଦ କେବଳ ଏକ ବିଚାର ନୁହେଁ। ଏହା ବିକାଶର ବାହକ ମଧ୍ୟ। ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ପ୍ରଗତି ହେତୁବାଦୀ ଚେତନାର ବିକାଶ ଯୋଗୁଁ ସମ୍ଭବପର ହୋଇଛି। ସେମାନେ ବିଜ୍ଞାନକୁ ଗୁରୁତ୍ୱ ଦେଇଛନ୍ତି। ଦୈନ୍ୟନ୍ଦିନ ଜୀବନରେ ଏହାକୁ ପ୍ରୟୋଗ କରିଛନ୍ତି। ସେମାନେ ବିଜ୍ଞାନକୁ ପାଠ୍ୟକ୍ରମ କିମ୍ବା ପୁସ୍ତକ ମଧ୍ୟରେ ସୀମିତ ରଖିନାହାଁନ୍ତି। ବିଜ୍ଞାନରୁ ମିଳୁଥିବା ହେତୁବାଦୀ ଚେତନା ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱର ବିକାଶ ଦିଗରେ ସହାୟକ ହୋଇଛି। ହେତୁବାଦୀ ସାମାଜିକ ଦୃଷ୍ଟିଭାଙ୍ଗି ଅନେକଗୁଡ଼ିଏ ଅନାବଶ୍ୟକ କାର୍ଯ୍ୟକ୍ରମରୁ ନିବୃତ ରଖିଛି। ଦୈନନ୍ଦିନ ଜୀବନରେ ତଥାକଥିତ ଧର୍ମର ଆବଶ୍ୟକତାକୁ ସୀମିତ କରିଛି। ତେଣୁ ସମସ୍ତ ସମୟ, ଶ୍ରମ ଓ ଅର୍ଥକୁ ପ୍ରଗତିପାଇଁ ବିନିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ରାଷ୍ଟ୍ରମାନଙ୍କରେ ଶିକ୍ଷାର ବିକାଶ ଠିକ୍ ଭାବରେ ହୋଇନାହିଁ ଓ ବୈଜ୍ଞାନିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ ସେହି ରାଷ୍ଟ୍ରମାନଙ୍କରେ ଅନ୍ଧବିଶ୍ୱାସର ପ୍ରଭାବ ଅଧିକ ଓ ଏହି ରାଷ୍ଟ୍ରମାନେ ବିକାଶର ଦୌଡରେ ବହୁ ପଛରେ ପଡିଯାଇଛନ୍ତି। ଯେଉଁଠାରେ ଅନ୍ଧବିଶ୍ୱାସ ଅଛି ସେଠାରେ ନାନା କର୍ମକାଣ୍ଡ ଅଛି। ଏ ଦିଗରେ ଅନାବଶ୍ୟକଭାବେ ସମୟ, ଅର୍ଥ ଓ ଶ୍ରମର ବିନିଯୋଗ ମଧ୍ୟ ଅଛି। ଅନ୍ଧବିଶ୍ୱାସର ମୁଖ୍ୟ ପୃଷ୍ଠପୋଷକ ହେଉଛି ଧାର୍ମିକ ମୌଳବାଦ। ଏମାନେ ସଦାସର୍ବଦା ଧର୍ମଭିତ୍ତିକ ହିଂସା ସୃଷ୍ଟି ଓ ମାତ୍ରାଧିକଭାବେ ଧାର୍ମିକ ରୀତିନୀତି ସମ୍ପାଦନରେ ନିଜର ଶ୍ରେଷ୍ଠ ଉଦ୍ୟମକୁ ବିନିଯୋଗ କରନ୍ତି। ଫଳରେ ନିଜର ବ୍ୟକ୍ତିତ୍ୱର ବିକାଶ ଓ ଆର୍ଥିକ ବିକାଶ ଦିଗଟି ପ୍ରତି ପୂର୍ଣ୍ଣ ଧ୍ୟାନ ଦେଇପାରନ୍ତି ନାହିଁ। ଏମାନଙ୍କ ସାମଗ୍ରୀକ ସାମାଜିକ ଚେତନା ମଧ୍ୟ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଥାଏ।

ସଭ୍ୟତା ବୌଦ୍ଧିକତା ଉପରେ ପ୍ରତିଷ୍ଠିତ ଏକ ପ୍ରକାର ଉନ୍ନତ ସମାଜ ବ୍ୟବସ୍ଥାକୁ ବୁଝାଏ। ହେତୁବାଦୀ ଚେତନାର ବିକାଶ ବିନା ଏହା ସମ୍ଭବ ନୁହେଁ। ଗୋଟିଏ ହେତୁବାଦୀ ସମାଜର ପ୍ରତିଷ୍ଠା ଦୀର୍ଘ ଶତାବ୍ଦୀର ବୌଦ୍ଧିକ ସଂଘର୍ଷର ପରିଣାମ ସୂତ୍ରରେ ମିଳେ। ପାଶ୍ଚାତ୍ୟ ବିକଶିତ ରାଷ୍ଟ୍ରମାନଙ୍କରେ ହେତୁବାଦର ଭିତ୍ତିଭୂମି ଆପେ ତିଆରି ହୋଇନାହିଁ। ଏଥିପାଇଁ ତାଙ୍କୁ ଦୀର୍ଘ ସଂର୍ଘଷ କରିବାକୁ ପଡିଛି। ବିଶେଷକରି ଇଉରୋପରେ ଏ ସଂର୍ଘଷ ରେନାସା ନାମରେ ସୁପ୍ରସିଦ୍ଧ। ଏହା ଏକ ବୌଦ୍ଧିକ ସଂଘର୍ଷ ଥିଲା। ହେତୁବାଦ ଓ ପରମ୍ପରାବାଦ ମଧ୍ୟରେ ସଂଘର୍ଷ, ବିଜ୍ଞାନ ଓ ଅନ୍ଧବିଶ୍ୱାସ ମଧ୍ୟରେ ସଂଘର୍ଷ, ମାନବବାଦ ଓ ଧାର୍ମିକ ମୌଳବାଦ ମଧ୍ୟରେ ସଂଘର୍ଷ, ସଂସ୍କାର ଓ କୁସଂସ୍କାର ମଧ୍ୟରେ ସଂଘର୍ଷ ତଥା ନୀରବତା ଓ ପ୍ରତିକ୍ରିୟାଶୀଳତା ମଧ୍ୟରେ ଏ ସଂଘର୍ଷ ଥିଲା। ଏ ସଂଘର୍ଷ ଥିଲା ଶାନ୍ତିପୂର୍ଣ୍ଣ ବିଚାରମନ୍ଥନ। ଏହା ରକ୍ତାକ୍ତ ସଂଘର୍ଷ ନଥିଲା। ଗୋଡାଗୋଡି, ମାଡ଼ଗୋଳ, ପଥର ଫିଙ୍ଗାଫିଙ୍ଗି, ହଣାକଟାର ସଂଘର୍ଷ ଏହା ନଥିଲା। ସଂର୍ଘଷ ଭିତରେବି ସହନଶୀଳତା ଥିଲା।

ସଭ୍ୟତା ଏକ ପ୍ରବାହମାନ ପ୍ରକ୍ରୀୟା। ଏହା ଶ୍ରେଷ୍ଠରୁ ଶ୍ରେଷ୍ଠତମକୁ ଖୋଜେ। ଯାହା ଅନ୍ଧବିଶ୍ୱାସ, ଯାହା ଅହେତୁକ, ଯାହା କୁସଂସ୍କାର ତାକୁ ମନୁଷ୍ୟର ବୁଦ୍ଧିମତ୍ତା କିପରି ଶ୍ରେଷ୍ଠ ବୋଲି ମାନିନେବ। ମନୁଷ୍ୟର ବୌଦ୍ଧିକତାର ବିକାଶ ଯେତେ ହେବ ଏଗୁଡ଼ିକ ଉପରୁ ଆସ୍ଥା ସେତେ କମି କମି ଯିବ। ପରିବର୍ତ୍ତନ ଅବସମ୍ଭାବୀ। ରେନାସା ଆସିବହିଁ ଆସିବ। ତେବେ ସମାଜରେ ହେତୁବାଦୀ ଧାରଣା ଯେତେ ପ୍ରଖରହେବ ପରିବର୍ତ୍ତନର କ୍ଷୀପ୍ରତା ସେତେ ଅଧିକ ହେବ। ଏ ପରିବର୍ତ୍ତନ ଆନ୍ଦୋଳନର ନେତୃତ୍ୱ ନେବ ବିଜ୍ଞାନ।

+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ନାଇଡୁ କମିଶନ ରିପୋର୍ଟ: ଓଡିଶାର ମାଧବଦାସ ମାନଙ୍କୁ ଆଗକୁ ଆସିବାକୁ ହେବ

**ଡ. ସମନ୍ୱୟ ନନ୍ଦ**



ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଓ ପରବର୍ତ୍ତୀ ହିଂସା ମାମଲାର ଜାଂଚ ପାଇଁ ଗଠିତ ବିଚାର ବିଭାଗୀୟ କମିଶନ ତଦନ୍ତ ପରେ ଯେଉଁ ରିପୋର୍ଟ ଦେଇଥିଲେ ସେହି ରିପୋର୍ଟ ମିଳୁ ନାହିଁ । ଏହି ରିପୋର୍ଟ ହଜି ଯିବା ନେଇ ଗୃହ ବିଭାଗର ଜଣେ ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଲିଖିତ ଅଭିଯୋଗରେ ସେ କହିଛନ୍ତି ଯେ ରିପୋର୍ଟର କପି ଗୃହ ବିଭାଗରୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟକୁ ଯାଇଥିଲା । ହେଲେ ଗତ ସାଧାରଣ ନିର୍ବାଚନର ଫଳାଫଳ ଆସିବା ପରେ ଅନ୍ୟ ସମସ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଫେରି ଆସିଥିଲା ବେଳେ ନାୟଡୁ କମିଶନଙ୍କ ରିପୋର୍ଟ ଫେରି ନାହିଁ । ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଏହି କମିଶନରର ରିପୋର୍ଟ ହଜିଛି ଓ ସରକାରୀ ରେକର୍ଡରେ ନାହିଁ ।

କିଏ ରିପୋର୍ଟ ହଜାଇଛି ତାହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ , ହେଲେ ତା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରିପୋର୍ଟ ସାର୍ବଜନୀନ ହେବା ଦ୍ୱାରା ଯେଉଁ ମାନଙ୍କର କଳା କାରନାମା ପଦାକୁ ଆସି ଯିବାର ଭୟ ଥିଲା, ଅର୍ଥାତ କେଉଁ ମାନେ ଏହି ଦସ୍ତାବେଜକୁ ହଜାଇବା ପଛର ବଡ ଶକ୍ତି ସେମାନଙ୍କୁ ଚିହ୍ନଟ କରିବା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବିଚାର ବିଭାଗୀୟ ଜାଂଚ ରିପୋର୍ଟ ହଜି ଯିବା ପଛର କାରଣ କଣ ହୋଇ ପାରେ ? ଏହି ରିପୋର୍ଟରେ ଏପରି କଣ ରହିଥିଲା ଯେ କାହା ପାଇଁ ଏହି ରିପୋର୍ଟ ବିପଦଜନକ ହୋଇ ପଡିଥିଲା ? ରିପୋର୍ଟ ସାର୍ବଜନୀନ ହେଲେ କାହାର ମୁଖା ଖୋଲି ଯିବାର ଭୟ ଥିଲା ? ଯଦି ଏହି ଦିଗରେ ଚିନ୍ତା କରା ଯାଏ ତେବେ ଆମେ ଏହା ପଛରେ କେଉଁ ଶକ୍ତି ମାନେ ରହିଛନ୍ତି ସେ ବିଷୟରେ ଜାଣି ପାରିବା । ଏହି ରିପୋର୍ଟକୁ ଗାୟବ କରିବା ପଛରେ ଯେଉଁ ଶକ୍ତି ମାନେ ଅଛନ୍ତି ସେମାନେ ନାୟଡୁ କମିଶନଙ୍କ ରିପୋର୍ଟ ସହ ପ୍ରଥମ ଥର ପାଇଁ ଏପରି କରୁଛନ୍ତି ବୋଲି ଭାବିବା ଭୁଲ । ସେମାନେ ପୂର୍ବରୁ ମଧ ଏପରି କାମ କରି ସାରିଛନ୍ତି । ଏହି ଲେଖାରେ ସେ ବିଷୟରେ ଆଲୋଚନା କରିବା ।

ଖ୍ରୀଷ୍ଟିଆନ ମିଶନାରୀ ମାନଙ୍କର କାର୍ଯ୍ୟକଳାପ ସଂଦିଗ୍ଧ ଓ ଏହା ଦ୍ୱାରା ଜାତୀୟ ସୁରକ୍ଷା ବିପନ୍ନ ହେବାର ଆଶଙ୍କା ଥିବାରୁ ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟ ପ୍ରଦେଶ ସରକାରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରବିଶଙ୍କର ଶୁକ୍ଳ ଜଷ୍ଟିସ ଭବାନୀ ଶଙ୍କର ନିୟୋଗୀଙ୍କ ଅଧ୍ୟକ୍ଷତାରେ ଏକ ନ୍ୟାୟିକ କମିଶନ ଗଠନ କରିଥିଲେ । ଏହି କମିଶନରେ ଜଣେ ଖ୍ରିଷ୍ଟିଆନ ସଦସ୍ୟ ଥିଲେ ।

ନିୟୋଗୀ କମିଶନ ମୋଟ ୧୧,୩୬୦ ଜଣ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ , ୭୦୦ଟି ଭିନ୍ନ ଭିନ୍ନ ଗ୍ରାମର ଲୋକଙ୍କୁ ଦେଖା କରି ସେମାନଙ୍କର ସାକ୍ଷାତକାର ନେଇଥିଲେ । କମିଶନ ୧୪ଟି ଜିଲ୍ଲାରେ ଥିବା ହସ୍ପିଟାଲ, ବିଦ୍ୟାଳୟ, ଚର୍ଚ୍ଚ ଏବଂ ଅନ୍ୟାନ୍ୟ ସଂସ୍ଥା ପରିଦର୍ଶନ କରିଥିଲା। ଏହା ସହିତ ସେ ବିଭିନ୍ନ ଅଂଚଳ ଗସ୍ତ କରି ଏମିତି କିଛି ସାକ୍ଷୀଙ୍କ ସହ ଆଲୋଚନା କରିଥିଲା କମିଶନ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ, "ଅଣ-ଖ୍ରୀଷ୍ଟିଆନ ମାନଙ୍କ ପକ୍ଷରୁ ସାଧାରଣ ଅଭିଯୋଗ ଥିଲା ଯେ ଚର୍ଚ୍ଚ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଏବଂ ହସ୍ପିଟାଲଗୁଡ଼ିକୁ ନୀରିହ ଲୋକ ମାନଙ୍କୁ କନଭର୍ଟ କରିବାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଉଛି ।"

ରିପୋର୍ଟରେ ଆହୁରି ମଧ କୁହାଯାଇଥିଲା ଯେ, ବିଶେଷକରି ରୋମାନ କାଥଲିକ ମିଶନଗୁଡ଼ିକ ଋଣ ପ୍ରଦାନ ବ୍ୟବସ୍ଥାକୁ କନଭର୍ସନ ପାଇଁ ଏ କ ଉପାୟ ଭାବେ ବ୍ୟବହାର କରୁଥିଲେ। ଅଭିଯୋଗ ଅନୁସାରେ, ଲୋକମାନଙ୍କୁ ଋଣ ଦିଆଯାଉଥିଲା ଏବଂ ଯଦି ଋଣଗ୍ରାହୀ ଖ୍ରୀଷ୍ଟ ଧର୍ମ ଗ୍ରହଣ କରୁଥିଲେ, ତେବେ ସେହି ଋଣକୁ ମାଫ କରି ଦିଆଯାଉଥିଲା। ନିୟୋଗୀ କମିଶନ ଜାଂଚ କରିବା ପରେ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ସେଥିରେ ସରକାରଙ୍କ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିଶ କରାଯାଇଥିଲା । ତେବେ ସ୍ଥାନ ଅଭାବ କାରଣରୁ ଏଥିରୁ ଅଳ୍ପ କିଛି ସୁପାରିଶ ସମ୍ପର୍କରେ ଏଠାରେ ଉଲ୍ଲେଖ କରିବା । କମିଶନ ସୁପାରିଶ କରିଥିଲେ ଯେ, ଯେଉଁ ମିଶନାରୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଖ୍ରିଷ୍ଟିଆନିଟିର ପ୍ରଚାର ଓ କନଭର୍ଜନ (ପ୍ରୋସେଲିଟାଇଜେସନ) ଅଟେ, ସେମାନଙ୍କୁ ଭାରତ ଛାଡ଼ିବାକୁ କୁହାଯାଉ ଏବଂ ବହୁ ପରିମାଣରେ ବିଦେଶୀ ମିଶନାରୀମାନଙ୍କ ଆଗମନ ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ଲାଗୁ କରାଯାଉ। ଚିକିତ୍ସା ସେବା ଏବଂ ଅନ୍ୟାନ୍ୟ ବୃତ୍ତିଗତ ସେବାଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ କନଭର୍ସନର ମାଧ୍ୟମ ଭାବେ ବ୍ୟବହାର କରିବା ଉପରେ ଆଇନ ଦ୍ୱାରା ନିଷେଧାଜ୍ଞା ଲାଗୁ କରାଯାଉ। ବଳପ୍ରୟୋଗ, ଠକେଇ, ପ୍ରଲୋଭନ କିମ୍ବା ଭୌତିକ ଲାଭ ଦେଖାଇ ଧର୍ମାନ୍ତରଣ କରିବାର ପ୍ରୟାସ ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରାଯାଉ। ଏହା ସହିତ, କୌଣସି ବ୍ୟକ୍ତିଙ୍କର ଅନଭିଜ୍ଞତା, ବିଶ୍ୱାସ, ଆଧାତ୍ମିକ ଦୁର୍ବଳତା କିମ୍ବା ଅସାବଧାନତାର ସୁଯୋଗ ନେଇ, ତାଙ୍କର ଧାର୍ମିକ ଚେତନାରେ ହସ୍ତକ୍ଷେପ କରି ତାଙ୍କ ଆସ୍ଥାକୁ ସଚେତନ ଭାବରେ ପରିବର୍ତ୍ତନ କରିବାର ପ୍ରୟାସକୁ ମଧ ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କରାଯାଉ। ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ବିନା ଧାର୍ମିକ ପ୍ରଚାର-ପ୍ରସାର ଉଦ୍ଦେଶ୍ୟରେ ପ୍ରକାଶିତ ସାହିତ୍ୟର ବିତରଣ ଏବଂ ପ୍ରଚାର ଉପରେ ନିଷେଧାଜ୍ଞା ଲାଗୁ କରାଯାଉ।

ତେବେ ବର୍ତମାନ ମୂଳ ବିଷୟକୁ ଆସିବା । ପ୍ରସିଦ୍ଧ ଲେଖକ ସୀତାରାମ ଗୋୟଲ ହେଉଛନ୍ତି ଭଏସ ଇଂଡିଆ ପ୍ରକାଶନ ସଂସ୍ଥାର ମୁଖ୍ୟ । ନିୟୋଗୀ କମିଶନର ରିପୋର୍ଟରେ ଯେଉଁ ମାନଙ୍କର କଳା କାରନାମାର ପର୍ଦାଫାସ ହୋଇଥିଲା ସେମାନେ କଣ କରି ପାରନ୍ତି ସେ ସମ୍ପର୍କରେ ସ୍ୱୟଂ ସୀତାରାମ ଗୋଏଲ ନିଜେ ଲେଖିଛନ୍ତି । ନିୟୋଗୀ କମିଶନର ରିପୋର୍ଟକୁ ଭଏସ ଅଫ ଇଂଡିଆ ପ୍ରକାଶନ ସଂସ୍ଥା ପକ୍ଷରୁ ପ୍ରକାଶିତ କରାଯାଇଛି ଓ ଏହାର ମୁଖବନ୍ଧ ସ୍ୱୟଂ ସୀତାରାମ ଗୋଏଲ ଲେଖିଛନ୍ତି । ପୁସ୍ତକର ନାମ ହେଲା, ଭିଣ୍ଡିକେଟେଡ ବାଇ ଟାଇମ, ଦି ନିୟୋଗି କମିଟି ରିପୋର୍ଟ ଅନ ଖ୍ରିଷ୍ଟିଆନ ଆକ୍ଟିଭିଟିଜ । ଏହାର ମୁଖବନ୍ଧରେ ସୀତାରାମ ଗୋଏଲ ଯାହା ଲେଖିଛନ୍ତି ତାକୁ ଏଠାରେ ଉଦ୍ଧୃତ କରାଯାଉଛି।

" ୧୯୮୨ ମସିହାର ଗ୍ରୀଷ୍ମ କାଳର କଥା । ସେତେବେଳେ ମୁଁ ଭଏସ ଇଂଡିଆ ପ୍ରକାଶନ ସଂସ୍ଥା ଆରମ୍ଭ କରିଥାଏ । ସକାଳୁ ସକାଳୁ ମୋର ନୂଆଦିଲ୍ଲୀ ସ୍ଥିତ ଅଫିସରେ ଜଣେ ବୟସ୍କ ଓ ସ୍ପଷ୍ଟ ଭାବେ ଅସୁସ୍ଥ ଦେଖା ଯାଉଥିବା ଜଣେ ସନ୍ୟାସୀ ଆସି ପହଂଚିଲେ । ସେ ଆନ୍ଧ୍ର ପ୍ରଦେଶର କୌଣସି ସ୍ଥାନରୁ ( ଯାହାର ନାମ ମୋର ମନେ ନାହିଁ) ରୁ ଆସି ଥିଲେ । କେହି ତାଙ୍କୁ ମୋର ପୁସ୍ତକ ହିନ୍ଦୁ ସୋସାଇଟି ଅଣ୍ଡର ସିଜ ଦେଇଥିଲେ । ସେଥିରେ ପ୍ରକାଶିତ ରେସିଡ୍ୟୁଜ ଅଫ ଖ୍ରୀଷ୍ଟିଆନିଜମ ଅଧ୍ୟାୟ ପଢିବା ପରେ ସେ ଏହି ନିଷ୍କର୍ଷରେ ପହଂଚିଥିଲେ ଯେ ମୁଁ ହିଁ ହେଉଛି ସେହି ବ୍ୟକ୍ତି ଯାହାଙ୍କୁ ସେ ଦୀର୍ଘ ଦିନ ଧରି ଖୋଜୁଥିଲେ । ସେ ତାଙ୍କର ପରିଚୟ ବାବା ମାଧବ ଦାସ ଭାବେ ଦେଲେ ଓ ମୋଟ ଟେବୁଲରେ ତାଙ୍କ ଦ୍ୱାରା ପ୍ରକାଶିତ ନିୟୋଗୀ କମିଶନଙ୍କ ରିପୋର୍ଟର ସାରାଂଶର ଇଂରାଜୀ ଓ ହିନ୍ଦୀ କପି ରଖି ଦେଲେ । "

" ସେ ମୋତେ କହିଲେ, ସରକାରୀ ଦୋକାନ ମାନଙ୍କରେ ନିୟୋଗୀ କମିଶନଙ୍କ ରିପୋର୍ଟ ଆଉ ଉପଲବ୍ଧ ନାହିଁ, କାରଣ ଖ୍ରୀଷ୍ଟିଆନ ମିଶନାରୀ ମାନେ ସରକାରୀ ଦୋକାନରେ ଥିବା ଏହି କମିଶନର ରିପୋର୍ଟର କପି ଗୁଡିକ ଖରିଦ କରି ତାଙ୍କୁ ନଷ୍ଟ କରି ଦେଇଛନ୍ତି । ଲାଇବ୍ରେରୀ ମାନଙ୍କରେ ମଧ ଏହାର କପି କାଁଭାଁ ମିଳୁଛି ସ କାରଣ ମିଶନାରୀ ମାନେ ଏହା ସୁନିଶ୍ଚିତ କରିଛନ୍ତି ଯେ ଉକ୍ତ ରିପୋର୍ଟର କପିକୁ ଲାଇବ୍ରେରୀରୁ ହଟାଇ ଦିଆଯାଉ କିମ୍ବା ତାକୁ ନେବା ପରେ ପୁଣି ଫେରା ନ ଯାଉ । "

ବାବା ମାଧବ ଦାସ ଚାହୁଁଥିଲେ ଯେ ନିୟୋଗୀ କମିଶନର ରିପୋର୍ଟକୁ ସମସ୍ତେ ପଢନ୍ତୁ ଓ ଏହା ଦ୍ୱାରା ଭାରତୀୟ ମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହେଉ। ହେଲେ ଖ୍ରୀଷ୍ଟିଆନ ମିଶନାରୀ ମାନେ ସୁନିୟୋଜିତ ଭାବେ ଏହି ରିପୋର୍ଟକୁ ପବ୍ଲିକ ଡୋମେନରେ ଉପଲବ୍ଧ କରାଇ ନ ଦେବା କାରଣରୁ ସେ ଦୁଃଖୀ ଥିଲେ । ସେ ଚାହୁଁଥିଲେ ଭଏସ ଅଫ ଇଣ୍ଡିଆ ନିୟୋଗୀ କମିଶନର ରିପୋର୍ଟକୁ ପ୍ରକାଶିତ କରୁ ଯଦ୍ୱାରା ମିଶନାରୀ ମାନଙ୍କର କଳାକାରନାମା ବିଷୟରେ ଲୋକ ମାନେ ଅବଗତ ହେବେ।

ସୀତାରାମ ଗୋଏଲ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଥିବା ଏହି ପ୍ରସଙ୍ଗରୁ ଆମେ ଜାଣି ପାରିବା ଯେ ନାଇଡୁ କମିଶନଙ୍କ ରିପୋର୍ଟ ହଜିବା ପଛରେ ଷଡଯନ୍ତ୍ରକାରୀ କିଏ ? କିଏ ଏପରି କାମ ଆଗରୁ କରି ଆସୁଛି । ବାବା ମାଧବ ଦାସଙ୍କ ପୀଡା କାରଣରୁ ଆମେ ଆଜି ନିୟୋଗୀ କମିଶନର ରିପୋର୍ଟକୁ ପଢି ପାରୁଛନ୍ତି । ସେ ସୁଦୂର ଆନ୍ଧ୍ରରୁ ଆସି ସୀତାରାମ ଗୋଏଲଙ୍କୁ ଏ ବିଷୟରେ ନ କହିଥିଲେ ହୁଏତ ଏହି କମିଶନର ରିପୋର୍ଟ ଦୁର୍ଲଭ ହୋଇଥାନ୍ତା । ହେଲେ ନାୟଡୁ କମିଶନଙ୍କ ରିପୋର୍ଟକୁ ତ ସାର୍ବଜନୀନ ହେବା ପୂର୍ବରୁ ହିଁ ହଜାଇ ଦିଆଯାଇଛି । ତେବେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଠାରୁ ପ୍ରେରଣା ନେଇ କାମ କରୁଥିବା ଲୋକ ମାନଙ୍କୁ ବାବା ମାଧବ ଦାସ ସାଜିବାକୁ ପଡିବ । ସେମାନଙ୍କ ଦାୟିତ୍ୱ ହେଲା ଯେ ଏହି ରିପୋର୍ଟକୁ ଖୋଜିବା ସହ ସାର୍ବଜନୀନ ହେଉ, ଏହା ସୁନିଶ୍ଚିତ କରନ୍ତୁ । ଏପରି ହେଲେ କନଭର୍ଜନ କାର୍ଯ୍ୟରେ ଲିପ୍ତ ସଂସ୍ଥା ମାନଙ୍କ ସମ୍ପର୍କରେ ଜନ ଜାଗରଣ ହୋଇ ପାରିବ ।

# ବଢୁଥିବା ଦରଦାମ ଓ ଏଲ୍ ନିନୋର ବିପଦ

ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋର ପ୍ରଭାବ ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି ଏବଂ ଏହାର ସିଧାସଳଖ ନକାରାତ୍ମକ ପ୍ରଭାବ ଭାରତର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଉପରେ ପଡୁଥିବା ଦେଖିବାକୁ ମିଳୁଛି । ବର୍ତ୍ତମାନ ୨୦୨୬ ମସିହା ଜୁନ୍ ମାସର ଶେଷ ଭାଗରେ ପହଞ୍ଚିଥିବା ବେଳେ ଦେଶରେ ମୌସୁମୀ ବର୍ଷାର ପରିମାଣ ସ୍ୱାଭାବିକଠାରୁ ପ୍ରାୟ ୪୩ ପ୍ରତିଶତ କମ୍ ରହିଛି । ଜୁନ୍ ୨୨ ତାରିଖ ସୁଦ୍ଧା ସମଗ୍ର ଦେଶରେ ହାରାହାରି ବୃଷ୍ଟିପାତରେ ୪୨.୮ ପ୍ରତିଶତ ନିଅଣ୍ଟ ଦେଖାଦେଇଛି ଏବଂ ଦେଶର ୧୧୧ଟି ଜିଲ୍ଲା ଗୁରୁତର ମରୁଡ଼ି ଆଶଙ୍କା ଦେଇ ଗତି କରୁଛନ୍ତି । ମୌସୁମୀ ବାୟୁ କେରଳ ଉପକୂଳରେ ବିଳମ୍ବରେ ପହଞ୍ଚିବା ସହିତ ଶୁଷ୍କ ଉତ୍ତର-ପଶ୍ଚିମ ପବନ ଯୋଗୁଁ ଏହାର ଅଗ୍ରଗତି ବାଧାପ୍ରାପ୍ତ ହୋଇଛି । ଏହି ପରିସ୍ଥିତି ଭାରତୀୟ ଅର୍ଥନୀତି, ବିଶେଷ କରି କୃଷି କ୍ଷେତ୍ର ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ପାଇଁ ଏକ ବଡ଼ ବିପଦର ସଙ୍କେତ ଦେଉଛି । ବିଶ୍ୱ ପାଣିପାଗ ସଂସ୍ଥା (ଡବ୍ଲ୍ୟୁଏମଓ) ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ଆଗାମୀ ଅଗଷ୍ଟ-ସେପ୍ଟେମ୍ବର ମାସ ବେଳକୁ ଏଲ୍ ନିନୋ ଅଧିକ ଶକ୍ତିଶାଳୀ ହେବାର ପ୍ରାୟ ୮୦-୯୦ ପ୍ରତିଶତ ସମ୍ଭାବନା ରହିଛି ଏବଂ ଅକ୍ଟୋବରରୁ ଜାନୁଆରୀ ମଧ୍ୟରେ ଏହା ଅତି ଭୟଙ୍କର ରୂପ ଧାରଣ କରିପାରେ । ଏହାର ଅର୍ଥ ହେଉଛି, ବର୍ତ୍ତମାନର ଦୁର୍ବଳ ମୌସୁମୀ ପରିସ୍ଥିତିରେ ଆଗକୁ କୌଣସି ଆଖିଦୃଶିଆ ସୁଧାର ଆସିବାର ସମ୍ଭାବନା କ୍ଷୀଣ ଏବଂ ଦେଶକୁ ଏକ ବଡ଼ ଧରଣର ଜଳବାୟୁ ସଙ୍କଟର ସାମ୍ନା କରିବାକୁ ପଡ଼ିପାରେ ।

ଅତୀତର ତଥ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ୨୦୧୫-୧୬ ଏବଂ ୨୦୨୩-୨୪ ମସିହାରେ ଦେଖାଦେଇଥିବା ଶକ୍ତିଶାଳୀ ଏଲ୍ ନିନୋ ଯୋଗୁଁ ଦେଶରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଲ୍ ନିନୋ ହେଉଛି ଏକ ଜଳବାୟୁ ପ୍ରକ୍ରିୟା ଯେଉଁଥିରେ କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରର ଜଳପତନର ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ବୃଦ୍ଧି ପାଇଥାଏ । ଏହା ବିଶ୍ୱର ବାୟୁ ପ୍ରବାହ ଦିଗକୁ ବଦଳାଇ ଦେଇଥାଏ, ଯାହା ଫଳରେ ଭାରତ ଭଳି ଦେଶରେ ବୃଷ୍ଟିପାତ ହ୍ରାସ ପାଏ । ଯଦିଓ କିଛି ପାଣିପାଗ ବିଶେଷଜ୍ଞ ଆଶା କରୁଛନ୍ତି ଯେ ଭାରତ ମହାସାଗରୀୟ ଦ୍ୱିମେରୁ ବା ଇଣ୍ଡିଆନ୍ ଓସେନ୍ ଡାଇପୋଲ୍ (ଆଇଓଡି) ସକାରାତ୍ମକ ରହିଲେ ତାହା ଏଲ୍ ନିନୋର ପ୍ରଭାବକୁ କିଛି ମାତ୍ରାରେ ହ୍ରାସ କରିପାରେ, ତଥାପି ବିପଦ ସମ୍ପୂର୍ଣ୍ଣ ରୂପେ ଟଳିନାହିଁ । ତେଣୁ ୨୦୨୬-୨୭ ବର୍ଷ ମଧ୍ୟ ଏକ ମରୁଡ଼ି ବର୍ଷ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ଏଭଳି ସ୍ଥିତିରେ ଖାଦ୍ୟ ସାମଗ୍ରୀର ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି, କାରଣ ବର୍ଷା ଅଭାବରୁ ଉତ୍ପାଦନ କମିଲେ ବଜାରରେ ସାମଗ୍ରୀର ଅଭାବ ଦେଖାଦେବ।

ଭାରତରେ ଖାଦ୍ୟ ମୁଦ୍ରାସ୍ଫୀତିର ବର୍ତ୍ତମାନର ସ୍ଥିତିକୁ ବିଶ୍ଳେଷଣ କଲେ ପରିସ୍ଥିତିର ଗମ୍ଭୀରତା ଅଧିକ ସ୍ପଷ୍ଟ ହୁଏ । ସରକାରୀ ପରିସଂଖ୍ୟାନ ଅନୁଯାୟୀ, ୨୦୨୬ ମସିହା ମେ ମାସରେ ଦେଶର ସାମଗ୍ରିକ ଖୁଚୁରା ମୁଦ୍ରାସ୍ଫୀତି ବା କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ୩.୯୩ ପ୍ରତିଶତରେ ପହଞ୍ଚିଛି, ଯାହାକି ଏପ୍ରିଲ ମାସରେ ୩.୪୮ ପ୍ରତିଶତ ଥିଲା । ଏହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ର ୪ ପ୍ରତିଶତ ମଧ୍ୟମ ଅବଧି ଲକ୍ଷ୍ୟସ୍ଥଳର ଖୁବ୍ ନିକଟତର ହୋଇସାରିଛି । ସବୁଠାରୁ ଚିନ୍ତାର ବିଷୟ ହେଉଛି ଖାଦ୍ୟ ମୁଦ୍ରାସ୍ଫୀତି, ଯାହା ମେ ମାସରେ ୪.୭୮ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଗତ ଏପ୍ରିଲ ମାସରେ ୪.୨୦ ପ୍ରତିଶତ ଥିଲା । ନୂତନ ସିପିଆଇ ସିରିଜ୍ (ଆଧାର ବର୍ଷ ୨୦୨୪) ଅନୁଯାୟୀ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କରେ ଖାଦ୍ୟ ଏବଂ ପାନୀୟର ଏକ ବଡ଼ ଅଂଶଦାନ ରହିଛି । ତେଣୁ ଖାଦ୍ୟ ସାମଗ୍ରୀର ଦାମ୍ ବଢ଼ିଲେ ତାହା ସାମଗ୍ରିକ ମୁଦ୍ରାସ୍ଫୀତିକୁ ଦ୍ରୁତ ଗତିରେ ବଢ଼ାଇଦିଏ । ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତିର ହାର ସହରାଞ୍ଚଳ ତୁଳନାରେ ଅଧିକ ରହୁଥିବା ଦେଖିବାକୁ ମିଳିଛି । ଉଦାହରଣସ୍ୱରୂପ, ଗ୍ରାମାଞ୍ଚଳ ମୁଦ୍ରାସ୍ଫୀତି ୪.୨୫ ପ୍ରତିଶତ ଥିବା ବେଳେ ସହରାଞ୍ଚଳରେ ଏହା ୩.୫୩ ପ୍ରତିଶତ ରହିଛି, ଯାହାକି ସାଧାରଣ ଗରିବ ଏବଂ ମଧ୍ୟବିତ୍ତ ପରିବାର ଉପରେ ସିଧାସଳଖ ଆର୍ଥିକ ବୋଝ ପକାଉଛି । ବର୍ତ୍ତମାନ ଟମାଟୋ, ପନିପରିବା, ଡାଲିଜାତୀୟ ଶସ୍ୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଉଥିବା ବେଳେ ଏଲ୍ ନିନୋ ଯୋଗୁଁ କୃଷି ଉତ୍ପାଦନ ହ୍ରାସ ପାଇଲେ ପରିସ୍ଥିତି ଅଧିକ ସଙ୍ଗିନ ହେବାର ଆଶଙ୍କା ରହିଛି ।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ବିଳମ୍ବ ଏବଂ ଦୁର୍ବଳତା ଖରିଫ୍ ଋତୁର ଚାଷ ଉପରେ ଗଭୀର ପ୍ରଭାବ ପକାଇବା ଆରମ୍ଭ କରିଛି । ବର୍ଷା ଅଭାବରୁ ଧାନ, ଡାଲି, ତୈଳବୀଜ, ମକା ଏବଂ ଅନ୍ୟାନ୍ୟ ଖରିଫ୍ ଫସଲର ବୁଣାବୁଣି କାର୍ଯ୍ୟ ଗୁରୁତର ଭାବରେ ପଛେଇ ଯାଇଛି । ମୃତ୍ତିକାରେ ଆର୍ଦ୍ରତା କମିଯିବା କାରଣରୁ ଚାଷୀମାନେ ବିହନ ବୁଣିବାକୁ ସାହସ କରିପାରୁନାହାଁନ୍ତି । ଯଦି ଏଲ୍ ନିନୋର ପ୍ରଭାବ ଅକ୍ଟୋବରରୁ ଜାନୁଆରୀ ପର୍ଯ୍ୟନ୍ତ ଲାଗିରହେ, ତେବେ ଏହା କେବଳ ଖରିଫ୍ ନୁହେଁ, ବରଂ ରବି ଫସଲ ଉପରେ ମଧ୍ୟ ବ୍ୟାପକ ନକାରାତ୍ମକ ପ୍ରଭାବ ପକାଇବ । ଏଲ୍ ନିନୋ ସାଧାରଣତଃ ଶୀତ ଦିନେ ତାପମାତ୍ରା ବୃଦ୍ଧି କରିଥାଏ । ଉଚ୍ଚ ତାପମାତ୍ରା ଗହମ ଏବଂ ସୋରିଷ ଭଳି ରବି ଫସଲର ଅମଳକୁ ବହୁମାତ୍ରାରେ ହ୍ରାସ କରିବାର ଆଶଙ୍କା ରହିଛି । କୃଷି ଉତ୍ପାଦନ ହ୍ରାସ ପାଇଲେ ବଜାରରେ ଖାଦ୍ୟ ସାମଗ୍ରୀର ଯୋଗାଣ କମିଯିବ ଏବଂ ଚାହିଦା ଅପରିବର୍ତ୍ତିତ ରହିବା କାରଣରୁ ଦରଦାମ ଆକାଶଛୁଆଁ ହେବ । ଏହା ଦେଶର ଖାଦ୍ୟ ସୁରକ୍ଷା ଏବଂ ସାମଗ୍ରିକ ଅର୍ଥନୈତିକ ସ୍ଥିରତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିପାରେ ।

ତେବେ ଏହି ନିରାଶାଜନକ ପରିସ୍ଥିତି ମଧ୍ୟରେ ଗୋଟିଏ ଆଶ୍ୱାସନାର ବିଷୟ ହେଉଛି ଯେ, ଗତ ଦୁଇ ବର୍ଷ (୨୦୨୪-୨୫ ଏବଂ ୨୦୨୫-୨୬) ଧରି ଦେଶରେ ତଥା ବିଶ୍ୱ ସ୍ତରରେ କୃଷି ଉତ୍ପାଦନ ବେଶ୍ ଭଲ ରହିଥିଲା । ଗହମ, ଧାନ, ମକା, ଚିନି, ସୋୟାବିନ୍ ଏବଂ ପାମ୍ ଅଏଲ୍ ଭଳି ସାମଗ୍ରୀର ରେକର୍ଡ ପରିମାଣର ଉତ୍ପାଦନ ହୋଇଥିଲା। ଫଳସ୍ୱରୂପ, ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ବଫର୍ ଷ୍ଟକ୍ ବା ଖାଦ୍ୟଶସ୍ୟ ମହଜୁଦ୍ ରହିଛି । ବିଶ୍ୱ ବଜାରରେ ଖଣିଜ ତୈଳ, ପ୍ରାକୃତିକ ଗ୍ୟାସ୍, କୋଇଲା ଏବଂ ସାରର ମୂଲ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ଖାଦ୍ୟ ସାମଗ୍ରୀର ମୂଲ୍ୟ ସେହି ଅନୁପାତରେ ବଢ଼ିନାହିଁ । ଆମେରିକା ଏବଂ ଇସ୍ରାଏଲ୍ ସହିତ ଇରାନର ତିକ୍ତତା ଭଳି ପଶ୍ଚିମ ଏସିଆରେ ଲାଗିରହିଥିବା ଭୌଗୋଳିକ-ରାଜନୈତିକ ଅସ୍ଥିରତା ସତ୍ତ୍ୱେ ପର୍ଯ୍ୟାପ୍ତ ମହଜୁଦ୍ ଯୋଗୁଁ ଖାଦ୍ୟ ମୁଦ୍ରାସ୍ଫୀତି ଏଯାଏଁ ବିଶ୍ୱ ସ୍ତରରେ କିଛି ମାତ୍ରାରେ ନିୟନ୍ତ୍ରଣରେ ରହିପାରିଛି । କିନ୍ତୁ ଆଗକୁ ଏହି ସ୍ଥିତି ବଦଳିପାରେ । ଯଦି ଏଲ୍ ନିନୋ କାରଣରୁ ଚଳିତ ବର୍ଷ ଉତ୍ପାଦନ ବ୍ୟାପକ ହ୍ରାସ ପାଏ, ତେବେ ମହଜୁଦ୍ ଥିବା ଖାଦ୍ୟଶସ୍ୟ ଉପରେ ଚାପ ବଢ଼ିବ ଏବଂ ମୁଦ୍ରାସ୍ଫୀତିକୁ ରୋକିବା କଷ୍ଟକର ହୋଇପଡ଼ିବ ।

ଏହି ସମ୍ଭାବ୍ୟ ସଙ୍କଟର ମୁକାବିଲା ପାଇଁ ସରକାରଙ୍କୁ ଏବେଠାରୁ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନେବାକୁ ପଡ଼ିବ । ଯୋଗାଣ ଶୃଙ୍ଖଳା ପରିଚାଳନା ବା ସପ୍ଲାଇ ସାଇଡ୍ ମ୍ୟାନେଜମେଣ୍ଟ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଅତୀତରେ ଦେଖାଯାଇଛି ଯେ, ଦରଦାମ ବଢ଼ିବା ମାତ୍ରେ ସରକାର ତରବରିଆ ଭାବେ କୃଷିଜାତ ସାମଗ୍ରୀର ରପ୍ତାନି ଉପରେ କଟକଣା ଲଗାଇଦିଅନ୍ତି । ଏଭଳି ପଦକ୍ଷେପ କୃଷକମାନଙ୍କ ଆୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ଏବଂ ଅନ୍ତର୍ଜାତୀୟ ବଜାରରେ ଏକ ନିର୍ଭରଯୋଗ୍ୟ ରପ୍ତାନିକାରୀ ଭାବରେ ଭାରତର ବିଶ୍ୱସନୀୟତା କ୍ଷୁଣ୍ଣ ହୁଏ । ଏହା ପରିବର୍ତ୍ତେ, ସରକାର ଆମଦାନୀ ନୀତିକୁ କୋହଳ କରିବା ଉଚିତ୍ । ଆବଶ୍ୟକ ସ୍ଥଳେ ଖାଦ୍ୟ ସାମଗ୍ରୀର ଆମଦାନୀ ଶୁଳ୍କ ହ୍ରାସ କରି ବିଦେଶରୁ ସାମଗ୍ରୀ ଆଣିବା ପାଇଁ ରାସ୍ତା ଖୋଲା ରଖିବା ଶ୍ରେୟସ୍କର ହେବ । ଏହାଦ୍ୱାରା ଘରୋଇ ବଜାରରେ ଯୋଗାଣ ବୃଦ୍ଧି ପାଇବ ଏବଂ ଦରଦାମ ନିୟନ୍ତ୍ରଣରେ ରହିବ । ଏଥିସହ ବଜାରରେ କଳାବଜାରୀ ଏବଂ ଅଯଥା ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ଅଟେ, ଯାହାଦ୍ୱାରା କୃତ୍ରିମ ଅଭାବ ସୃଷ୍ଟି ହୋଇପାରିବ ନାହିଁ।

କୃଷକମାନଙ୍କ ସୁରକ୍ଷା ଏବଂ ଗ୍ରାମୀଣ ଅର୍ଥନୀତିର ବିକାଶ ହେଉଛି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ବର୍ଷା ଅଭାବରୁ ଯେଉଁ କୃଷକମାନେ ଫସଲ ବୁଣିପାରିନାହାଁନ୍ତି କିମ୍ବା ଯେଉଁମାନଙ୍କର ଫସଲ ନଷ୍ଟ ହେବାର ଆଶଙ୍କା ରହିଛି, ସେମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବା ଆବଶ୍ୟକ । କୃଷି ବିଭାଗ ପକ୍ଷରୁ ତୁରନ୍ତ ଫସଲ କ୍ଷୟକ୍ଷତିର ଆକଳନ କରାଯାଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ଅନ୍ୟାନ୍ୟ ବୀମା କମ୍ପାନୀଗୁଡ଼ିକ ମାଧ୍ୟମରେ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଉଚିତ୍ । କୃଷକମାନଙ୍କୁ କମ୍ ଜଳ ଆବଶ୍ୟକ କରୁଥିବା ବିକଳ୍ପ ଫସଲ ଚାଷ କରିବା ପାଇଁ ପରାମର୍ଶ ଏବଂ ବିହନ ଯୋଗାଇଦେବା ସହ ଜଳସେଚନର ବିକଳ୍ପ ବ୍ୟବସ୍ଥା ଉପରେ ଜୋର୍ ଦେବାକୁ ପଡ଼ିବ । ଏହାବ୍ୟତୀତ, ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଗ୍ରାମୀଣ ନିଯୁକ୍ତି ଯୋଜନାଗୁଡ଼ିକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରିବା ଆବଶ୍ୟକ । ଯଦି ଗ୍ରାମାଞ୍ଚଳର ଲୋକମାନଙ୍କ ହାତରେ ପଇସା ରହିବ ନାହିଁ, ତେବେ ଏହାର ସିଧାସଳଖ ପ୍ରଭାବ ସାମଗ୍ରିକ ବଜାର ଚାହିଦା ଉପରେ ପଡ଼ିବ ଏବଂ ଦେଶର ଅର୍ଥନୈତିକ ଅଭିବୃଦ୍ଧି ବାଧାପ୍ରାପ୍ତ ହେବ ।

ପରିଶେଷରେ, ଏଲ୍ ନିନୋ କେବଳ ଏକ ପାଣିପାଗ ସମ୍ବନ୍ଧୀୟ ଘଟଣା ନୁହେଁ, ଏହା ସାମଗ୍ରିକ ମାକ୍ରୋ-ଅର୍ଥନୀତି ପାଇଁ ଏକ ବଡ଼ ବିପଦ । ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପାଇଲେ ତାହା ରିଜର୍ଭ ବ୍ୟାଙ୍କର ସୁଧ ହାର ନୀତି ଉପରେ ଗଭୀର ପ୍ରଭାବ ପକାଇବ । ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ଆରବିଆଇ ଆଗାମୀ ଦିନରେ ସୁଧ ହାର ହ୍ରାସ କରିବା ପରିବର୍ତ୍ତେ ବୃଦ୍ଧି କରିବାକୁ ବାଧ୍ୟ ହୋଇପାରେ । ସୁଧ ହାର ବଢ଼ିଲେ ବ୍ୟବସାୟ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଋଣ ମହଙ୍ଗା ହେବ, ଯାହାକି ପୁଞ୍ଜିନିବେଶ ଏବଂ ନିଯୁକ୍ତି ସୃଷ୍ଟିକୁ ବାଧାପ୍ରାପ୍ତ କରିବ । ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ସହିତ ଦରଦାମ ବୃଦ୍ଧିରୁ ସାଧାରଣ ଜନତାଙ୍କୁ ରକ୍ଷା କରିବା ସରକାରଙ୍କ ପ୍ରାଥମିକତା ହେବା ଉଚିତ୍ । ସଠିକ୍ ସମୟରେ ଆମଦାନୀ-ରପ୍ତାନି ନୀତିରେ ପରିବର୍ତ୍ତନ, କୃଷକମାନଙ୍କୁ ସହାୟତା ଏବଂ ବଜାର ତଦାରଖ ଭଳି ସଠିକ୍ ପଦକ୍ଷେପ ଗ୍ରହଣ କରାଗଲେ ହିଁ ଏଲ୍ ନିନୋର ପ୍ରତିକୂଳ ପ୍ରଭାବରୁ ଦେଶର ଅର୍ଥନୀତିକୁ ସୁରକ୍ଷିତ ରଖାଯାଇପାରିବ ।

ଧ୍ୱନି ପ୍ରତିଧ୍ୱନି

# ଶିଶୁଙ୍କ ସୁରକ୍ଷା, ଶିକ୍ଷା ଓ ସଶକ୍ତିକରଣ



ଡ଼ଃ ସମୀର କୁମାର ନନ୍ଦ

'ବୁଭୁକ୍ଷୁ ଶିଶୁ ମୁଖରେ ଖାଦ୍ୟ ଦିଅ' - ଏହାଥିଲା ୧୯୫୭ ମସିହାରେ ପ୍ରଥମ କରି ଗଠିତ ଭାରତୀୟ ଶିଶୁ କଲ୍ୟାଣ ସମିତିର ପ୍ରଥମ ଘୋଷଣା। ବାସ୍ତବିକ ଭାରତ ବର୍ଷରେ ଶିଶୁ ମାନଙ୍କ ପ୍ରତି ଅବହେଳା ଯାହା ଥିଲା ବା ଅଛି ସେସବୁ ବିଷୟରେ ଚିନ୍ତାକଲେ ବହୁତ ଦୁଃଖ ଅନୁଭୂତ ହୁଏ । ସୁସ୍ଥ ଶିଶୁ ସୁସ୍ଥ ସମାଜର ମେରୁଦଣ୍ଡ। ଦେଶର କଲ୍ୟାଣ ଶିଶୁ କଲ୍ୟାଣ ଉପରେ ନିର୍ଭର କରେ। କୌଣସି ଦେଶ ବା ଜାତିର ଉନ୍ନତ ଭବିଷ୍ୟତ ବିଷୟ ବିଚାର କଲାବେଳେ ପ୍ରଥମେ ସେ ଦେଶ ବା ଜାତିର ଶିଶୁ ସମ୍ପଦର ଗୁଣାତ୍ମକ ବିକାଶ ଧାରାର ଚର୍ଚ୍ଚା ବିଚାରକୁ ଆଣିବା ଉଚିତ, କାରଣ ଶିଶୁହିଁ ଦେଶର ଭବିଷ୍ୟତ ନାଗରିକ । ଯେତେବେଳେ ଆମେ ଏକବିଂଶ ଶତାବ୍ଦୀର ପ୍ରଥମ ଚତୁର୍ଥାଂଶର ଶେଷଭାଗରେ ପହଂଚି ଯାଇଛୁ ସେତେବେଳେ କିନ୍ତୁ ୨୦୨୪ର 'ଦି ଷ୍ଟେଟ ଅଫ ୱାର୍ଲଡ ଚିଲଡ୍ରେନ ରିପୋର୍ଟ' ୨୦୫୦ ମସିହାର ସ୍ଥିତି କୁ ଆକଳନ କରି ଆମେ କେମିତି ଶିଶୁ ମାନଙ୍କର ଭବିଷ୍ୟତକୁ ସୁରକ୍ଷିତ କରିପାରିବା ଯେଉଁଥିରେ କି ପ୍ରତ୍ୟେକ ଶିଶୁର ଅଧିକାର ସାକାର ହେବ, ସମସ୍ତ ଶିଶୁ ବଂଚି ପାରିବେ, ଉନ୍ନତି କରିବେ ଏବଂ ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ପୂରଣ କରିପାରିବେ ସେ ଉପରେ ଦୃଷ୍ଟିପାତ କରିଛି । ଏହି ରିପୋର୍ଟରେ ତିନୋଟି ବୃହତ ଧାରା ଅନୁସନ୍ଧାନ କରାଯାଇଛି ଯାହା ବର୍ତ୍ତମାନ ଏବଂ ୨୦୫୦ ଦଶକ ମଧ୍ୟରେ ପିଲାମାନଙ୍କ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିବ, ସେଗୁଡିକ ହେଲା: ଜନ ସଂଖ୍ୟାଗତ ପରିବର୍ତ୍ତନ, ଜଳବାୟୁ ଏବଂ ପରିବେଶଗତ ସଙ୍କଟ ଏବଂ ସୀମାନ୍ତ ପ୍ରଯୁକ୍ତିବିଦ୍ୟା। ଏହି ରିପୋର୍ଟ ହେଉଛି ୟୁନିସେଫର ପ୍ରମୁଖ ବାର୍ଷିକ ରିପୋର୍ଟ ଯାହା ବିଶ୍ୱସ୍ତରୀୟ ଧାରା ଏବଂ ପିଲାମାନଙ୍କୁ ପ୍ରଭାବିତ କରୁଥିବା ସମସ୍ୟା, ଯେପରିକି ସଂଘର୍ଷ, ଦାରିଦ୍ର୍ୟ, ଅକ୍ଷମତା ଏବଂ ଜଳବାୟୁ ପରିବର୍ତ୍ତନର ବିଶ୍ଳେଷଣ କରେ।

ଭାରତରେ ଓ ଆମ ରାଜ୍ୟରେ କୌଣସି କ୍ଷେତ୍ରରେ ଆଜି ଶିଶୁଟିଏ ସୁରକ୍ଷିତ ନୁହେଁ ବୋଲି ବିଭିନ୍ନ ଘଟଣାକୁ ଅନୁଧ୍ୟାନ କଲେ ଜଣାପଡେ । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ସଦ୍ୟତମ ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ଶିଶୁ ବିରୋଧୀ ଅପରାଧ ୬% ବୃଦ୍ଧିପାଇ ୪୨.୩%ରେ ପହଂଚିଛି ଯେଉଁଥିରେକି ସର୍ବାଧିକ ଶିଶୁ ଅପହରଣ ମାମଲା ରହିଛି। ରକ୍ଷକ ଆଜି ଭକ୍ଷକ ସାଜି ଲୁଣ୍ଠନ କରିବାରେ ଲାଗିଛି। ଦେଶରେ ୨୦୧୨ ମସିହାରେ ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ (POCSO) ଲାଗୁହେଲା ପରେ ମଧ୍ୟ ଅପରାଧୀମାନେ ଏହାକୁ ଭୃକ୍ଷେପ କରୁନାହାନ୍ତି। ପ୍ରତ୍ୟେକ ଜିଲ୍ଲାରେ ଶିଶୁ ସୁରକ୍ଷା ୟୁନିଟ କାର୍ଯ୍ୟ କରୁଥିଲେ ମଧ୍ୟ,ଓଡ଼ିଶାରେ ଛାତ୍ରୀ ଓ ନାବାଳିକାଙ୍କ ପ୍ରତି ଅସାମାଜିକଙ୍କ ଲୋଲୁପ ଦୃଷ୍ଟି ପଡିଛି, ପରିଣାମ ସ୍ୱରୂପ ଗତ ପାଞ୍ଚ ମାସରେ ରାଜ୍ୟର ୩୩ ଜଣ ଛାତ୍ରୀ ଗର୍ଭବତୀ ହୋଇଛନ୍ତି, ୨୬ ଜଣ ନାବାଳିକା ମାତୃତ୍ୱ ଲାଭ କରିଛନ୍ତି ଓ ୬୧ ଜଣ ନାବାଳିକା ଚାଲାଣର ଶିକାର ହୋଇଛନ୍ତି। ଗତ ପାଞ୍ଚ ମାସରେ ନାବାଳିକା ବିବାହ ମଧ୍ୟ ଚିନ୍ତାଜନକ ଭାବରେ ବୃଦ୍ଧି ପାଇଛି, ୩୧ ଜଣ ନାବାଳିକା ବିବାହ କରିଛନ୍ତି । ଯାଜପୁର ଜିଲ୍ଲା କାଳିଆପାଣିରେ ଜଣେ ଆଦିବାସୀ ନାବାଳିକା କଲେଜ ଛାତ୍ରୀଙ୍କୁ ମଧ୍ୟ ପ୍ରଦେଶରେ ଚକ୍ରାନ୍ତ କରି ବିକ୍ରି କରିବା ଓ ପରେ କ୍ରେତା ଉକ୍ତ ନାବାଳିକାଙ୍କୁ ବିବାହ କରିଥିବା ନେଇ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ୨୦୨୩ ମସିହାରେ ୭୯୮୮୪ ଶିଶୁ ଅପହରଣ ମାମଲା ହୋଇଥିଲା ବେଳେ ୬୭୬୯୪ ଟି POCSO ଆଇନ ଅପରାଧ ଓ ୮୪୯ ଟି ନାବାଳିକା ବଳାତ୍କାର ମାମଲା ପଂଜୀକୃତ ହୋଇଛି । ୨୦୧୦ ରୁ ୨୦୨୩ ମଧ୍ୟରେ କରାଯାଇଥିବା ୧୨୩ଟି ଅଧ୍ୟୟନର ଫଳାଫଳକୁ ବିଶ୍ଳେଷଣ କରି ପ୍ରକାଶ ପାଇଥିବା ଲାନସେଟ ଶିଶୁ ଓ କିଶୋର ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ ବିଶ୍ୱରେ ପ୍ରତି ୧୨ ଜଣ ଶିଶୁଙ୍କ ମଧ୍ୟରୁ ଜଣେ କୌଣସି ନା କୌଣସି ପ୍ରକାରେ ଅନଲାଇନ ଯୌନ ଶୋଷଣ କିମ୍ବା ନିର୍ଯ୍ୟାତନାର ଶିକାର ହୋଇଛନ୍ତି ।

ଭାରତରେ ପ୍ରତିବର୍ଷ ୨୦୦୦ ଶିଶୁ ଚୋରାଚାଲାଣ ମାମଲା ସାମ୍ନାକୁ ଆସୁଛି। ସୁପ୍ରିମ କୋର୍ଟ ଏହି ଶିଶୁ ଚୋରାଚାଲାଣ ମାମଲାରେ କ୍ଷୋଭ ପ୍ରକାଶ କରିବା ସହିତ ଏହାର ମୁକାବିଲା ପାଇଁ ଗାଇଡଲାଇନ ଜାରି କରିଛନ୍ତି ଯେ ଯଦି କୌଣସି ନବଜାତ ଶିଶୁ ଡାକ୍ତରଖାନାରୁ ନିଖୋଜ ହୋଇଯାଏ ତେବେ ପ୍ରଥମ ପଦକ୍ଷେପ ହେଇଚି ସମ୍ପୃକ୍ତ ଡାକ୍ତରଖାନାର ଲାଇସେନ୍ସକୁ ରଦ୍ଦ କରିବା। ଏହି ରାୟରେ ପିଲା ଚୋରି ରୋକିବା ପାଇଁ ବିସ୍ତୃତ ସୁପାରିଶ ରହିଛି ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ମାନଙ୍କୁ କୁହାଯାଇଛି । ନାବାଳିକାଙ୍କୁ ଯୌନ ନିରର୍ଯ୍ୟତନାରୁ ରକ୍ଷା କରିବା ପ୍ରାଥମିକତା ଥିବାରୁ ଶାରୀରିକ ସମ୍ପର୍କ ନିମନ୍ତେ ସମ୍ମତି ବୟସ ୧୮ ବର୍ଷରୁ ହ୍ରାସ କରାଯାଇପାରିବ ନାହିଁ ବୋଲି ସୁପ୍ରିମ କୋର୍ଟକୁ କେନ୍ଦ୍ର ସରକାର ଜଣାଇଛନ୍ତି । ସଂସ୍କାର କିମ୍ବା କିଶୋର ସ୍ୱାଧୀନତା ନାମରେ ମଧ୍ୟ ଏହି ମାନଦଣ୍ଡରୁ ଓହରିଗଲେ ସମସ୍ୟା ବଢିବ ଓ ଶିଶୁ ସୁରକ୍ଷା ଆଇନ ଦୁର୍ବଳ ହୋଇଯିବ ବୋଲି ସରକାର ଯୁକ୍ତି ରଖିଛନ୍ତି । ପୁନଶ୍ଚ, ମାନ୍ୟବର ସୁପ୍ରିମ କୋର୍ଟ ଙ୍କ ଆଦେଶ କ୍ରମେ ପୀଡିତା ଓ ଅଭିଯୁକ୍ତଙ୍କ ଆପୋଷ ବୁଝାମଣା ଜରିଆରେ ଏଣିକି ଆଉ ଯୌନ ଉତ୍ପୀଡ଼ନ ମାମଲାକୁ ବନ୍ଦ କରାଯାଇପାରିବ ନାହିଁ ।

ଓଡ଼ିଶାରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସ୍ତରରେ ୯% ପିଲା ପାଠ ଛାଡୁଛନ୍ତି। ୨୦୨୫ ନଭେମ୍ବର ମାସ ସୁଦ୍ଧା ରାଜ୍ୟରେ ୧,୨୨,୪୮୭ ଜଣ ପିଲା ଡ୍ରପ ଆଉଟ ଅଛନ୍ତି । ସେହି ପିଲାମାନେ କୁଆଡେ ଯାଉଛନ୍ତି ଓ କଣ କରୁଛନ୍ତି ତାର ହିସାବ କିଏ ରଖୁଛି। ସେମାନେ ହୁଏତ ବିବାହ କରୁଛନ୍ତି କିମ୍ବା ଶିଶୁ ଶ୍ରମିକ ହେଉଛନ୍ତି, ଏଥିରେ ସନ୍ଦେହ ନାହିଁ । ତେଣୁ, ଶିଶୁ ଶ୍ରମିକଙ୍କ କଥାତ ନ କହିବା ଭଲ । ଶିଶୁ ଶ୍ରମିକଙ୍କୁ ଚିହ୍ନଟ, ଥଇଥାନ ଓ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଦେଶରେ ୧୯୮୮ ମସିହାରୁ ପରିଚାଳିତ ହେଉଥିବା ଏକମାତ୍ର ସଂସ୍ଥା 'ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ' କେନ୍ଦ୍ର ସରକାରଙ୍କ ଦୟାରୁ ୨୦୨୧ ମସିହାରେ ବନ୍ଦ ହୋଇଯିବା ଶିଶୁ ଶ୍ରମିକ ମାନଙ୍କ ପାଇଁ ଅଭିଶାପ ହୋଇଯାଇଛି । ଦେଶରେ ଶିଶୁ ଶ୍ରମିକ ମାନଙ୍କ ପାଇଁ ଏବେ କୌଣସି ଯୋଜନା ସରକାରୀ ସ୍ତରରେ କାର୍ଯ୍ୟକାରୀ ହେଉନାହିଁ । ତେଣୁ ଶିଶୁ ଶ୍ରମିକ ମାନଙ୍କ କଳନା କରିବା ଅସମ୍ଭ ହୋଇ ପଡ଼ିଲାଣି। ଏବେ ଏମିତି ଅବସ୍ଥା ହେଲାଣି ଯେ ପିତାମାତାଙ୍କ ସହିତ ଶିଶୁ ମାନେ ମଧ୍ୟ ବାହାର ରାଜ୍ୟକୁ ଦାଦନ ଖଟିବାକୁ ବାହାରିଲେଣି । ନିକଟରେ ବାହାର ରାଜ୍ୟକୁ ଚାଲାଣ ପାଇଁ ଅପେକ୍ଷା କରିଥିବା ୧୪ ଜଣ ଛୋଟପିଲା ଓ ୧୬ ଜଣ ମହିଳା ସମେତ ୨୫ ଜଣ ପୁରୁଷ ଶ୍ରମିକଙ୍କୁ କଣ୍ଟାବାଞ୍ଜି ପୋଲିସ ଜଣେ ଦାଦନ ସର୍ଦ୍ଦାରଙ୍କ ଘରୁ, କ୍ଷେତରାଜପୁର ଓ ଝାରସୁଗୁଡା ରେଳ ଷ୍ଟେସନ ର ରେଳବାଇ ପୋଲିସ ଦ୍ୱାରା ଯଥାକ୍ରମେ ୬ ଜଣ ଓ ୯ଜଣ ନାବାଳକ ଚାଲାଣ ହେଉଥିବା ସମୟରେ ଉଦ୍ଧାର ହୋଇଛନ୍ତି।

ଜାତୀୟ ଶିଶୁ ସୁରକ୍ଷା କମିଶନ ରେ ୨୦୨୪ ମସିହା ଅକ୍ଟୋବର ମାସଠାରୁ ଅଧକ୍ଷ ଓ ସଦସ୍ୟ ମାନଙ୍କ ପଦବୀ ଖୋଲାଥିବା ବେଳେ ରାଜ୍ୟ ଶିଶୁ ସୁରକ୍ଷା କମିଶନରେ ୨୫୮୫ ମାମଲା ବିଚାର ନହୋଇ ପଡି ରହିଛି ଏମିତିରେ ଶିଶୁ ଟିଏ ନ୍ୟାୟ କେମିତି ପାଇପାରିବ ? ପ୍ରତ୍ୟେକ ବର୍ଷ ଜୁନ ୧୨ ତାରିଖରେ ସମଗ୍ର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରୁଛି । ସମସ୍ତେ ଶିଶୁ ମାନଙ୍କ ପାଇଁ ସଭା ସମିତି, ପ୍ରଚାର ପ୍ରସାର ଓ ଶୋଭାଯାତ୍ରା ଆୟୋଜନରେ ବ୍ୟସ୍ତ । କିନ୍ତୁ ଶିଶୁ ମାନେ ଯେ କେତେ ଅସୁରକ୍ଷିତ ସେଥିପାଇଁ କେହି ଯତ୍ନବାନ ନୁହନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ଶିଶୁ ମାନଙ୍କ ସୁରକ୍ଷା, ଶିକ୍ଷା ଓ ସଶକ୍ତିକରଣ ଅପରିହାର୍ଯ୍ୟ ହୋଇ ପଡିଛି । ଏହା କେବଳ ସରକାର କିମ୍ବା କୌଣସି ସଂସ୍ଥାର ଦାୟିତ୍ୱ ନୁହେଁ । ଯେପର୍ଯ୍ୟନ୍ତ ସମଗ୍ର ମାନବ ସମାଜ ଏଥିପାଇଁ ଚେଷ୍ଟିତ ନହେବ ସେପର୍ଯ୍ୟନ୍ତ ଶିଶୁ ମାନଙ୍କ କଲ୍ୟାଣ ହୋଇ ପାରିବ ନାହିଁ ।

+ମୋ:୯୪୩୭୨୧୮୯୧୭

# ମହାନ୍ ସଂଗ୍ରାମୀ ଭଗବାନ ବୀର୍ସା ମୁଣ୍ଡା



ଦଶରଥ ହେମ୍ବ୍ରମ୍



ଆଦିବାସୀଙ୍କ ଗୌରବ ଏବଂ ଅସ୍ମିତାର ପ୍ରତୀକ ହେଉଛନ୍ତି ଭଗବାନ ବିର୍ସା ମୁଣ୍ଡା। ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ସେ ବିହାର ପ୍ରଦେଶ (ବର୍ତ୍ତମାନର ଝାଡଖଣ୍ଡ)ର ରାଞ୍ଚିରେ ଥିବା ଉଲିହାତୁ ଗ୍ରାମରେ ଜନ୍ମ ହୋଇଥିଲେ। ପିତାଙ୍କ ନାମ ସୁଗୁନା ମୁଣ୍ଡା ଓ ମାତାଙ୍କ ନାମ କାରମୀ ମୁଣ୍ଡା। ପିଲାଟି ଦିନରୁ ପାଠ ପଢ଼ିବା ପ୍ରତି ତାଙ୍କର ଖୁବ ଆଗ୍ରହ ରହିଥିଲା। ସାଲ୍‌ଗାଠାରେ ତାଙ୍କର ବାଲ୍ୟ ଶିକ୍ଷା ଆରମ୍ଭ ହୋଇଥିଲା। ଜଇପାଲ୍ ନାଗଙ୍କ ସହ ସେଠାରେ ସାକ୍ଷାତ ହୋଇଥିଲା। ଶୁଣାଯାଏ, ତାଙ୍କଠାରୁ ମହାନ ଗ୍ରନ୍ଥ ରାମାୟଣ ଓ ମହାଭାରତ ବିଷୟ ନେଇ ସେ ଅବଗତ ହୋଇଥିଲେ। ସେ ବୁରୁଜ ପ୍ରାଇମେରୀ ସ୍କୁଲରେ ଅଧ୍ୟୟନ ପରେ ଚାଇଁବସାର ମିଶନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷାଲାଭ କଲେ। ପରେ ସେ ଜର୍ମାନ ମିଶନରୀ ସ୍କୁଲରେ ନାମ ଲେଖାଇଥିଲେ। ଏହି ସମୟରେ ସେ ଜର୍ମାନୀ ଶିକ୍ଷକ ଫାଦର୍ ଡେଡଲକ୍ ଓ ଫାଦର୍ ନୋଟ୍ରୋଟଙ୍କ ସଂସ୍ପର୍ଶରେ ଆସିଥିଲେ। କିନ୍ତୁ, ସେତେବେଳେ ସରଳ ବିଶ୍ୱାସୀ ଆଦିବାସୀମାନଙ୍କୁ ଡରେଇ ଧମକେଇ ଧର୍ମ ପରିବର୍ତ୍ତନ କରାଉଥିଲେ। ଏପଟେ ଗୋରା ଶାସକମାନଙ୍କ ଅତ୍ୟାଚାର ଓ ଅମାନୁଷିକ ବ୍ୟବହାର ତାଙ୍କୁ ମର୍ମାହତ କରିଥିଲା। ଏଥିପାଇଁ ତାଙ୍କୁ ପାଠ ନପଢ଼ି ବିଦ୍ୟାଳୟ ଛାଡ଼ିବାକୁ ପଡ଼ିଥିଲା। ଆଦିବାସୀମାନଙ୍କୁ ଏକତ୍ର କରି ଇଂରେଜ ବିରୁଦ୍ଧରେ ସେ ଯୁଦ୍ଧ ଡାକରା ଦେଇଥିଲେ। ୧୮୮୬ ରୁ ୧୮୯୦ ମଧ୍ୟରେ ଚାଲିଥିବା 'ସର୍ଦ୍ଦାର ଆନ୍ଦୋଳନ'ରେ ବୀର୍ସା ମୁଣ୍ଡାଙ୍କ ଯୋଗଦାନ ପରେ ଆନ୍ଦୋଳନ ଜୋରଦାର ହୋଇଥିଲା। ଏହି ଆନ୍ଦୋଳନରେ ମୁଣ୍ଡା ଏବଂ ଓରାଓଁ ସମ୍ପ୍ରଦାୟର ପାରମ୍ପରିକ ଗ୍ରାମ୍ୟ ମୁଖିଆମାନେ ନେତୃତ୍ୱ ନେଇଥିଲେ। ସେତେବେଳେ ଆଦିବାସୀମାନଙ୍କର ନିଜସ୍ୱ ସାମୂହିକ ଜମି ବ୍ୟବସ୍ଥା ଥିଲା, ଯାହାକୁ 'ଖୁଣ୍ଟକାଟି ବ୍ୟବସ୍ଥା' କୁହାଯାଉଥିଲା। ବାହାରୁ ଆସିଥିବା ଜମିଦାର ଓ ମଧ୍ୟସ୍ଥିମାନେ ଆଦିବାସୀ ଜମିଗୁଡ଼ିକୁ ଜବରଦସ୍ତି ନିଜ ଅଧୀନକୁ ନେଇଯାଇଥିଲେ। ଅନ୍ୟ ପକ୍ଷରେ, ଜମିଦାରମାନେ ଆଦିବାସୀ ମାନଙ୍କୁ କୌଣସି ପାରିଶ୍ରମିକ ବା ମଜୁରୀ ନଦେଇ ଜୋର ଜବରଦସ୍ତ ବିଲରେ କାମ କରାଉଥିଲେ, ଯାହାକୁ 'ବେଠି ଖଟିବା' କୁହାଯାଉଥିଲା। ଗରିବ ଚାଷୀମାନଙ୍କ ଉପରେ ବେଆଇନ ଭାବେ ଅତ୍ୟଧିକ ଖଜଣା ଲଦି ଦେଉଥିଲେ। ଏଥିପାଇଁ ୧୮୮୭ରେ ହଜାର ହଜାର ଚାଷୀମାନେ ଜମିଦାରମାନଙ୍କୁ ଖଜଣା ଦେବା ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଆଦିବାସୀମାନେ ଭାବିଥିଲେ ଯେ, ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କଲେ ମିଶନାରୀମାନେ ଜମି ଫେରାଇବାରେ ସାହାଯ୍ୟ କରିବେ ଏବଂ ଶୋଷଣମୁକ୍ତ ହେବେ ବୋଲି। ମାତ୍ର ମିଶନାରୀମାନେ ବ୍ରିଟିଶ ସରକାରଙ୍କ ସହ ହାତ ମିଳାଇ ଆଦିବାସୀଙ୍କୁ ଅତ୍ୟଧିକ ନିର୍ଯ୍ୟାତନା ଦେଉଥିଲେ। ତେଣୁ ସର୍ଦ୍ଦାରମାନେ ମିଶନାରୀମାନଙ୍କୁ ବିରୋଧ କରିବା ଆରମ୍ଭ କଲେ ଏବଂ ଖ୍ରୀଷ୍ଟିଆନ ଧର୍ମ ଛାଡ଼ି ନିଜ ସଂସ୍କୃତିକୁ ଫେରିଆସିଲେ। ଏହି ସଂଗଠିତ ପ୍ରତିରୋଧ ବ୍ରିଟିଶ ସରକାରଙ୍କ ଚିନ୍ତା ବଢ଼ାଇଥିଲା। ସର୍ଦ୍ଦାର ଆନ୍ଦୋଳନକୁ ବଳପୂର୍ବକ ଦବାଇବାକୁ ଚେଷ୍ଟା କରାଗଲା। ୧୮୯୦ ମସିହା ବେଳକୁ ଏହି ଆନ୍ଦୋଳନ କିଛି ମାତ୍ରାରେ ଦମନ କରିବାରେ ସଫଳ ହୋଇଥିଲା କିନ୍ତୁ ଏହା ଆଦିବାସୀମାନଙ୍କ ମଧ୍ୟରେ ଏକ ବଡ଼ ରାଜନୈତିକ ଓ ସାମାଜିକ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଆନ୍ଦୋଳନର ବିଫଳତା ଓ ଅସନ୍ତୋଷରୁ ହିଁ ପରବର୍ତ୍ତୀ ସମୟରେ ମହାନ ଆଦିବାସୀ ନେତା ବୀର୍ସା ମୁଣ୍ଡାଙ୍କ ନେତୃତ୍ୱରେ ଐତିହାସିକ 'ଉଲଗୁଲାନ' ବା ମୁଣ୍ଡା ବିଦ୍ରୋହ ଜନ୍ମ ନେଇଥିଲା, ଯାହା ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ହଲାଇ ଦେଇଥିଲା।

ସର୍ଦ୍ଦାର ଆନ୍ଦୋଳନ ପରେ ବୀର୍ସା ମୁଣ୍ଡା ଧର୍ମ ପରିବର୍ତ୍ତନକୁ ନେଇ ବ୍ରିଟିଶ ପାଦ୍ରୀମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ ଆରମ୍ଭ କରିଥିଲେ। ସେ ୧୮୯୪ରେ ଭାରତରେ ହୋଇଥିବା ଦୁର୍ଭିକ୍ଷ ଏବଂ ମହାମାରୀ ନେଇ ବ୍ରିଟିଶଙ୍କୁ କର ଛାଡ଼ ଆନ୍ଦୋଳନ କରିବା ସମୟରେ ଲୋକଙ୍କୁ ସାହାଯ୍ୟ କରିଥିଲେ। ଏହାଦ୍ୱାରା ତାଙ୍କର ଲୋକପ୍ରିୟତା ବଢ଼ିଥିଲା। ଖ୍ରୀଷ୍ଟିୟାନ ଧର୍ମ ଛାଡ଼ି ଅନେକ ଆଦିବାସୀଙ୍କୁ ନିଜ ଧର୍ମକୁ ଫେରାଇ ଆଣିଥିବାରୁ ଲୋକମାନେ ତାଙ୍କୁ 'ଧର୍ମବାବା' ବୋଲି ସମ୍ବୋଧନ କଲେ। ସେଦିନଠାରୁ ବୀର୍ସା ମୁଣ୍ଡା ହେଇଗଲେ 'ଭଗବାନ' ବା 'ଧରତୀ ଆବା' କିନ୍ତୁ ଇଂରେଜ ପାଦ୍ରୀମାନଙ୍କ ପାଖରେ ଭଗବାନ ବୀର୍ସା ପାଲଟିଥିଲା ଜଣେ ଅପରାଧୀ ଓ ସଇତାନ। ଫଳରେ, ୧୮୯୫ ମସିହା ଅଗଷ୍ଟ ୧୬ ଦିନ ବିର୍ସା ମୁଣ୍ଡା ଓ ୧୫ ଜଣ ସହଯୋଗୀଙ୍କୁ ପୋଲିସ୍ ଗିରଫ କରିଥିଲା। ଦେଶଦ୍ରୋହ ଅପରାଧରେ ସେମାନଙ୍କୁ ଦୁଇବର୍ଷ କାରାଦଣ୍ଡ ମଧ୍ୟ ଦିଆଯାଇଥିଲା। ୧୮୯୭ ରୁ ୧୯୦୦ ମସିହା ମଧ୍ୟରେ ବିର୍ସା ମୁଣ୍ଡା ବ୍ରିଟିଶ ସହିତ ଲଢ଼େଇ କରିଥିଲେ। ଅଗଷ୍ଟ ମାସ ୧୮୯୭ରେ ଖୁଣ୍ଟି ପୋଲିସ ଷ୍ଟେସନ ଉପରେ ଆକ୍ରମଣ କରାଗଲା। ୧୮୯୮ରେ ଟାଙ୍ଗୀ ନଦୀ ଉପକୂଳରେ ବ୍ରିଟିଶ ସୈନ୍ୟଙ୍କ ସହିତ ମୁହାଁମୁହିଁ ଯୁଦ୍ଧ ହେଲା। ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ନିଆଁହୁଳା, ଧନୁ ତୀର ଓ ବର୍ଚ୍ଛା ଧରି ଗୋରା ଇଂରେଜମାନଙ୍କର ବାସଭବନ ଓ ଅଫିସ୍‌ରେ ନିଆଁ ଲଗାଇ ଦିଆଯାଇଥିଲା। କିନ୍ତୁ ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ବିଦ୍ରୋହକାରୀଙ୍କ ମଧ୍ୟରୁ ପ୍ରାୟ ୧୨ଜଣଙ୍କ ଶହୀଦ ହୋଇଥିଲା। ଡୋମ୍ବାଡ଼ି ପାହାଡ଼ ଉପରେ ପୁଣି ଇଂରେଜ ସହ ମୁହାଁମୁହିଁ ହୋଇ ଘୋମାଘୋଟ ଲଢ଼େଇ ହୋଇଥିଲା। ବିର୍ସାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡା ଏବଂ ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ କନେଷ୍ଟବଳଙ୍କୁ ହତ୍ୟା କରାଯାଇଥିଲା। ଏହାର ପ୍ରତିଶୋଧରେ ସଶସ୍ତ୍ର ପୋଲିସ୍ ବାହିନୀ ଗୟା ମୁଣ୍ଡାଙ୍କୁ ଗିରଫ କରିବାରେ ସଫଳ ହୋଇଥିବାବେଳେ ବୀର୍ସା ମୁଣ୍ଡା ଖସି ପଳାଇବାରେ ସକ୍ଷମ ହୋଇଥିଲେ।

ବୀର୍ସାଙ୍କୁ ଧରାଇଦେବା ପାଇଁ ବ୍ରିଟିଶ୍ ସରକାର ପାଞ୍ଚଶହ ଟଙ୍କା ଅର୍ଥ ପୁରସ୍କାର ଘୋଷଣା କରିଥିଲେ। ତାଙ୍କର ସନ୍ଧାନ ସମୟରେ ବିଦ୍ରୋହୀମାନେ ପାହାଡ଼ ଉପରୁ ଧନୁତୀର, ବର୍ଚ୍ଛା ଓ ପଥରଦ୍ୱାରା ଇଂରେଜମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଥିଲେ। ଇଂରେଜମାନଙ୍କ ଗୁଳିଗୋଳା ମାଡ଼ରେ ନରସିଂହ ମୁଣ୍ଡାଙ୍କ ସମେତ ଦୁଇଶହ ବିଦ୍ରୋହୀ ଶହୀଦ୍ ହୋଇଥିଲେ। ସେଇଠୁ ମଧ୍ୟ ବିର୍ସା ମୁଣ୍ଡା ଅଳ୍ପକେ ବର୍ତ୍ତିଯାଇ ଚକ୍ରଧରପୁର ଜଙ୍ଗଲକୁ ଚାଲିଗଲେ। କିଛି ମାସ ବିର୍ସାଙ୍କ ସନ୍ଧାନ ନ ପାଇବାରୁ ମୁଣ୍ଡାମାନଙ୍କ ଉପରେ ବ୍ରିଟିଶମାନେ ଅମାନୁଷିକ ଅତ୍ୟାଚାର କଲେ। ସେମାନଙ୍କ ଘରେ ନିଆଁ ଲଗାଇଦେଲେ। ଇଂରେଜମାନଙ୍କ ଏହିଭଳି ଅମାନୁଷିକ କାର୍ଯ୍ୟରୁ ସେମାନଙ୍କୁ ରକ୍ଷା କରିବା ପାଇଁ ବୀର୍ସାଙ୍କ ସହକର୍ମୀ ଡେନକା ମୁଣ୍ଡା ଏବଂ ମାଝିଆ ମୁଣ୍ଡା ଆତ୍ମସମର୍ପଣ କରିଥିଲେ। ଏହି ସମୟରେ ବିଶ୍ୱାସଘାତକ ଶଶୀଭୂଷଣ ରାୟ ଓ ମାଝିତା ମାରିଆ ପାଞ୍ଚ ଶହ ଟଙ୍କା ଲୋଭରେ ବୀର୍ସା ମୁଣ୍ଡା ଲୁଚିରହିଥିବାର ଖବର ଇଂରେଜ ସରକାରକୁ ଜଣାଇବାରୁ ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ତାଙ୍କୁ ଗିରଫ କରାଯାଇଥିଲା। ରାଞ୍ଚି ଜେଲରେ ଥିବାବେଳେ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆଯିବାରୁ ଜୁନ୍ ୯ ତାରିଖ ଦିନ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏହିଭଳି ଭାବରେ ଇଂରେଜ ସରକାର ମହାବିଦ୍ରୋହ 'ଉଲ୍‌ଗୁଲାନ୍' ବା ମୁଣ୍ଡା ବିଦ୍ରୋହ ଦମନ କରିବାରେ ସଫଳ ହୋଇଥିଲେ।

+ ବାଲେଶ୍ୱର
ମୋ-୯୩୩୭୪୦୪୨୫୪

କବିତା କୋଣାର୍କ

## ନିଃଶବ୍ଦ କାନଭାସ୍

ବଂଶୀଧର ମାଝୀ



ମହାନଦୀର ଶାନ୍ତ ନୀଳ ଜଳରେ
ଝଲସିଉଠେ ଏକ ଚିରନ୍ତନ ସ୍ୱପ୍ନ
ଯେଉଁଠି ମାଟିର ବାସ୍ନା
ଆଉ ବିସ୍ତୀର୍ଣ୍ଣ ଆକାଶ
ପରସ୍ପରକୁ ଆଲିଙ୍ଗନ କରନ୍ତି ।

ସେଇ ନଦୀ କୂଳେ
ଠିଆ ହୋଇଛି ଚାଷୀଟିଏ
ତା' ଆଖିରେ ଥକ୍କାପଣ ନାହିଁ
ଅଛି କେବଳ ଅପେକ୍ଷା ।

ଶେଷ ଶ୍ରାବଣର ସେହି କ୍ଲାନ୍ତ ସଞ୍ଜରେ
ସେ ଚାହେଁ ଉଦାସ ଆକାଶକୁ
କେତେବେଳେ ମେଘର ଲୁହ ତ
କେତେବେଳେ ପାଏ ରୌଦ୍ରର ତାତି ।

ନଦୀର ବୁକୁରେ ଖେଳୁଥାଏ
ରୂପେଲି ଜହ୍ନ
ଠିକ୍ ଯେମିତି ଚାଷୀର ମନରେ
ଧାନ କେଣ୍ଡାର ସୁନେଲି ହସ ।

ମହାନଦୀର କୁଳୁକୁଳୁ
ନାଦରେ ସେ ଶୁଣେ
ଆଗାମୀ କାଲିର ଏକ
ସମୃଦ୍ଧ ସଙ୍ଗୀତ ।

ଖାଲି ପାଦରେ ମାଟିକୁ ଆଉଁସି
ସେ ଭାବେ
ଆକାଶ ଯେତେ ଦୂର ହେଲେ ବି
ଜହ୍ନ ଯେତେ ଦୂରେ ରହିଲେ ବି
ଏଇ ନଦୀ ଆଉ ତାର ଝାଳ ବୁନ୍ଦା
ସବୁ ଅଭାବକୁ ଦିନେ ପୂର୍ଣ୍ଣତା ଦେବ ।

+ଫଟାମୁଣ୍ଡା, ଘଣ୍ଟାପଡା,
ବୌଦ୍ଧ-୭୬୨୦୧୮
ମୋ: ୯୧୭୮୮୦୩୩୮୮

## ପ୍ରେରଣା

ଦୀପକ କୁମାର ନାୟକ

ଭାରି ମନେପଡେ ପିଲଦିନ କଥା
କେତେ ଦୁଃଖ ସହୁଥିଲ
ତଥାପି ନଭାଙ୍ଗି ଏକା ତୁମେ ବାପା
ଘରକୁ ସମ୍ଭାଳୁଥିଲ ।।
ଦୁନିଆଯାକର କଥା କହି ମୋତେ
କେତେଯେ ବୁଝାଉଥିଲ
ଟିକେ ଯଦି ରାଗିଯାଇ ମୁଁ ନଶୁଣେ
ତଥାପି ରାଗୁ ନଥିଲ ।।
ବାପା ଯେବେ ହବୁ ତେବେ ତୁ ବୁଝିବୁ
ବୋଲି ମୋତେ କହୁଥିଲ
ଏଇକଥା ତୁମେ କହି ସବୁବେଳେ
ମୋତେ ବଦଳାଇଦେଲ ।।
ଯେଉଁ ଲୋକ ବିପଦରେ ପଡିଥାଏ
ତାକୁ ଯେ ଉଦ୍ଧାରୁଥିଲ
ନିଜ ମାଟି ପାଇଁ ଜୀବନଟା ତୁମ
ସଂଘର୍ଷରେ କାଟିଦେଲ ।।
ସବୁବେଳେ କୁହ ବିପଦରେ ଥିବା
ଲୋକଙ୍କୁ ସାହାଯ୍ୟ କର
ନିଜମାଟି ପାଇଁ ଜୀବନରେ କିଛି
କରିବାକୁ ଚେଷ୍ଟାକର ।।
ତୁମ ଠାରୁ ଏହି ପ୍ରେରଣା ପାଇ ମୁଁ
ଚାଲିଛି ଆଗକୁ ମାଡ଼ି
ତୁମ ଆଶିର୍ବାଦ ଥିଲେ ମୋ ପାଖରେ
ଚଢିବି ଜୀବନ ଶିଡି ।।
ଆଜିପରଯ୍ୟନ୍ତ ସଂଘର୍ଷର ଗାଥା
ତୁମ ମୁହଁରୁ ମୁଁ ଶୁଣି
ଶପଥ ନେଇଛି ସଂଘର୍ଷକୁ ନେଇ
ଲେଖିବି ମୋର କାହାଣୀ
ଲେଖିବି ମୋର କାହାଣୀ ।।

+ଯୁବ ସାମ୍ବାଦିକ
ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ
ମୋ:୮୬୩୭୨୬୧୮୨୮

# ବୟସ ବଢ଼ିଲେ ବି କମିବନି ସ୍ମୃତି ଶକ୍ତି : ପ୍ରତିଦିନ ଖାଆନ୍ତୁ ଏହି ୬ଟି ସୁପରଫୁଡ୍ ...

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ ଲୋକମାନେ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଯେତେ ଧ୍ୟାନ ଦେଉଛନ୍ତି, ମସ୍ତିଷ୍କର ସ୍ୱାସ୍ଥ୍ୟ ପ୍ରତି ସେତେଟା ସଚେତନ ନୁହନ୍ତି । କିନ୍ତୁ ବୟସ ବଢ଼ିବା ସହିତ ସ୍ମୃତିଶକ୍ତି ହ୍ରାସ, ଏକାଗ୍ରତା କମିବା ଓ ମାନସିକ ଅବସାଦ ଭଳି ସମସ୍ୟା ବଢ଼ିବାର ଆଶଙ୍କା ରହିଥାଏ । ବିଶେଷଜ୍ଞଙ୍କ ମତରେ, ନିୟମିତ ବ୍ୟାୟାମ, ପର୍ଯ୍ୟାପ୍ତ ନିଦ୍ରା ଓ ସାମାଜିକ ଭାବେ ସକ୍ରିୟ ରହିବା ସହିତ ସଠିକ୍ ଖାଦ୍ୟାଭ୍ୟାସ ମସ୍ତିଷ୍କକୁ ଦୀର୍ଘଦିନ ଧରି ସୁସ୍ଥ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ କିଛି ନିର୍ଦ୍ଦିଷ୍ଟ ଖାଦ୍ୟ ସ୍ମୃତିଶକ୍ତି ବୃଦ୍ଧି କରିବା ସହ ଡିମେନ୍ସିଆ ଓ ଅନ୍ୟାନ୍ୟ ମସ୍ତିସ୍କ ଜନିତ ସମସ୍ୟାର ଆଶଙ୍କାକୁ କମାଇପାରେ । ଖାସ୍ କରି 'ମାଇଣ୍ଡ ଡାଏଟ୍' ନାମକ ଖାଦ୍ୟ ପଦ୍ଧତିକୁ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ବେଶ୍ ପ୍ରଭାବଶାଳୀ ବୋଲି ଧରାଯାଉଛି । ଏହି ଡାଏଟ୍‌ରେ ସବୁଜ ପନିପରିବା, ଫଳ, ମାଛ, ବାଦାମ ଓ ଅଲିଭ୍ ତେଲ ଭଳି ପୌଷ୍ଟିକ ଖାଦ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ ।

୧. ସବୁଜ ପନିପରିବା

ପାଳଙ୍ଗ ଶାଗ, ବନ୍ଧାକୋବି ଓ ଅନ୍ୟାନ୍ୟ ଗାଢ଼ ସବୁଜ ପନିପରିବା ମସ୍ତିଷ୍କ ପାଇଁ ଅତ୍ୟନ୍ତ ଉପକାରୀ। ଏଥିରେ ଭିଟାମିନ୍-କେ, ଫୋଲେଟ୍ ଓ ଲ୍ୟୁଟିନ୍ ଭଳି ପୋଷକ ତତ୍ତ୍ୱ ରହିଥାଏ, ଯାହା ମସ୍ତିଷ୍କର କୋଷଗୁଡ଼ିକୁ ସୁରକ୍ଷା ଦେଇଥାଏ । ଗବେଷଣା ଅନୁସାରେ, ଯେଉଁମାନେ ନିୟମିତ ଭାବେ ଏହି ପ୍ରକାର ପନିପରିବା ଖାଆନ୍ତି ସେମାନଙ୍କର ଜ୍ଞାନଗତ କ୍ଷମତା ଅନ୍ୟମାନଙ୍କ ତୁଳନାରେ ଅଧିକ ସମୟ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ ।

୨. କୋଳି ଜାତୀୟ ଫଳ

ଜାମୁକୋଳି, ଷ୍ଟ୍ରବେରୀ, କଣ୍ଟେଇ କୋଳି ଭଳି ଫଳରେ ଫ୍ଲାଭୋନଏଡ୍ ନାମକ ଶକ୍ତିଶାଳୀ ଆଣ୍ଟିଅକ୍ସିଡେଣ୍ଟ ରହିଥାଏ । ଏହା ମସ୍ତିଷ୍କରେ ଅକ୍ସିଡେଟିଭ୍ କ୍ଷତିକୁ କମାଇବା ସହ ସ୍ମୃତିଶକ୍ତିକୁ ସୁଦୃଢ଼ କରିଥାଏ । ବିଶେଷଜ୍ଞମାନଙ୍କ ମତରେ, ସପ୍ତାହରେ ଅତିକମରେ ଦୁଇଥର କୋଳି ଜାତୀୟ ଫଳ ଖାଇଲେ ବୟସ ଜନିତ ସ୍ମୃତିହ୍ରାସର ଆଶଙ୍କା କମାଇ ଯାଇପାରେ ।

୩. ତେଲିଆ ମାଛ

ଶେଉଳ, ଟୁନା ମାଛ, ଲୁଣି ମାଛ, ଓ ମରୁଆ ଭଳି ମାଛରେ ଓମେଗା-୩ ଫ୍ୟାଟି ଏସିଡ୍ ଭରପୂର ରହିଥାଏ । ଏହି ପୋଷକ ତତ୍ତ୍ୱ ମସ୍ତିଷ୍କ କୋଷର ଗଠନ ଓ କାର୍ଯ୍ୟକୁ ସୁଦୃଢ଼ କରିଥାଏ । ଅନେକ ଗବେଷଣାରୁ ଜଣାପଡ଼ିଛି ଯେ ନିୟମିତ ଭାବେ ମାଛ ଖାଇବା ଦ୍ୱାରା ଡିମେନ୍ସିଆ ଓ ଅନ୍ୟାନ୍ୟ ମସ୍ତିଷ୍କ ସମ୍ବନ୍ଧୀୟ ରୋଗର ଆଶଙ୍କା ହ୍ରାସ ପାଇପାରେ ।

୪. ବାଦାମ ଓ ବିଭିନ୍ନ ପ୍ରକାର ମଞ୍ଜି

ଅଖରୋଟ, ଚିଆ ସିଡ୍ସ, ଫ୍ଲାକ୍ସ ସିଡ୍ସ ଓ କଖାରୁ ମଞ୍ଜିରେ ଓମେଗା-୩ ଫ୍ୟାଟି ଏସିଡ୍ ଓ ଆଣ୍ଟିଅକ୍ସିଡେଣ୍ଟ ରହିଥାଏ । ବିଶେଷକରି ଅଖରୋଟକୁ ମସ୍ତିଷ୍କର ଆକୃତି ସହ ତୁଳନା କରାଯାଏ ଏବଂ ଏହାକୁ 'ବ୍ରେନ୍ ଫୁଡ୍' ଭାବେ ମଧ୍ୟ ଲୋକେ ଜାଣନ୍ତି । ଏହା ମାନସିକ ସତର୍କତା ବଢ଼ାଇବା ସହ ସ୍ମୃତିଶକ୍ତିରେ ଉନ୍ନତି ଆଣିପାରେ ।

୫. ଅଲିଭ୍ ତେଲ

ଅଲିଭ୍ ତେଲ ମସ୍ତିଷ୍କ ପାଇଁ ଅନେକ ଲାଭଦାୟକ ହୋଇପାରେ । ଏଥିରେ ଥିବା ସ୍ୱାସ୍ଥ୍ୟକର ଚର୍ବି ଓ ଆଣ୍ଟିଅକ୍ସିଡେଣ୍ଟ ମସ୍ତିସ୍କ କୋଷକୁ ସୁରକ୍ଷିତ ରଖିଥାଏ । କିଛି ଗବେଷଣାରେ ଦେଖାଯାଇଛି ଯେ ନିୟମିତ ଅଲିଭ୍ ତେଲ ବ୍ୟବହାର କରୁଥିବା ଲୋକଙ୍କ ମଧ୍ୟରେ ଡିମେନ୍ସିଆ ଜନିତ ମୃତ୍ୟୁର ଆଶଙ୍କା ତୁଳନାତ୍ମକ ଭାବେ କମ୍ ଥାଏ।

୬. ଅଣ୍ଡା

ଅଣ୍ଡାରେ ଥିବା କୋଲିନ୍, ଭିଟାମିନ୍-ଡି ଓ ଓମେଗା-୩ ମସ୍ତିଷ୍କର ସ୍ୱାସ୍ଥ୍ୟ ପାଇଁ ଖୁବ ଜରୁରୀ । କୋଲିନ୍, ସ୍ମୃତିଶକ୍ତି ବଢ଼ିଥାଏ ବୋଲି ବିଶେଷଜ୍ଞମାନଙ୍କ ମତ ରହିଛି । ଅଣ୍ଡାର ହଳଦିଆ ଅଂଶରେ ଅଧିକାଂଶ ପୋଷକ ତତ୍ତ୍ୱ ରହିଥାଏ ତେଣୁ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ ଅଣ୍ଡା ଖାଇବା ଉପକାରୀ ହୋଇଥାଏ .

କେଉଁ ଖାଦ୍ୟକୁ ସୀମିତ କରିବେ ?

ବିଶେଷଜ୍ଞମାନଙ୍କ ମତରେ, ଅତ୍ୟଧିକ ତେଲରେ ଛଣା ଜିନିଷ, ଅଧିକ ଚର୍ବିଯୁକ୍ତ ମାଂସ, ଲହୁଣୀ, ଚିଜ୍ ଏବଂ ଅତ୍ୟଧିକ ମିଠା ଖାଦ୍ୟ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ । ତେବେ ଏହି ଖାଦ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଛାଡ଼ିବା ଦରକାର ନାହିଁ ନଚେତ୍ ଏକ ସୀମିତ ପରିମାଣରେ ଖାଇବା ଉଚିତ । ତେବେ ସୁସ୍ଥ ମସ୍ତିଷ୍କ ହିଁ ସୁସ୍ଥ ଜୀବନର ଆଧାର । ତେଣୁ ଦୈନିକ ଖାଦ୍ୟରେ ସବୁଜ ପନିପରିବା, ଫଳ, ମାଛ, ବାଦାମ, ଅଲିଭ୍ ତେଲ ଓ ଅଣ୍ଡା ଭଳି ପୌଷ୍ଟିକ ଖାଦ୍ୟକୁ ସାମିଲ କରନ୍ତୁ । ଏହା ସହିତ ନିୟମିତ ବ୍ୟାୟାମ, ପର୍ଯ୍ୟାପ୍ତ ନିଦ୍ରା ଓ ସକ୍ରିୟ ଜୀବନଶୈଳୀ ଅନୁସରଣ କଲେ ମସ୍ତିଷ୍କ ଦୀର୍ଘଦିନ ପର୍ଯ୍ୟନ୍ତ ସୁସ୍ଥ, ସକ୍ରିୟ ଓ ତୀକ୍ଷ୍ଣ ରହିପାରିବ ।



ଛୋଟପିଲାଙ୍କ ଡାଏଟକୁ ନେଇ ବାପା, ମା' ସବୁବେଳେ ଦ୍ୱନ୍ଦ୍ୱରେ ରହିଥା'ନ୍ତି । ଖାସ୍ କରି ସେତେବେଳେ ଯେତେବେଳେ ପ୍ରଥମ ଥର ପାଇଁ ସନ୍ତାନ ଜନ୍ମ କରିଥା'ନ୍ତି ବାପା,ମା' । ଛୋଟ ଛୁଆ ତ ଶୀଘ୍ର ଖାଇବେନି , ବୁଲାଇ ବୁଲାଇ ଖୁଆଇଲା ବେଳକୁ ଘଣ୍ଟା ଘଣ୍ଟା ସମୟ ଲାଗିଯାଏ । ପିଲା କେମିତି ସଅଳ ଖାଇବ ଏହା ଚିନ୍ତା କରି ବାପା,ମା' ଖାଦ୍ୟରେ ଅଳ୍ପ ଲୁଣ ଏବଂ ଚିନିର ବ୍ୟବହାର କରନ୍ତି । କିଛି ଲୋକ ୬ ମାସ ପରେ ସେମାନଙ୍କ ଶିଶୁକୁ ଲୁଣ ଏବଂ ଚିନି ଖାଇବାକୁ ଦେବା ଆରମ୍ଭ କରିଦିଅନ୍ତି । କିନ୍ତୁ ଶିଶୁ ବିଶେଷଜ୍ଞମାନେ ଏପରି କରିବାକୁ ମନା କରନ୍ତି । ଶିଶୁରୋଗ ବିଶେଷଜ୍ଞ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ଅନୁସାରେ, ୧ ବର୍ଷ ବୟସ ପୂର୍ବରୁ




ପିଲାମାନଙ୍କୁ ଲୁଣ ଏବଂ ଚିନି ଖାଇବାକୁ ଦେବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । କାରଣ ଜନ୍ମ ପରେ ପିଲାଙ୍କ ଶରୀର ଏବଂ କିଡନି ଧୀରେ ଧୀରେ ବିକଶିତ ହୁଏ । ଏପରି ପରିସ୍ଥିତିରେ ଅଧିକ ସୋଡିୟମ୍ ସେମାନଙ୍କ ଶରୀର ଉପରେ ଚାପ ପକାଇପାରେ ଏବଂ କ୍ଷତି ପହଞ୍ଚାଇପାରେ । ତେବେ ଆସନ୍ତୁ ଜାଣିବା ବର୍ଷେ ପୂର୍ବରୁ ପିଲାମାନଙ୍କୁ କାହିଁକି ଲୁଣ ଦିଆଯିବା ଉଚିତ୍ ନୁହେଁ ଏବଂ ଏହା ଶିଶୁର ଶରୀରରେ କ'ଣ କ୍ଷତି କରିପାରେ ?

ଛୋଟ ପିଲାମାନଙ୍କର ବୃକକ୍ ସମ୍ପୂର୍ଣ୍ଣ ବିକଶିତ ହୋଇନଥାଏ । ଯଦି ପିଲାଟି ଲୁଣ ଖାଏ ତେବେ ବୃକକ୍ ଉପରେ ଅଧିକ ଚାପ ପଡ଼େ । କମ୍ ବୟସରୁ ଅଧିକ ଲୁଣ ଖାଇବା ଅଭ୍ୟାସ ଭବିଷ୍ୟତରେ ଉଚ୍ଚ ରକ୍ତଚାପର ସମ୍ଭାବନାକୁ ବୃଦ୍ଧି କରିପାରେ । ଗବେଷଣାରୁ ଜଣାପଡ଼ିଛି ଯେ ପିଲାଦିନର ଖାଦ୍ୟପେୟ ବଡ଼ ହେଲେ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ । ଛୋଟ ପିଲାମାନଙ୍କର ଶରୀରରେ ଜଳ ସନ୍ତୁଳନ ଶୀଘ୍ର ବିଗିଡ଼ିପାରେ । ଅଧିକ ଲୁଣ ଖାଇବାକୁ ଦେବା ଦ୍ୱାରା ଶରୀରରେ ପାଣିର ଆବଶ୍ୟକତା ବଢ଼ିଯାଏ ଏବଂ ଡିହାଇଡ୍ରେସନ୍ ହେବାର ଆଶଙ୍କା ରହିପାରେ । ଯଦି ପିଲାଟି ଆରମ୍ଭରୁ ଲୁଣିଆ ଖାଦ୍ୟ ଖାଇବାରେ ଅଭ୍ୟସ୍ତ ହୋଇଯାଏ ଭବିଷ୍ୟତରେ ମଧ୍ୟ ଲୁଣିଆ ଖାଦ୍ୟ ଖାଇବାକୁ ହିଁ ପସନ୍ଦ କରେ । ବିଶେଷଜ୍ଞମାନେ କୁହନ୍ତି ଯେ ୧ ବର୍ଷ ପର୍ଯ୍ୟନ୍ତ ଆପଣଙ୍କ ଶିଶୁକୁ ଲୁଣ ଦେବାର ଆବଶ୍ୟକତା ନାହିଁ । ତଥାପି ୬ ମାସ ପରେ ବିନା ଲୁଣରେ ଖାଦ୍ୟ ଖାଇବା ଆରମ୍ଭ କରିପାରିବେ । ଆପଣ ଦଲିଆ, ଖେଚୁଡ଼ି, କିମ୍ବା ଚକଟା ପନିପରିବା ଶିଶୁଙ୍କୁ ଖାଇବାକୁ ଦେଇପାରିବେ । ଏହି ବୟସରେ ଯେତେ ଫିକା ଖାଦ୍ୟ ଖାଇବ ଶରୀରକୁ ସେତେ ଭଲ ।

ଏହାଛଡ଼ା ପିଲାଙ୍କ ଖାଦ୍ୟରେ ଚିନି ମିଶାଇବା ମଧ୍ୟ କ୍ଷତିକାରକ ହୋଇପାରେ । ଖାସ୍ କରି ସେତେବେଳେ ଯେତେବେଳେ ଶିଶୁ ମା'କ୍ଷୀର ସେବନ ବନ୍ଦ କରିଥାଏ । ଶିଶୁ ଅବସ୍ଥା ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ସମୟ ଭବିଷ୍ୟତର ଖାଦ୍ୟ,ପାନୀୟ ଉପରେ ନିର୍ଭର କରେ । ଶିଶୁଙ୍କ ଆହାରରେ ଚିନି ମିଶାଇବା ଦ୍ୱାରା ଦାନ୍ତ ଖରାପ ହେବାର ସମସ୍ୟା ବଢ଼େ । ଭବିଷ୍ୟତରେ ମଧୁମେହର ସମସ୍ୟା ସୃଷ୍ଟି ହୁଏ । ବର୍ଷେରୁ ଦେଢ଼ବର୍ଷ ଭିତରେ ଶିଶୁଙ୍କୁ ଖାଦ୍ୟରେ ଲୁଣ ଏବଂ ଚିନି ଦେବା ଆଦୌ ଠିକ୍ ନୁହେଁ ।

# କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସଂଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍ସକୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

# ଖାଲି ପେଟରେ ଲାଉ ଜୁସ୍ ପିଉଛନ୍ତି କି ? ସ୍ୱାସ୍ଥ୍ୟ ପାଇଁ ବରଦାନ ନା ଜହର ?

ଓଜନ କମାଇବାକୁ ହେଉ ବା ଶରୀରକୁ ଡିଟକ୍ସ କରିବାକୁ ବା ଦେହକୁ ଥଣ୍ଡା ରଖିବାକୁ ହେଉ ଅନେକ ଲୋକ ସକାଳୁ ଖାଲିପେଟରେ ଲାଉ ଜୁସ୍ ପିଇବା ଅଭ୍ୟାସରେ ଥାଆନ୍ତି । ଆଜିକାଲି ଫିଟନେସ୍ ପାଇଁ ଲାଉ ଜୁସ୍ ପିଇବା ଗୋଟେ ଟ୍ରେଣ୍ଡରେ ରହିଆସିଛି । ହେଲେ ନିକଟରେ ହୋଇଥିବା କିଛି ରିସର୍ଚ୍ଚ ଏନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ନ୍ୟୁଟ୍ରିସନ୍ ୱେବସାଇଟ୍ ମୁତାବକ, ଲାଉ ଜୁସ୍ ଯଦି ସଠିକ୍ ଭାବେ ପ୍ରସ୍ତୁତ ହୋଇଥାଏ ତେବେ ତାହା ହଜମ ଶକ୍ତି ବଢ଼ାଇବା ସହ, ବ୍ଲଡ ପ୍ରେସରକୁ ନିୟନ୍ତ୍ରଣ କରେ ।

କିନ୍ତୁ ଏହା କଡ଼ା ହୋଇଥିଲେ, ଶରୀର ଉପରେ ଓଲଟା ପ୍ରଭାବ ପକାଏ । ଏଭଳି ସ୍ଥିତିରେ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ , ସକାଳୁ ଖାଲିପେଟରେ ଲାଉ ଜୁସ୍ ପିଇବା ଠିକ୍ କି ନାହିଁ । ଯଦି ଲାଉ ଜୁସ୍ ପିଉ ତାହେଲେ କେଉଁ କେଉଁ ସତର୍କତା ରଖିବାକୁ ପଡ଼ିବ। ହେଲଥ୍ ଆଣ୍ଡ ନ୍ୟୁଟ୍ରିସନ୍ ପୋର୍ଟାଲ ଅନୁସାରେ, ଜୁସ୍ ବନାଇବାକୁ ଆଣିଥିବା ଲାଉ ତାଜା, ସବୁଜ, ବିନା ଦାଗର ହୋଇଥିବା ଦରକାର । ଲାଉର ସ୍ୱାଦ ବି



ମଧୁର ହୋଇଥିବା ଦରକାର । ଏଭଳି ଲାଉର ଜୁସ୍ ଖାଲିପେଟରେ ପିଇଲେ ହଜମ କ୍ରିୟା ତ୍ୱରାନ୍ୱିତ ହୁଏ ।

ସ୍ନାପକ୍ୟାଲୋରି ଓ ଅନ୍ୟ ନ୍ୟୁଟ୍ରିସନ୍ ସାଇଟ୍ସ ଡାଟା ଅନୁସାରେ, ୧୦୦ ଗଖ ଲାଉ ଜୁସରେ ପାଖାପାଖି ୧୫ ପ୍ରତିଶତ କ୍ୟାଲୋରି , ଖୁବ୍ କମ୍ ଫ୍ୟାଟ୍, ହାଲକା ଫାଇବର, ପୋଟାସିୟମ୍ ,ଭିଟାମିନ୍ ସି, ପରି ପୋଷଣ ମିଳେ , ଯାହାସବୁ ଦିନର ଆରମ୍ଭରୁ ଶରୀରକୁ ହାଲକା ରଖିବାରେ ସାହାର୍ଯ୍ୟ କରେ । ସଠିକ ଉପାୟରେ ପ୍ରସ୍ତୁତ ଲାଉ ଜୁସ୍ କୁ ନିୟମିତ ଭାବେ ପିଇଲେ ଏସିଡିଟି, ହାର୍ଟବର୍ଣ୍ଣ ପରି ସମସ୍ୟା ଦୂରେଇଯାଏ । ଇଣ୍ଡିଆନ୍ ଜର୍ଣ୍ଣାଲ ଅଫ୍ ମେଡିକାଲ ରିସର୍ଚ୍ଚରେ ପ୍ରକାଶିତ ରିପୋର୍ଟ ଅନୁସାରେ, କଡ଼ା ଲାଗୁଥିବା ଲାଉ ଜୁସ୍ ଯୋଗୁଁ ଫୁଡ୍ ପଏଜନିଙ୍ଗ ଭଳି ସମସ୍ୟା ହୋଇପାରେ । ଯେମିତିକି ବାନ୍ତି ହେବା, ପେଟରେ ଯନ୍ତ୍ରଣା ହେବା, ଲୋ ବ୍ଲଡ ପ୍ରେସର, ଓ ମଲ୍ଟି ଅର୍ଗାନ୍ ଡ୍ୟାମେଜ୍ ଭଳି ସମସ୍ୟା ବି ସୃଷ୍ଟି ହୋଇପାରେ ।

ତେବେ ଲାଉ ଜୁସର ସବୁଠୁ ବଡ଼ ବଡ଼ ଉପକାର ହେଉଛି , ଏଥିରେ ଥିବା ଲୋ କ୍ୟାଲୋରି ଓ ହାଇ ଭଲ୍ୟୁମ୍ ନେଚର ଏହାକୁ ଓଜନ କମାଇବା ପାଇଁ ସବୁଠୁ ଭଲ ମାଧ୍ୟମ କରିଥାଏ । ଏହାକୁ ପିଇବା ପରେ ପେଟ ପୁରିଯିବା ପରି ଲାଗେ । ଏକଥା ବି କୁହାଯାଇଛି, ଏଥିରେ ପୋଟାସିୟମ ଓ ଫାଇବର ଥିବାରୁ ଏହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ କୋଲେଷ୍ଟ୍ରଲକୁ ବି ନିୟନ୍ତ୍ରଣ କରେ । । କହିବାକୁ ଗଲେ ଲାଉ ଜୁସ୍ ପିଇବା ଦ୍ୱାରା ନିଦ ବି ଭଲ ହୁଏ ।

କିନ୍ତୁ ହଁ ଆରମ୍ଭରୁ ଲାଉ ଜୁସକୁ ୫୦ ଗ୍ରାମରୁ ୧୦୦ଗ୍ରାମ ଭିତରେ ପିଅନ୍ତୁ । ଏହା ଡାଏବେଟିସ୍, କିଡନି ସମସ୍ୟା , ହାର୍ଟ ସମସ୍ୟା ଥିବା ଲୋକଙ୍କ ପାଇଁ ଭଲ । କିନ୍ତୁ ଯଦି ଅନ୍ୟ କିଛି ଶାରୀରିକ ସମସ୍ୟା ଥାଏ ତାହେଲେ ଲାଉ ଜୁସ୍ ପିଇବା ଆଗରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

# ଦୀର୍ଘାୟୁ ହେବାର ସହଜ ମନ୍ତ୍ର : ସପ୍ତାହକୁ ମାତ୍ର ୧୫୦ ମିନିଟ୍ ବ୍ୟାୟାମ ବଦଳାଇ ଦେବ ଆପଣଙ୍କ ଜୀବନ !

ଗବେଷଣାରୁ ଏକ ଆଶାଜନକ ତଥ୍ୟ ମିଳିଛି ଯେ ସୁସ୍ଥ ଜୀବନ ପାଇଁ ସପ୍ତାହକୁ ମାତ୍ର ୧୫୦ ମିନିଟର ବ୍ୟାୟାମ ଯଥେଷ୍ଟ , ଲମ୍ବା ଜୀବନ ପାଇଁ କଠିନ ପରିଶ୍ରମ ନୁହେଁ ବରଂ ନିୟମିତ ଅଳ୍ପ ସମୟର ବ୍ୟାୟାମ ଦରକାର । ଆମେରିକାନ୍ ମେଡିକାଲ ଆସେସିଏସନ୍ ଦ୍ୱରା ପ୍ରକାଶିତ ଏକ ବୃହତ ଅଧ୍ୟୟନରୁ ଜଣାପଡ଼ିଛି ଯେ ଯଦି କେହି ବ୍ୟକ୍ତି ୧୫୦ ମିନିଟ ବ୍ୟାୟାମ କିମ୍ବା ସେହି ଧରଣର କିଛି ଶାରୀରିକ ପରିଶ୍ରମ କରନ୍ତି ତେବେ ଅକାଳ ମୃତ୍ୟୁର ଆଶଙ୍କା କମିଯାଏ । ବିଷେଷକରି ଯେଉଁମାନେ ଆଦୌ ବ୍ୟାୟାମ କରୁନାହାନ୍ତି, ସେମାନଙ୍କ ତୁଳନାରେ ବ୍ୟାୟାମ କରୁଥିବା ବ୍ୟକ୍ତି ଅଧିକ ସୁସ୍ଥ ରହୁଥିବାର



ଜଣାପଡିଛି । ଆସନ୍ତୁ ଜାଣିବା କେତେ ସମୟର ବ୍ୟାୟାମ ଆବଶ୍ୟକ ଏବଂ କଣ ? ଏବଂ କଣ କଣ କରିପାରିବା ? ଏକ ଅଧ୍ୟୟନ ଅନୁଯାୟୀ, ଦୈନିକ ପ୍ରାୟ ୩୦ ମିନିଟ୍ କରି ସପ୍ତାହକୁ ୫ ଦିନ ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଏଥିପାଇଁ ଆପଣ ଏହି ଚାରୋଟି ସହଜ ଉପାୟ ଆପଣାଇ ପାରିବେ । ଦ୍ରୁତ ଗତିରେ ଚାଲିବାଏମିତି ଚାଲନ୍ତୁ ଯେପରି ଆପଣଙ୍କ ହୃଦସ୍ପନ୍ଦନ ବଢ଼ିବ ଏବଂ ଝାଳ ବାହାରିବ, କିନ୍ତୁ ଆପଣ କଥା ହୋଇପାରୁଥିବେ । ଘଣ୍ଟାକୁ ପ୍ରାୟ ୫-୬ କିଲୋମିଟର ବେଗରେ ଚାଲିବା ଉଚିତ୍ । ଆଉମଧ୍ୟ ଆପଣ ସାଇକେଲ ଚଲାଇ ପାରିବେ ବାହାରେ କିମ୍ବା ଘରେ ଷ୍ଟେସନାରୀ ସାଇକେଲ୍ ସାହାଯ୍ୟରେ ସ୍ଥିର ଗତିରେ ସାଇକେଲ ଚଲାନ୍ତୁ ଏହା ମଧ୍ୟ ଆପଣଙ୍କୁ ସୁସ୍ଥ ରଖିବ। ପହଁରିବା ପାଣିରେ କମସେ କମ୍ ୨୦-୩୦ ମିନିଟ୍ ପହଁରିବା ଦ୍ୱାରା ଶରୀରର ସମସ୍ତ ମାଂସପେଶୀ ସକ୍ରିୟ ରହେ । ଏବଂ ଅନ୍ୟତମ ଉପାୟ ହେଉଛି ନୃତ୍ୟ ଜୁମ୍ବା, ସାଲସା କିମ୍ବା ମନପସନ୍ଦର ସଙ୍ଗୀତରେ ୩୦ ମିନିଟ୍ ନୃତ୍ୟ କରି ମଧ୍ୟ ନିଜକୁ ଫିଟ୍ ରଖିହେବ ।ଅଧିକ ପରିଶ୍ରମ, ଅଧିକ ଫାଇଦା ଦେଇଥାଏ ।ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ, ଯେଉଁମାନେ ସପ୍ତାହକୁ ୩୦୦ ରୁ ୬୦୦ ମିନିଟ୍ ବ୍ୟାୟାମ କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ ମୃତ୍ୟୁ ଆଶଙ୍କା ୨୬-୩୧% ପର୍ଯ୍ୟନ୍ତ କମ୍ ରହୁଛି। ପୂର୍ବରୁ ବ୍ୟାୟାମ କରୁନଥିବା ବ୍ୟକ୍ତି ଯଦି ଏବେ ମଧ୍ୟ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତି, ତେବେ ସେମାନେ ମଧ୍ୟ ଏହାର ସୁଫଳ ପାଇପାରିବେ ।

# ଝାରସୁଗୁଡ଼ାରେ 'ଉଦ୍ୟମୀ ଓଡ଼ିଶା ଏମ୍ ଏସଏମଇ କାର୍ଯ୍ୟକ୍ରମ-୨୦୨୬' ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୨୩/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଝାରସୁଗୁଡ଼ା ଜିଲ୍ଲା ଶିଳ୍ପ କେନ୍ଦ୍ର ନିରନ୍ତର ଭାବେ କାର୍ଯ୍ୟ କରୁଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ କଲେକ୍ଟୋରେଟ୍ ସ୍ଥିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ କନ୍ଫରେନ୍ସ ହଲ୍ ଠାରେ 'ଉଦ୍ୟମୀ ଓଡ଼ିଶା ଏମ୍ଏସ ଏମ ଇ କାର୍ଯ୍ୟକ୍ରମ-୨୦୨୬' ର ସଫଳ ଆୟୋଜନ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଜୁନ୍ ୨୭ ରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ୩୦ଟି ଷ୍ଟଲ୍ ବ୍ୟବସ୍ଥା କରାଯାଉଛି । ବୈଠକରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ଅରିନ୍ଦମ ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଗତ ଦୁଇ ଆର୍ଥିକ ବର୍ଷରେ ଉଦ୍ୟୋଗ ବିକାଶ, ସ୍ୱରୋଜଗାର ସୃଷ୍ଟି ଏବଂ ଏମଏସଏମଇ ପ୍ରୋତ୍ସାହନ କ୍ଷେତ୍ରରେ ହାସଲ ହୋଇଥିବା ଉଲ୍ଲେଖନୀୟ ସଫଳତାର ସମୀକ୍ଷା କରାଯାଇଥିଲା। ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ ଅଧୀନରେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୧୮୯ଟି ପ୍ରକଳ୍ପ ସ୍ୱୀକୃତ କରାଯାଇ ଉଦ୍ୟୋଗୀମାନଙ୍କୁ ପ୍ରାୟ ୬.୫୮ କୋଟି ଟଙ୍କାରୁ ଅଧିକ ମାର୍ଜିନ ମନି ସବସିଡି ପ୍ରଦାନ କରାଯାଇଛି। ସେହିପରି ପି ଏମ ଏଫ୍ ଏମ ଇ ଯୋଜନା ଅଧୀନରେ ଗତ ଦୁଇ ବର୍ଷରେ ୩୦ଟି ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପାଇଁ ପ୍ରାୟ ୨.୭୯ କୋଟି ଟଙ୍କା ଋଣ ସହ ୯୦.୮୦ ଲକ୍ଷ ଟଙ୍କାର ସବସିଡି ପ୍ରଦାନ କରାଯାଇ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରାଯାଇଛି। ଔଦ୍ୟୋଗିକ ନୀତି ଏବଂ ଏମ୍ ଏସ ଏମ ଇ ଡି ନୀତି ଅଧୀନରେ ୨୦୨୪-୨୫ ବର୍ଷରେ ୧.୧୮ କୋଟି ଟଙ୍କା ଏବଂ ୨୦୨୫-୨୬ ବର୍ଷରେ ୪୧.୨୩ ଲକ୍ଷ ଟଙ୍କାର ସବସିଡି ସହ ମୁଖ୍ୟମନ୍ତ୍ରୀ ସୁଧ ପରିଶୋଧ ସହାୟତା ଯୋଜନା ମାଧ୍ୟମରେ ଦୁଇ ବର୍ଷରେ ଯଥାକ୍ରମେ ୪୭.୭୫ ଲକ୍ଷ ଓ ୫୮.୪୭ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଉଦ୍ୟୋଗୀମାନଙ୍କୁ ଯୋଗାଇ ଦିଆଯାଇଛି। ଜିଲ୍ଲା ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ମାଧ୍ୟମରେ ୨୦୨୪-୨୫ ରେ ୨୯୦ କୋଟି (୮୦୦ ନିଯୁକ୍ତି) ଏବଂ ୨୦୨୫-୨୬ ରେ ୩୧୫ କୋଟି ଟଙ୍କାରୁ ଅଧିକ ବିନିଯୋଗ ପ୍ରସ୍ତାବ ଅନୁମୋଦନ କରାଯାଇ ୧୦୪୭ ଜଣଙ୍କ ପାଇଁ ନୂତନ ରୋଜଗାର ସୁଯୋଗ ସୃଷ୍ଟି କରାଯାଇଛି। ଏହି ସମୀକ୍ଷା କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଏମଏସଏମଇ ସୁଧ ପ୍ରତିପୂରଣ ଯୋଜନା ସମେତ ବିଭିନ୍ନ ସରକାରୀ ଯୋଜନାରେ ସଫଳତା ଅର୍ଜନ କରିଥିବା ୩ ଜଣ ପ୍ରମୁଖ ହିତାଧିକାରୀଙ୍କୁ ସେମାନଙ୍କର ସଫଳତା ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା କରାଯାଇଥିଲା।

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବିରୋଧରେ ଏଆଇଏସ୍ଏଫ୍‌ର ବିକ୍ଷୋଭ: ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ କୁଶପୁତ୍ତଳିକା ଦାହ

ଭଦ୍ରକ, ୨୩/୦୬ (ନି.ପ୍ର): ଅଖିଳ ଭାରତ ଛାତ୍ରସଂଘ (ଏଆଇଏସ୍ଏଫ୍)ଭଦ୍ରକ ଜିଲ୍ଲା ପରିଷଦ ପକ୍ଷରୁ ଆଜି ଚାନ୍ଦବାଲିରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବିରୋଧରେ ଏକ ପ୍ରତିବାଦ ରାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନେତା ଶୁଭେନ୍ଦୁ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ରାଲି ଚାନ୍ଦବାଲିର ମଧୁବାବୁ ଛକଠାରୁ ଆରମ୍ଭ ହୋଇ କାଳୀ ପଡିଆ ପର୍ଯ୍ୟନ୍ତ ପହଂଚି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ କୁଶପୁତଳିକା ଦାହ କରାଯାଇଥିଲା। ଏହି ଅବସରରେ ଛାତ୍ର ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଓ ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ା ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ କୌଣସି ପ୍ରକାରର ଅନ୍ୟାୟକୁ ସହ୍ୟ କରାଯିବ ନାହିଁ। ପାଠ୍ୟପୁସ୍ତକରେ ଥିବା ତ୍ରୁଟିଗୁଡ଼ିକ ଶିକ୍ଷାର ମାନକୁ ହ୍ରାସ କରୁଥିବା ସହ ଛାତ୍ରମାନଙ୍କ ମନୋବୃତି ଓ ଜ୍ଞାନର ଉନ୍ନତିରେ ବାଧା ସୃଷ୍ଟି କରୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏହି ତ୍ରୁଟି ଅଜାଣତରେ ନୁହେଁ, ବରଂ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ କରାଯାଇଛି ବୋଲି ଅଭିଯୋଗ କରିଥିଲେ ।ପ୍ରତିବାଦ ସଭାରେ ଛାତ୍ରଛାତ୍ରୀଙ୍କୁ ନିର୍ଭୁଲ ଓ ବିଜ୍ଞାନ ସମ୍ମତ ପାଠ୍ୟପୁସ୍ତକ ପ୍ରଦାନ କରାଯାଉ, ତ୍ରୁଟିପୂର୍ଣ୍ଣ ପୁସ୍ତକ ପାଇଁ ବ୍ୟୟ ହୋଇଥିବା ଅର୍ଥ ସଂପୃକ୍ତ ମନ୍ତ୍ରୀ ଓ ଅଧିକାରୀଙ୍କ ଠାରୁ ଆଦାୟ କରାଯାଉ, ଏହି ଅପରାଧରେ ସଂପୃକ୍ତ ବିଶେଷଜ୍ଞ, ସମୀକ୍ଷକ ଓ ସମ୍ପାଦକଙ୍କୁ କଳାତାଲିକାଭୁକ୍ତ କରାଯାଉ, ସଂଶୋଧନ ପୁସ୍ତିକା ପରିବର୍ତ୍ତେ ପୂର୍ବରୁ ପ୍ରଚଳିତ ପାଠ୍ୟପୁସ୍ତକ ଆଧାରରେ ଚଳିତ ବର୍ଷରେ ପାଠଦାନ ଜାରି ରହୁ, ଜାତୀୟ ଶିକ୍ଷା ନୀତି-୨୦୨୦କୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରାଯାଇଥିଲା। ଦାବିଗୁଡ଼ିକ ତୁରନ୍ତ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଏଆଇଏସ୍ଏଫ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନକୁ ସଫଳ କରିବାରେ ବିକ୍ରମ କେଶରୀ ମହାନ୍ତି, ମନୋରଞ୍ଜନ ରାଉତ, ଅଭିଷେକ ପଣ୍ଡା, କଳ୍ପତରୁ ଦାସ, ବିଭୁଦତ ରାଉତ, ଅଜୟ ବେହେରା, ପ୍ରଶାନ୍ତ ବେହେରା, ସିପୁନ ନାଥ ଓ ଅନ୍ୟାନ୍ୟ ଛାତ୍ର ନେତାମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ୫ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୩/୦୬ (ନି.ପ୍ର): ଫେରାର ୫ ଅଭିଯୁକ୍ତ କୁ ଗିରଫ କରିଛି କୋରାପୁଟ ଜିଲ୍ଲା ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେହେଲ ଅନ୍ତା ଗ୍ରାମର ସୁରେନ୍ଦ୍ର ଅନକା (୪୬) , ସୌରାଗୁଡା ର ବଣସିଂଘ ନାଗ (୬୦) କେରାପୁଟ ଗ୍ରାମର ରାକେଶ ଏଲିସ କିଶାନ ହରିଜନ (୨୨), ଜୟପୁର ନୂଆସାହି ଦ୍ୱିତିୟ ଲାଇନ ର କେ ପ୍ରବିଣ କୁମାର (୨୫) ଡୁମୁରିଗୁଡା ଗ୍ରାମର ବାବୁଲା ନାଗ (୨୬) । ୫ ଅଭିଯୁକ୍ତ ନାମରେ ଜୟପୁର ସଦର ଥାନା ରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ସ୍କୁଟି ଚୋରି ଘଟଣାର ପର୍ଦ୍ଦାଫାଶ: ଅଭିଯୁକ୍ତ ଗିରଫ

ସମ୍ବଲପୁର, ୨୩/୦୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ବରହାକୁନି ଗ୍ରାମରେ ଘଟିଥିବା ଏକ ସ୍କୁଟି ଚୋରି ଘଟଣାକୁ ତଦନ୍ତ କରି ଏହାର ପର୍ଦ୍ଦାଫାଶ କରିଛି ବୁର୍ଲା ଥାନା ପୋଲିସ। ଏହି ମାମଲାରେ ପୋଲିସ ସମ୍ପୃକ୍ତ ଯୁବକକୁ ଗିରଫ କରିବା ସହ ଚୋରି ହୋଇଥିବା ସ୍କୁଟିକୁ ମଧ୍ୟ ଜବତ କରିଛି । ବୁର୍ଲା ଥାନା ପୋଲିସର ସୂଚନା ଅନୁଯାୟୀ, ବରହାକୁନି ଗ୍ରାମର ଅନିଲ କୁମାର ପାଇକ ଗତ ୨୧ ଜୁନ ରାତିରେ ନିଜ ଘର ସମ୍ମୁଖରେ ତାଙ୍କର ଓଡି ୧୭ ବି ୫୯୪୦ ନମ୍ବର ହୋଣ୍ଡା ଆକ୍ଟିଭା ରଖିଥିଲେ। ମାତ୍ର ପରଦିନ ୨୨ ତାରିଖ ସକାଳେ ସ୍କୁଟିଟି ନିର୍ଦ୍ଦିଷ୍ଟ ସ୍ଥାନରେ ନଥିବା ଦେଖି ସେ ବହୁ ଖୋଜାଖୋଜି କରି ଶେଷରେ ସ୍କୁଟିଟି ଚୋରି ହୋଇଥିବା ନେଇ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

ପୋଲିସର ତଦନ୍ତ ବେଳେ ବରହାକୁନି ଗ୍ରାମର ୨୨ ବର୍ଷିୟ ସୁଭ୍ରାଂଶୁ ଶେଖର ପାଇକ ଓରଫ ଟାପୁ ସ୍କୁଟିକୁ ଚୋରି କରି ପୋଟାପାଲି ଗ୍ରାମରେ ରଖିଥିବା ଜଣାପଡ଼ିଥିଲା। ପୋଲିସ ସେଠାରେ ଚଢାଉ କରି ଚୋରି ସ୍କୁଟିକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ମଧ୍ୟ ଗିରଫ କରିଥିଲା।

ଆଜି ଗିରଫ ଅଭିଯୁକ୍ତ ଠାରୁ ଚୋରି ସମ୍ପର୍କିତ ସମସ୍ତ ତଥ୍ୟ ହସ୍ତଗତ କରିବା ପରେ ୧୭୯/ ୨୬ ମାମଲାରେ କୋର୍ଟ ଚାଲାଣ କରିଛି।

# କୋରାପୁଟରେ ମାଓ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ

ଜୟପୁର, ୨୩/୦୬ (ନି.ପ୍ର): କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା ପୋଲିସ ଥାନା ସୀମା ଅନ୍ତର୍ଗତ ବାଦଲିପାହାଡ଼ର ଘନ ଜଙ୍ଗଲ ଅଂଚଳରେ ଏକ ମାଓ ଡମ୍ପରୁ ଏକ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଇମ୍ପ୍ରୋଭାଇଜଡ୍ ଏକ୍ସପ୍ଲୋସିଭ୍ ଡିଭାଇସ୍ ଉଦ୍ଧାର ହୋଇଛି । ଆତ୍ମସମର୍ପଣକାରୀ ନକ୍ସଲଙ୍କ ଠାରୁ ମିଳିଥିବା ନିର୍ଦ୍ଦିଷ୍ଟ ସୂଚନା ଉପରେ କାର୍ଯ୍ୟ କରି, ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ, କୋରାପୁଟ ଛତିଶଗଡ଼ର ବସ୍ତର ଜିଲ୍ଲା ସୀମାନ୍ତ ଜଙ୍ଗଲରେ ଏକ ସର୍ଚ୍ଚ ଅପରେସନ୍ କରିଥିଲା। ଆଜି ସକାଳ ପ୍ରାୟ ୫ଟା ୩୦ରେ ଏହି ଡମ୍ପଟି ଖୋଲାଯାଇଥିଲା। ଅପରେସନରୁ ଉଦ୍ଧାର ହୋଇଥିବା ସାମଗ୍ରୀ ହେଉଛି ଆଇ ଏନ ଏସ ଏ ଏସ ରାଇଫଲ୍, ଦେଶୀ ବନ୍ଧୁକ, କ୍ଲାମୋର ମାଇନ୍ (ପ୍ରାୟ ୧୮ କିଲୋଗ୍ରାମ), ବହୁବିଧ ଟିଫିନ୍ ବୋମା (ପ୍ରାୟ ୧୦ କିଲୋଗ୍ରାମ ଏବଂ ୪ କିଲୋଗ୍ରାମ), ମାଓ କିଟ୍ ବ୍ୟାଗ୍, ମାଓ ସାହିତ୍ୟ ଏବଂ ଔଷଧ ଏବଂ ଖାଦ୍ୟ ସାମଗ୍ରୀ। ଉଦ୍ଧାର ସାମଗ୍ରୀଗୁଡ଼ିକ ଆନ୍ଧ୍ର-ଓଡିଶା ସୀମାନ୍ତ ସ୍ୱତନ୍ତ୍ର ଜୋନାଲ କମିଟିର କ୍ୟାଡରମାନଙ୍କର ବୋଲି ବିଶ୍ୱାସ କରାଯାଉଛି ଏବଂ ଏହା ସୁରକ୍ଷା ବାହିନୀ ଏବଂ ସାଧାରଣ ନାଗରିକଙ୍କ ବିରୁଦ୍ଧରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା। ଏହି ସଫଳ ଅପରେସନ୍ ହେଉଛି କାରଣ କୋରାପୁଟ ଜିଲ୍ଲା ମାର୍ଚ୍ଚ ୩୧, ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ହେବା ଲକ୍ଷ୍ୟରେ ଆଗକୁ ବଢୁଛି। ଜାନୁଆରୀ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ, ଜିଲ୍ଲାରେ ଜଣେ ନକ୍ସଲ କ୍ୟାଡରଙ୍କୁ ଗିରଫ କରାଯାଇଥିଲା ଏବଂ ଅନ୍ୟ ଜଣେ ଆତ୍ମସମର୍ପଣ କରିଥିଲେ। ମାଓବାଦୀ କାର୍ଯ୍ୟକଳାପର ପୁନରାବୃତିକୁ ରୋକିବା ପାଇଁ ସ୍ପେଶାଲ୍ ଅପରେସନ୍ ଗ୍ରୁପ୍ , ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ ଏବଂ ସୀମା ସୁରକ୍ଷା ବାହିନୀ ସମେତ ସୁରକ୍ଷା ବାହିନୀ ଏହି ଅଂଚଳରେ ନିୟମିତ କମ୍ବିଂ ଏବଂ ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି। ଏ ସମ୍ପର୍କରେ କୋରାପୁଟ ଏସପି ରୋହିତ ବର୍ମା। ଆଜି ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ଜଣେ ମାଓବାଦୀଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଡିଭିଏଫ୍ ଜିଲା ସ୍ୱେଚ୍ଛାସେବୀ ବାହିନୀ ପକ୍ଷରୁ ସୋମବାର ସକାଳେ ଏହି ଅପରେଶନ ଚାଲିଥିଲା। ଚଢ଼ଉ ସମୟରେ ଏକ ଇନ୍ସାସ୍ ରାଇଫଲ, ୬ଟି ଦେଶୀ ବନ୍ଧୁକ, ପ୍ରାୟ ୧୮ କିଲୋଗ୍ରାମ ଓଜନର ଏକ କ୍ଲେମୋର ମାଇନ, ୧୦ କିଲୋଗ୍ରାମ ଓଜନର ଏକ ଟିଫିନ ବୋମା ଆଇଇଡି, ୪ କିଲୋଗ୍ରାମ ଓଜନର ୬ଟି ଟିଫିନ ବୋମା ଆଇଇଡି, ମାଓବାଦୀ କିଟ୍ ବ୍ୟାଗ, ସାହିତ୍ୟ, ଔଷଧ ଏବଂ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ଜବତ ହୋଇଥିବା ଏହି ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଆନ୍ଧ୍ର-ଓଡ଼ିଶା ସୀମା ବିଶେଷ ଜୋନାଲ କମିଟିର ମାଓବାଦୀ କ୍ୟାଡରଙ୍କର ହୋଇଥିବା ସନ୍ଦେହ କରାଯାଉଛି । ଏସପି ରୋହିତ ବର୍ମା କହିଛନ୍ତି ଯେ, ଅଂଚଳରେ ସ୍ପେଶାଲ ଅପରେଶନ ଗ୍ରୁପ୍ , ଡିଭିଏଫ୍ ଏବଂ ବିଏସ୍ଏଫ୍ ପକ୍ଷରୁ ମିଳିତ ଭାବେ କମ୍ବିଂ ଅପରେଶନ ଜାରି ରହିଛି। ମାଓବାଦୀଙ୍କ ଗତିବିଧି ଉପରେ ସୁରକ୍ଷାବାହିନୀ ତୀକ୍ଷ୍ଣ ନଜର ରଖିଥିବା ବେଳେ ଅଂଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଥିବା ସୂଚନା ଦେଇଛନ୍ତି ।

# ଘରେ ଏକୁଟିଆ ଥିବାବେଳେ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ

ମୁଖୀଗୁଡା, ୨୩/୦୬ (ନି.ପ୍ର): ଜଣେ ମହିଳା ଘରେ ଏକୁଟିଆ ଥିବାବେଳେ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଜୟପାଟଣା ଥାନାରେ ଅଭିଯୋଗ ହୋଇଛି । ଏପରିକି ମହିଳା ଜଣକ ବିରୋଧ କରିବାରୁ ତାଙ୍କୁ ଜୀବନରେ ମାରିବା ଉଦ୍ୟମ କରାଯାଇଥିଲା । ଆଜି କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଜୟପାଟଣା କିଶୋରପଡାରେ ଦିନ ୧୦ଟା ବେଳେ ମହିଳା ଜଣକ ଘରେ ରୋଷେଇ କରୁଥିଲେ ଏହି ସମୟରେ କିଶୋର ପଡାର ସୁମନ୍ତ ରାଉତ ରୋଷେଇ ଘର ଝରକା ପାଖକୁ ଆସି ବଡୁ ଘରେ ଅଛନ୍ତି କି ବୋଲି ପଚାରି ଥିଲା ସେ ଘରେ ନାହାନ୍ତି ବୋଲି କହିବାରୁ ସୁମନ୍ତ ରୋଷେଇ ଘରକୁ ପଶି ଆସି ଦୁଷ୍କର୍ମ ଉଦ୍ୟମ କରିଥିଲା। ସେ ବିରୋଧ କରିବାରୁ ସୁମନ୍ତ ମହିଳାଙ୍କୁ ତଂଟି ଚିପି ଗାଲକୁ କାମୁଡି ଚୁଟି ଧରି ମୁଣ୍ଡକୁ କାନ୍ଥରେ ବାଡେଇବାରୁ ସେ ତଳେ ପଡି ବେହୋସ ହେବାପରେ ମଙ୍ଗଳସୂତ୍ର ଏବଂ ସୁନା ଚେନ ନେଇ ଫେରାର ହୋଇଯାଇଥିଲା । ଏନେଇ ଜୟପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ସୁମନ୍ତ ଫେରାର ହୋଇଯାଇଥିବା ଜୟପାଟଣା ଥାନା ଅଧିକାରୀ ଅର୍ଚ୍ଚନା ନାଏକ ସୂଚନା ଦେଇଛନ୍ତି। ତୁରନ୍ତ ସୁମନ୍ତକୁ ଗିରଫ କରାଯିବାକୁ ଦାବି ହେଉଛି ।

# ପାଣି ପାଉଚରେ ରହୁନି ଏକ୍ସପାରୀ ଡେଟ୍

ଜୟପୁର, ୨୩/୦୬ (ନି.ପ୍ର): ଗ୍ରୀଷ୍ମ ପ୍ରବାହ ରେ ଜଳୁଛି ସାରା ରାଜ୍ୟ, ଖରା ତାତିରୁ ତ୍ରାହି ପାଇବା ପାଇଁ କୋରାପୁଟ ଜିଲାରେ ଥଣ୍ଡା ପାନୀୟରେ ବେଶ ଚାହିଦା ମଧ୍ୟ ବୃଦ୍ଧି ପାଇଛି । ଏହାର ସୁଯୋଗ ନେଇ କୋରାପୁଟ, ଜୟପୁର, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡରେ ବହୁ ଅସାଧୁ ବ୍ୟବସାୟୀ ଯାବତୀୟ ବେନାମୀ ଥଣ୍ଡା ପାନୀୟ ବିକ୍ରି କରୁଥିବାର ନଜରକୁ ଆସିଛି । ପାଣି ବୋତଲ ହେଉ କିମ୍ବା ପାଣି ପାଉଚ ଗୁଡିକରେ କୌଣସି ବି ଏକ୍ସପାରି ଲେବୁଲ ମଧ୍ୟ ରହୁନାହିଁ । ଏହାର ଶୁଦ୍ଧତା ନେଇ ଗ୍ରାହକ ମାନେ ମଧ୍ୟ ସନ୍ଦେହରେ ପଡୁଛନ୍ତି । ପ୍ରଶାସନ ପକ୍ଷରୁ ଏହାକୁ ଜମା ଯାଂଚ୍ କରାଯାଉନଥିବାରୁ ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ଦେଖା ଦେଇଛି । ଗ୍ରାମାଚଂଳର ଛୋଟ ଛୋଟ ଦୋକାନରୁ ଆରମ୍ଭ କରି ସହରାଚଂଳ ପର୍ଯ୍ୟନ୍ତ ନକଲି ଥଣ୍ଡା, ପାନୀୟ ସୋଡ଼ା, ପାଣି ପାଉଚରେ ଅପମିଶ୍ରିତ ସାମଗ୍ରୀର ଚାହିଦା ସହ ବିକ୍ରି ମଧ୍ୟ ବୃଦ୍ଧି ପାଇଛି । ଯାହାକି ଜନସାଧାରଣ ମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ବିନା ଲାଇସେନ୍ସରେ ଏକାଧିକ ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀ ଲୋଗରେ ନକଲି ସୋଡ଼ା, ପାଣି ବୋତଲ, ପାଣି ପାଉଚ, ବେଧଡକ ବିକ୍ରି ଚାଲିଛି । ଏମାନଙ୍କ ଉପରେ ଜିଲ୍ଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗର ଅଙ୍କୁଶ ନଥିବା ହେତୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଜିଲ୍ଲା ଖାଦ୍ୟ ନିରାପତା ଓ ଜନସ୍ୱାସ୍ଥ୍ୟ ବିଭାଗର ସ୍ଥାଣୁତା ପାଲଟି ଯାଇଥିବା ମଧ୍ୟ ଅଭିଯୋଗ ହେଉଛି । ନିମ୍ନମାନର ପାଣି ବୋତଲ, ପାଣି ପାଉଚ, ପାନୀୟ ଜଳ ପିଇବା ଦ୍ୱାରା ଲୋକେ ଚର୍ମ ଓ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ପରିଲକ୍ଷିତ ହେଉଛି । ବଜାରରେ ବିକ୍ରି ହେଉଥିବା ପାଣି ବୋତଲ, ପାଣି ପାଉଚ, ଥଣ୍ଡା ବୋତଲରେ ବ୍ୟବହାର ବିଧି ସମ୍ପର୍କରେ କୌଣସି ସୂଚନା ନାହିଁ । ଏହିସବୁ ପ୍ରସ୍ତୁତ ଓ ବିକ୍ରି ପାଇଁ ଲାଇସେନ୍ସ ଓ ଅନେକ ନିୟମ ରହିଛି । କିଛି ବେନାମୀ ପାଣି କମ୍ପାନୀ ଯେ କୌଣସି ଉପାୟରେ ଫ୍ରଡ ଲାଇସେନ୍ସ ହାତେଇ ଦୀର୍ଘ ଦିନ ଧରି ବେପାର କରୁଛନ୍ତି । ଉକ୍ତ ଥଣ୍ଡା ଜାତୀୟ ପାଣି ବୋତଲ, ପାଣି ପାଉଚ ଗୁଡ଼ିକ କିଛି ଦିନ ରହିଯିବା ପରେ ଗନ୍ଧ ବାହାରୁଥିବା ବେଳେ ତାହା ଅନ୍ୟ ପ୍ରକାରର ସ୍ୱାଦ ହେଉଛି । ଅନ୍ୟପଟେ ଦେଖିବାକୁ ଗଲେ ପାଣି ବୋତଲ ଦାମ ମଧ୍ୟ ଭିନ୍ନ ଭିନ୍ନ କେଉଁଠି ୧୦ଟଙ୍କାରେ ବିକ୍ରି ହେଉଥିବା ବେଳେ କେଉଁଠି ୨୦ ଟଙ୍କାରେ ମଧ୍ୟ ମନଇଚ୍ଛା ବିକ୍ରୀ ହେଉଥିବା ଦେଖିବାକୁ ମିଳୁଛି । ଜିଲ୍ଲା ଖାଦ୍ୟ ନିରାପତା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଏହି କ୍ଷେତ୍ରରେ ଜଳର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ବୁଦ୍ଧିଜୀବିଙ୍କ ମହଲରେ ଦାବି ହେଉଛି ।

# ସୀମାନ୍ତ ଗାଁ ଚିରକୁପାର ବିକାଶ ଅଧୁରା : ପାଣି, ରାସ୍ତା ଓ ମୌଳିକ ସୁବିଧାରୁ ବଂଚିତ ୩୦ କୋୟା ପରିବାର

ମାଲକାନଗିରି, ୨୩/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଂଚଳକୁ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଛତିଶଗଡ଼ ରାଜ୍ୟର ସୀମା ସ୍ପର୍ଶ କରିଛି। ଜିଲ୍ଲାର ଅନେକ ସୀମାନ୍ତ ଗ୍ରାମ ଆଜି ମଧ୍ୟ ବିକାଶର ମୁଖ୍ୟ ସ୍ରୋତରୁ ବହୁ ଦୂରରେ ରହିଛି । ପ୍ରଶାସନିକ ଅବହେଳା ଓ ଜନପ୍ରତିନିଧିମାନଙ୍କ ଉଦାସୀନତା ଯୋଗୁଁ ଏହି ଗ୍ରାମଗୁଡ଼ିକର ଲୋକମାନେ ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ଏଭଳି ଏକ ଅବହେଳିତ ଗ୍ରାମ ହେଉଛି ମାଥିଲି ବ୍ଲକ ଅନ୍ତର୍ଗତ କମାରପାଲ୍ଲୀ ପଂଚାୟତର ଚିରକୁପା ଗ୍ରାମ। ଏହା ପଂଚାୟତ ସଦର ଠାରୁ ପ୍ରାୟ ୪ କିଲୋମିଟର ଏବଂ ମାଥିଲି ବ୍ଲକ ସଦର ମହକୁମା ଠାରୁ ପ୍ରାୟ ୪୦ କିଲୋମିଟର ଦୂରରେ ଅବସ୍ଥିତ। ଗ୍ରାମକୁ ଲାଗି ରହିଛି ଛତିଶଗଡ଼ର ଚିନ୍ତଲନାର ଅଂଚଳ। ଏକ ସମୟରେ ଏହି ଅଂଚଳ ମାଓ ପ୍ରଭାବିତ ଥିଲା ଏବଂ ଦରଭା ଡିଭିଜନର ମାଓ କମାଣ୍ଡର ବିନୋଦଙ୍କ ପ୍ରଭାବ ରହିଥିବା କୁହାଯାଏ। ମାଓ ଦମନ ପରେ ପରିସ୍ଥିତି ବଦଳିଥିଲେ ମଧ୍ୟ ବିକାଶ ଆଜି ମଧ୍ୟ ଏଠାରେ ପହଂଚି ପାରିନାହିଁ। ଚିରକୁପା ଗ୍ରାମରେ ପ୍ରାୟ ୩୦ଟି କୋୟା ଆଦିବାସୀ ପରିବାର ବସବାସ କରୁଛନ୍ତି। ଗ୍ରାମରେ ପାନୀୟ ଜଳର ଘୋର ସମସ୍ୟା ଦେଖାଦେଇଛି। ଦୁଇଟି ନଳକୂପ ଥିଲେ ମଧ୍ୟ ସେଥିରୁ ପାଣି ବାହାରୁନାହିଁ। ଗ୍ରାମରେ ଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ ମଧ୍ୟ ଅଚଳ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଲୋକମାନେ ନାଳ ଓ ଝରଣା ପାଣି ଉପରେ ନିର୍ଭର କରି ଜୀବନ ଯାପନ କରୁଛନ୍ତି। ଦୈନନ୍ଦିନ ଜୀବିକା ନିର୍ବାହ ପାଇଁ ଗ୍ରାମବାସୀମାନେ ଛତିଶଗଡ଼ର ଚିନ୍ତଲନାର, ନୂପାକାଲେଙ୍ଗ ଓ ପୁସପାଲ ଅଂଚଳକୁ ଯାଉଛନ୍ତି। ସେଠାକାର ହାଟବଜାରରୁ ସେମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ କରିଥାନ୍ତି। ଗ୍ରାମର ଅଧିକାଂଶ ଲୋକ ଓଡ଼ିଆ ଭାଷା ଜାଣିନଥିବାରୁ ଛତିଶଗଡ଼ର ଗୋଣ୍ଡି ଭାଷାରେ ହିଁ କଥାବାର୍ତ୍ତା କରନ୍ତି। ବିବାହ, ପର୍ବପର୍ବାଣୀ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ସେମାନେ ଛତିଶଗଡ଼ ଉପରେ ନିର୍ଭରଶୀଳ।

ସବୁଠାରୁ ବଡ଼ ସମସ୍ୟା ହେଉଛି ଯାତାୟାତ। ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ହୋଇପାରିନାହିଁ। ଫଳରେ ଅତ୍ୟାବଶ୍ୟକ କାମ ନଥିଲେ ଗ୍ରାମବାସୀମାନେ ମାଥିଲି ବ୍ଲକ ସଦର ମହକୁମାକୁ ଆସନ୍ତି ନାହିଁ। ଖୁବ୍ ଶୀଘ୍ର ଗ୍ରାମର ପାନୀୟ ଜଳ, ରାସ୍ତା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ପ୍ରତି ପ୍ରଶାସନ ଦୃଷ୍ଟି ନଦେଲେ ଆଗାମୀ ପଂଚାୟତ ନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି ଚିରକୁପା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଉପାନ୍ତ ଅଂଚଳ ବୋଲି ଯାଉନାହାନ୍ତି ଅଧିକାରୀ: ଦୟନୀୟ ଅବସ୍ଥାରେ କୁଟାରୀପଶି ପଂଚାୟତ କାର୍ଯ୍ୟାଳୟ

ଚମ୍ପୁଆ, ୨୩/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କୁଟାରୀପଶି ପଂଚାୟତ କାର୍ଯ୍ୟାଳୟଟି ଏବେ ବିଭିନ୍ନ ଅବ୍ୟବସ୍ଥା ଓ ପ୍ରଶାସନିକ ଅବହେଳାର ପେଣ୍ଠସ୍ଥଳ ପାଲଟିଛି। ଏହି ପଂଚାୟତଟି ଏକ ଉପାନ୍ତ ଅଂଚଳ ହୋଇଥିବାରୁ ଏଥିପ୍ରତି ନା ବ୍ଲକ ପ୍ରଶାସନର ନଜର ଅଛି, ନା ଅଛି ପଂଚାୟତ ପ୍ରଶାସନର ଆନ୍ତରିକତା। ଅଧିକାରୀମାନେ ବ୍ଲକ କାର୍ଯ୍ୟାଳୟକୁ ଆବୋରି ଚମ୍ପୁଆ ବଜାର ଛାଡ଼ିପାରୁ ନାହାନ୍ତି। କେବେ ଇଚ୍ଛା ହେଲେ କାଁ ଭାଁ ଯାଇ ଗେଟ୍ ସମ୍ମୁଖରୁ ଫେରି ଆସୁଥିବା ଅଭିଯୋଗ ହେଉଛି। ଫଳରେ କାର୍ଯ୍ୟାଳୟ ପରିସରରେ ଅନାବନା ଗଛ, ଲତା, ବୁଦା ମାଡ଼ି ରହିଛି। ଏହି ପଂଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖ ଦୀର୍ଘଦିନ ହେବ ଅନାବନା ଘାସ ଏବଂ ଲତାବୁଦାରେ ପରିପୂର୍ଣ୍ଣ ହୋଇରହିଛି। କାର୍ଯ୍ୟାଳୟର ମୁଖ୍ୟ ଗେଟ୍ ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିଲେ ବି ମରାମତି ପାଇଁ ଦୃଷ୍ଟି ଦେଉନାହାନ୍ତି କର୍ତ୍ତୃପକ୍ଷ। ପରିସର ମଧ୍ୟରେ ଥିବା ପେଭରବ୍ଲକ ଉପରେ ଏବେ ଘାସର ଆସ୍ତରଣ ଚରିଗଲାଣି। ୨୦୦୨ ମସିହାରେ କୁଟାରୀପଶି ପଂଚାୟତ ସ୍ଥାପିତ ହେବାପରେ କାର୍ଯ୍ୟାଳୟ ପରିସର ଭିତରେ ଏକ ପ୍ରାଣୀ ଚିକିତ୍ସା ସହାୟତା କେନ୍ଦ୍ର ନିର୍ମାଣ କରାଯାଇଥିଲା। ନିର୍ମାଣ ହେବା ଦିନ ଠାରୁ ଏଠାରେ କୌଣସି କର୍ମଚାରୀ ରହୁ ନଥିବାରୁ ଗୃହଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଫଳରେ ସ୍ଥାନୀୟ ଲୋକେ ନିଜ ଗୋଧନର ଚିକିତ୍ସା ପାଇଁ କୋଦଗାଡ଼ିଆ ପଂଚାୟତର ଚିମିଳା ସ୍ଥିତ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ବୈତରଣୀ ନଦୀ ପାର ହୋଇ ଦୀର୍ଘ ୧୦ କିଲୋମିଟର ରାସ୍ତା ଅତିକ୍ରମ କରିବା ପରେ ଯାଇ ପଶୁ ଚିକିତ୍ସା ସେବା ପାଇପାରୁଛନ୍ତି। ଚାଷୀଙ୍କ ସହାୟତା ଓ ପରାମର୍ଶ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୃଷକ ପରାମର୍ଶ କେନ୍ଦ୍ର ଉପରେ ମଧ୍ୟ ଏବେ ଜଙ୍ଗଲ ମାଡ଼ି ଗଲାଣି। ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ତିଆରି ହୋଇଥିବା ଆରୋଗ୍ୟ କେନ୍ଦ୍ରର ଚାରିପାଖ ଏତେ ଅସ୍ୱାସ୍ଥ୍ୟକର ପରିବେଶରେ ଘେରି ରହିଛି ଯେ, ସେଠାରେ ରୋଗୀ କିଭଳି ସେବା ପାଉଥିବେ ତାହା ସହଜରେ ଅନୁମାନ କରାଯାଇପାରେ। ପଂଚାୟତ କାର୍ଯ୍ୟାଳୟ ପରିସର ବଗିଚା ସାଜସଜ୍ଜା ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ରେ ୨ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହି କାମର କାର୍ଯ୍ୟାଦେଶ ଖୋଦ ଗ୍ରାମପଂଚାୟତ କୁଟାରୀପଶି ନାମରେ ରହିଥିବାବେଳେ ବଗିଚାର ରକ୍ଷଣାବେକ୍ଷଣ ଅଭାବରୁ ଏହା ମଧ୍ୟ ଅନାବନା ଘାସ, ଲତାରେ ପରିପୂର୍ଣ୍ଣ ହୋଇପଡ଼ିଛି। ପଂଚାୟତରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏକ ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। କିନ୍ତୁ ଏହି କେନ୍ଦ୍ରଟି ଏଭଳି ଘଂଚ ଲତାବୁଦା ମଧ୍ୟରେ ପୋତି ହୋଇ ରହିଛି ଯେ, ସେଠାକୁ ମଣିଷ ତ ଦୂରର କଥା, ପଶୁପକ୍ଷୀ ମଧ୍ୟ ପଶିବା ସମ୍ଭବପର ନୁହେଁ। ସରକାରୀ ଯୋଜନାର ଏଭଳି ଅପବ୍ୟୟ ଏବଂ ପଂଚାୟତ କାର୍ଯ୍ୟାଳୟର ଏହି ଦୟନୀୟ ସ୍ଥିତିକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କୁଟାରିପଶୀ ପଂଚାୟତ ଅଧିକାରୀ ବିଜନ ମୁଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ କାର୍ଯ୍ୟାଳୟ ପରିସର ସଫା କରିଥିଲୁ କିନ୍ତୁ ଆଉଥରେ ନଟା ହୋଇଯାଇଛି। ଖୁବ୍‌ଶୀଘ୍ର ସଫା କରି ଦିଆଯିବ ବୋଲି ସଫେଇ ଦେଇଥିଲେ। ଉପାନ୍ତ କୁଟାରୀପଶି ପଂଚାୟତକୁ ଏହି ଅବ୍ୟବସ୍ଥା ଘେରରୁ ମୁକ୍ତ କରିବା ସହ ପରିତ୍ୟକ୍ତ ସେବା କେନ୍ଦ୍ରଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଂଚଳବାସୀ ଦୃଢ଼ ଦାବି କରିଛନ୍ତି।

# ରେଳ ପ୍ରକଳ୍ପ ଜମି ଅଧିଗ୍ରହଣରେ ଗୁରୁତର ଅନିୟମିତତା ଅଭିଯୋଗ : ଜୀବିତ ତିନି ଜଣ ଅସହାୟଙ୍କୁ ମୃତ ଦର୍ଶାଇ କ୍ଷତିପୂରଣରୁ ବଞ୍ଚିତ କରାଯାଇଥିବା ଅଭିଯୋଗ

ମାଲକାନଗିରି , ୨୩/୦୬ (ନି.ପ୍ର): ମାଥିଲି ତହସିଲ ଅନ୍ତର୍ଗତ ମୁଣ୍ଡଗୁଡ଼ା ମୌଜାର ଖାତା ନମ୍ବର ୩୫ ରେ ଚାଲିଥିବା ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଗୁରୁତର ଅନିୟମିତତା ହୋଇଥିବା ସମ୍ପର୍କରେ ପୀଡ଼ିତ ପରିବାର ପକ୍ଷରୁ ସମ୍ପୃକ୍ତ ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ସମାଧାନ ହୋଇନାହିଁ। ଫଳରେ ପୀଡ଼ିତ ପରିବାର ନ୍ୟାୟ ପ୍ରଦାନ ପାଇଁ ସମାଜସେବୀ ଶରତ ଚନ୍ଦ୍ର ବୁରୁଦା ଙ୍କୁ ଏ ବିଷୟ ରେ ଜଣାଇଛନ୍ତି । ଅଭିଯୋଗ ଅନୁଯାୟୀ, ବିସ୍ଥାପିତ ଓ ଅଧିଗୃହୀତ ଜମିର ହିତାଧିକାରୀ ପରିବାରମାନଙ୍କୁ ସରକାରଙ୍କ ନିର୍ଦ୍ଧାରିତ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟାରେ ବଂଶଜ ତାଲିକାରେ ହେରଫେର କରାଯାଇଥିବା ସହ ଜଣେ ଜୀବିତ ଓ ଅସହାୟ ମହିଳାଙ୍କୁ ସରକାରୀ ରେକର୍ଡରେ ମୃତ ଦର୍ଶାଇ କ୍ଷତିପୂରଣରୁ ବଞ୍ଚିତ କରାଯାଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି । ପୀଡ଼ିତା ପ୍ରଥମେ ସମ୍ପୃକ୍ତ ଜମି ଅଧିଗ୍ରହଣ କର୍ତ୍ତୃପକ୍ଷ ଙ୍କ ନିକଟରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ସେ ଜିଲ୍ଲା ପ୍ରଶାସନଙ୍କ ନିକଟରେ ମଧ୍ୟ ବାରମ୍ବାର ଅଭିଯୋଗ କରିଥିଲେ। ତଥାପି ସନ୍ତୋଷଜନକ ସମାଧାନ ନ ମିଳିବାରୁ ସେ ନ୍ୟାୟ ପାଇଁ ଶ୍ରୀ ବୁରୁଦା ଙ୍କୁ ଅନୁରୋଧ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଜମି ଅଧିଗ୍ରହଣ କର୍ତୃପକ୍ଷ ଅଧିକାରୀ ମହିଳା ଜଣଙ୍କୁ ବିବାହିତ ହୋଇଥିବାରୁ ତାଙ୍କର ବାପାଙ୍କ ସମ୍ପତ୍ତିରେ କୌଣସି ଅଧିକାର ନାହିଁ ବୋଲି ମତ ପ୍ରକାଶ କରିଥିଲେ। କିନ୍ତୁ ଭାରତୀୟ ଆଇନ ଅନୁଯାୟୀ ବିବାହିତ କନ୍ୟାଙ୍କର ମଧ୍ୟ ପୈତୃକ ସମ୍ପତ୍ତିରେ ସମାନ ଅଧିକାର ରହିଛି। ତେଣୁ ଏପରି ମନ୍ତବ୍ୟ ଓ କାର୍ଯ୍ୟପଦ୍ଧତି ନେଇ ସାଧାରଣରେ ଗୁରୁତର ପ୍ରଶ୍ନ ଉଠିଛି। ଯଦି ଜଣେ ଜୀବିତ ମହିଳାଙ୍କୁ ସରକାରୀ ରେକର୍ଡରେ ମୃତ ଦର୍ଶାଇ କ୍ଷତିପୂରଣରୁ ବଞ୍ଚିତ କରାଯାଇଥାଏ, ତେବେ ଏହା କେବଳ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଜଣେ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଉପରେ ଗୁରୁତର ଆଘାତ। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ଅଧିକାରୀମାନେ ବଂଶଜ ତାଲିକା ପ୍ରସ୍ତୁତି ସମୟରେ ଶୁଭଦ୍ରା ନାୟକଙ୍କୁ ଜୀବିତ ଥିବା ସତ୍ତ୍ୱେ ମୃତ ଘୋଷଣା କରିଥିବା ବେଳେ, ଅନ୍ୟ ଦୁଇଜଣ ପ୍ରକୃତ ହିତାଧିକାରୀ ଉଦ୍ଧବ ଓ ଡମ୍ବୁଣୀଙ୍କ ନାମକୁ ମଧ୍ୟ ତାଲିକାରୁ ବାଦ ଦିଆଯାଇଥିବା ଭଳି ଗୁରୁତର ଅଭିଯୋଗ ରହିଛି। ଏହା ଫଳରେ ପ୍ରକୃତ ହିତାଧିକାରୀମାନେ ସରକାରଙ୍କ ନିର୍ଦ୍ଧାରିତ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜମି ପଟ୍ଟା ନକଲ ଓ ବଂଶଜ ତଥ୍ୟ ସଂଗ୍ରହରୁ ଜଣାପଡ଼ିଛି ଯେ ପ୍ରକୃତ ହିତାଧିକାରୀମାନଙ୍କୁ କ୍ଷତିପୂରଣ ରାଶି ପାଇବାରୁ ବଞ୍ଚିତ କରାଯାଇଛି । ଏହାସହ ଅଭିଯୋଗକାରୀମାନଙ୍କ କହିବା ଅନୁଯାୟୀ, ସମ୍ପୃକ୍ତ ଜମି ଅଧିଗ୍ରହଣ ଅଧିକାରୀ ଏବଂ କିଛି ସଂଗଠନର କର୍ମକର୍ତ୍ତାମାନେ ଏହି ମାମଲାକୁ ଆଗକୁ ନ ବଢ଼ାଇବା ପାଇଁ ଚାପ ସୃଷ୍ଟି କରୁଥିବା ସହ ପରବର୍ତ୍ତୀ ସମୟରେ କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେଉଥିବା ଅଭିଯୋଗ ହୋଇଛି। ବିଶ୍ୱସ୍ତ ସୂତ୍ରରୁ କିଛି କର୍ମଚାରୀ ଏବଂ ସଂଗଠନ ସହ ଜଡିତ କିଛି ବ୍ୟକ୍ତିଙ୍କ ପାରିବାରିକ ସଦସ୍ୟଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ସ୍ଥାନାନ୍ତର ହୋଇଥିବା ନେଇ ମଧ୍ୟ ସୂଚନା ମିଳିଥିବା ଅଭିଯୋଗ ରହିଛି। ତେବେ ଏହି ସମସ୍ତ ବିଷୟ ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ସାପେକ୍ଷ। ତେଣୁ, ମୁଁ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଏହି ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପ୍ରକୃତ ହିତାଧିକାରୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ଶ୍ରୀ ବୁରୁଦା ଦାବି କରିଛନ୍ତି ।

# ବିକାଶର ଧାରା ଓଡ଼ିଶା ସାରା: ଖୋର୍ଦ୍ଧା ବ୍ଲକସ୍ତରୀୟ ଜନସଚେତନତା ଓ ସେବା କାର୍ଯ୍ୟକ୍ରମ



ଖୋର୍ଦ୍ଧା , ୨୩/୬ (ନି.ପ୍ର): ଖୋର୍ଦ୍ଧା ପଂଚାୟତ ସମିତି ଆନୁକୁଲ୍ୟରେ ବିକାଶର ଧାରା ଓଡ଼ିଶା ସାରା ଅନ୍ତର୍ଗତ ଖୋର୍ଦ୍ଧା ବ୍ଲକରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଜନସଚେତନତା ଓ ସେବା କାର୍ଯ୍ୟକ୍ରମ ମଣ୍ଡଳ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ଫିତା କାଟି ପ୍ରଦର୍ଶନୀ ଷ୍ଟଲ ଉଦ୍ଘାଟନ କରିବାସହ ସାଧାରଣ ସଭା ଓ ହିତାଧିକାରୀ ସେବା ସମାରୋହକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ନିଜ ଉଦବୋଧନରେ ମୁଖ୍ୟ ଅତିଥି କହିଥିଲେ ଖୋର୍ଦ୍ଧା ସଦର ମହକୁମା ସହ ଖୋର୍ଦ୍ଧା ବ୍ଲକର ବିଭିନ୍ନ ଲୋକ କଲ୍ୟାଣ କାରୀ ଯୋଜନା ନୂତନ ସରକାରଙ୍କ ମାତ୍ର ଦୁଇବର୍ଷ ପୂର୍ତ୍ତିରେ ଦୃତ ଗତିରେ ବିକାଶ ର ଧାରା ଜାରି ରହିଛି। ଖୋର୍ଦ୍ଧା ଜିଲ୍ଲା ରାଜ୍ୟ ସରକାର ଯେଉଁ ଭିଜନ ରଖିଛନ୍ତି ବିକଶିତ ଓଡ଼ିଶା ୨୦୩୬ ରେ ଖୋର୍ଦ୍ଧା ଜିଲ୍ଲା ସମଗ୍ର ରାଜ୍ୟରେ ଏକ ନମ୍ବର ଜିଲ୍ଲା ହୋଇ ହୋଇ ଗଢି ଉଠିବ ବୋଲି ଦୃଢୋକ୍ତି ପ୍ରଦାନ କରିଥିଲେ । ଏହି ଅବସରରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଜଗଦେବ ଜିଲ୍ଲାବାସୀଙ୍କ ସହଯୋଗ ଲୋଡ଼ିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ କହିଲେ ଓଡ଼ିଶା ସରକାର ଲୋକମାନଙ୍କ ହିତରେ ବିଭିନ୍ନ ପ୍ରକାର ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଜନସାଧାରଣ ମାନେ ସଚେତନ ହେଲେ ଏହି ଯୋଜନା ଗୁଡିକର ସଫଳତା ସେମାନଙ୍କ ପାଖରେ ପହଞ୍ଚିପାରିବ ଏବଂ ଜନ ପ୍ରତିନିଧି ମାନେ ସେଥିପ୍ରତି ମଧ ସଚେତନ ହୋଇ ପ୍ରକୃତ ହିତାଧିକାରୀଙ୍କ ପାଖରେ ଯେପରି ଯୋଜନା ପହଞ୍ଚାଇ ଖୋର୍ଦ୍ଧା ଜିଲ୍ଲାକୁ ସର୍ବାଗ୍ରେ ସ୍ଥାନିତ କରିବାକୁ ସମସ୍ତେ ନିଷ୍ଠାପର ଭାବେ ଲୋକଙ୍କ ସେବା କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଜୋନ -୧ ପ୍ରଫୁଲ୍ଲ କୁମାର ଦଳାଇ, ମାନ୍ୟବର ସାଂସଦ ଙ୍କ ପ୍ରତିନିଧି ବିଭୁ ପ୍ରସାଦ ବଳିୟାର ସିଂହ, ପ୍ରତାପ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ଖୋର୍ଦ୍ଧା ବ୍ଲକ ମାନସ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ରୂପରେଖ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ବିଧାୟକ, ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରେ ୪୩ ହିତାଧିକାରୀ, ୨୦ ଅଙ୍ଗନୱାଡ଼ି କର୍ମୀ ଙ୍କୁ ମୋବାଇଲ ଫୋନ୍ ,୨୫ ଜଣ ନିର୍ମାଣ ଶ୍ରମିକଙ୍କୁ ଲେବର କାର୍ଡ,୩୦ ଜଣଙ୍କୁ ଆୟୁଷ୍ମାନ କାର୍ଡ,୯ ଜଣଙ୍କୁ ପି ଏମ ସେବା ନିଧି, ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ରେ ୧ ଜଣ ବ୍ଲକ ଟପରଙ୍କୁ ସମ୍ବର୍ଦ୍ଧିତ,୨ ଜଣ ଲକ୍ଷ ପତି ଦିଦି ଙ୍କୁ ସମ୍ବର୍ଦ୍ଧିତ, ବ୍ଲକରେ ଏସ ଆଇ ଆର କାର୍ଯ୍ୟରେ ଶ୍ରେଷ୍ଠତା ପାଇଁ ବି ଏଲ ଓ ଏବଂ ସୁପରଭାଇଜର ଙ୍କୁ ନେଇ ୪ ଜଣ, ସମନ୍ୱିତ କୃଷି ଯୋଜନାରେ ସବସିଡି ପାଇଁ ୪ ଜଣ ହିତାଧିକାରୀ,୩ ଜଣଙ୍କୁ ମାଟି ସ୍ୱାସ୍ଥ୍ୟ କାର୍ଡ, ଆତ୍ମା ଅଧୀନ ସୂର୍ଯ୍ୟମୁଖୀ ଚାଷ ପ୍ରଦର୍ଶନୀ ପାଇଁ ୩ ଜଣ ହିତାଧିକାରୀ, କାମଧେନୁ ଯୋଜନାରେ ୫ ଜଣଙ୍କୁ ସବସିଡି ସହାୟତା ରାଶି ,ଗୋ ଖାଦ୍ୟ ଚାଷ ପାଇଁ ୨ ଜଣ , ଆଗକୁ ବଢନ୍ତୁ କାର୍ଯ୍ୟାଦେଶ ୨ ଜଣଙ୍କୁ ଏବଂ ଉଦ୍ୟାନ କୃଷି ସମନ୍ୱିତ କୃଷିରେ ୪ ଜଣଙ୍କୁ ସବସିଡି ହିତାଧିକାରୀଙ୍କୁ ନେଇ ୧୫୭ ଜଣ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଥିଲେ । ମଣ୍ଡଳ ଉନ୍ନୟନ ଅଧିକାରୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ବ୍ଲକରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀତା ବିଷୟରେ ଅବଗତ କରାଇଥିବା ବେଳେ ଶେଷରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଆଞ୍ଚଳିକ ଜାତୀୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଦିବସରେ ସମସ୍ତ ସରପଞ୍ଚ ପଂଚାୟତ ସମିତି ସଭ୍ୟ ସଭ୍ୟା, ବିଭିନ୍ନ ଲାଇନ୍ ଡିପାର୍ଟ ମେଣ୍ଟ ଅଧିକାରୀ, ବୁଦ୍ଧି ଜିବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣ ମାଧମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

# ଜଳେଶ୍ୱର ବ୍ଲକ ପରିସରରେ ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା କାର୍ଯକ୍ରମ ଅନୁଷ୍ଠିତ




ଜଳେଶ୍ୱର, ୨୩/୬ (ନି.ପ୍ର): ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ଏହା କେବଳ ଏକ ସ୍ଲୋଗାନ ନୁହେଁ,ବରଂ ଆଧୁନିକ ଓଡ଼ିଶାର ବିକାଶ ଓ ପ୍ରଗତିର ଏକ ଦୃଢ଼ ସଂକଳ୍ପ ।ଯେତେବେଳେ ରାଜ୍ୟର ଯୁବପିଢ଼ି ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ସକ୍ଷମ ହେବେ, ସେତେବେଳେ ଏକ ସମୃଦ୍ଧ ଓ ପ୍ରଗତିଶୀଳ ଓଡ଼ିଶାର ସ୍ୱପ୍ନ ସାକାର ହୋଇପାରିବ। ଏହି ସଂକଳ୍ପକୁ ବାସ୍ତବତାରେ ରୂପାନ୍ତରିତ କରିବା ପାଇଁ ଓଡ଼ିଆ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତୀ ଅବସରରେ ବିକାଶର ଧାରା ଓଡିଶା ସାରା ସମ୍ମିଳନୀ ରେ ଜଳେଶ୍ୱର ବ୍ଲକ ଅଞ୍ଚଳରେ ଯୁବକ ଯୁବତୀ ମାନଙ୍କୁ ନେଇ ଜଳେଶ୍ୱର ବ୍ଲକ ପରିସରରେ ବ୍ଲକର ଏ ବିଡ଼ିଓ ସୁଧୀର କୁମାର ସାହୁ ଙ୍କ ସଭାପତିତ୍ୱରେ ସ୍ୱାବଲମ୍ବୀ ଯୁବା,ସମୃଦ୍ଧ ଓଡ଼ିଶା କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷ ମାନସ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଯୁବପିଢ଼ିଙ୍କୁ କେବଳ ପାରମ୍ପାରିକ ଶିକ୍ଷା ପ୍ରଦାନ ନକରି,ଆଜିର ବଜାରର ଆବଶ୍ୟକତା ଅନୁଯାୟୀ ବୈଷୟିକ ଓ ବ୍ୟବସାୟିକ ଦକ୍ଷତା ପ୍ରଦାନ କରିବା ଜରୁରୀ। ସରକାରଙ୍କ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବକ-ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରାଯାଇପାରୁଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ?ଯୁବପିଢ଼ି କେବଳ ଚାକିରି ପଛରେ ନଗୋଡ଼ାଇ ନିଜେ ଜଣେ ଜଣେ 'ରୋଜଗାରଦାତା' ହେବା ଆବଶ୍ୟକ। 'ଷ୍ଟାର୍ଟ-ଅପ୍ ଓଡ଼ିଶା' ପରି ଯୋଜନା ଯୁବ ଉଦ୍ୟୋଗୀମାନଙ୍କୁ ନୂଆ ଚିନ୍ତାଧାରା ଏବଂ ବ୍ୟବସାୟ ଆରମ୍ଭ କରିବା ପାଇଁ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେଉଛି। ଓଡ଼ିଶା ପ୍ରାକୃତିକ ଓ କୃଷି ସମ୍ପଦରେ ଭରପୂର। କୃଷି-ଭିତ୍ତିକ ଶିଳ୍ପ, ହସ୍ତଶିଳ୍ପ, ଓ ପର୍ଯ୍ୟଟନ କ୍ଷେତ୍ରରେ ଯୁବପିଢ଼ି ସାମିଲ ହେଲେ ଗ୍ରାମାଞ୍ଚଳର ଅର୍ଥନୀତି ସୁଦୃଢ଼ ହେବା ସହ ଗ୍ରାମୀଣ ଯୁବକମାନେ ସ୍ୱାବଲମ୍ବୀ ହୋଇପାରିବେ। ଆଜିର ଶିକ୍ଷିତ ଯୁବପିଢ଼ି ବୈଜ୍ଞାନିକ ପଦ୍ଧତିରେ ଚାଷ, ମତ୍ସ୍ୟଚାଷ, ଗୋପାଳନ ଏବଂ ଉଦ୍ୟାନ କୃଷି ଆପଣେଇ ଭଲ ରୋଜଗାର କରିପାରୁଛନ୍ତି ।ଏହାଦ୍ୱାରା ରାଜ୍ୟରେ ଖାଦ୍ୟ ସୁରକ୍ଷା ବଢ଼ିବା ସହ ଗ୍ରାମୀଣ ଅର୍ଥନୀତି ସମୃଦ୍ଧ ହେଉଛି ।ରାଜ୍ୟର ସାମଗ୍ରିକ ବିକାଶ ଯୁବଶକ୍ତିର ବିକାଶ ଉପରେ ହିଁ ନିର୍ଭର କରେ। ଯେତେବେଳେ ଓଡ଼ିଶାର ପ୍ରତିଟି ଯୁବକ ଓ ଯୁବତୀ ସ୍ୱାବଲମ୍ବୀ ହେବେ, ସେତେବେଳେ ଶିଳ୍ପ, କଳା, ସାହିତ୍ୟ ଏବଂ ଅର୍ଥନୀତି ସବୁ କ୍ଷେତ୍ରରେ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ। ଏହି ସଂକଳ୍ପକୁ ଆଗକୁ ନେବାରେ ଉଭୟ ସରକାରୀ ପ୍ରୋତ୍ସାହନ ଏବଂ ଯୁବପିଢ଼ିଙ୍କ ଇଚ୍ଛାଶକ୍ତିର ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି ଜେନେରାଲ ମ୍ୟାନେଜର ଡିଆଇସି ସୂର୍ଯ୍ୟକାନ୍ତ ବେହେରା, ସ୍କିଲ୍ ଡେଭ୍ଲପମେଣ୍ଟ ଅଫିସର ଦୁର୍ଗାଚରଣ ଦାସ, ଏସିଷ୍ଟେଣ୍ଟ ମ୍ୟାନେଜର ଡିଆଇସି ଅକ୍ଷୟ କୁମାର ଦାସ, ଆଇପିଇଓ ଅମ୍ବୁଜ କୁମାର ମହାନ୍ତ, ବ୍ଲକ ନିର୍ବାହୀ ଯନ୍ତ୍ରୀ ସନ୍ଧ୍ୟାରାଣୀ ପାତ୍ର, ଉତ୍ତର ବାଲେଶ୍ୱର ଜିଲ୍ଲା ଯୁବ ମୂର୍ଚ୍ଛା ସଭାପତି ଫାଲଗୁନି ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପଶ୍ଚିମବାଡ ପଞ୍ଚାୟତର ମହିଳା ଯୁଦ୍ୟୋଗି ମିନତୀ ଜେନା,ଶିଖରପୁର ପଞ୍ଚାୟତର ମହିଳା ଯୁଦ୍ୟୋଗି ଶାନ୍ତିଲତା ବେହେରା,ସୁଧାଶ୍ରୀ ମିନେରାଲ ତାପସ କୁମାର ପ୍ରଧାନ,ନନ୍ଦୀକାର ମହିଳା ଯୁଦ୍ୟୋଗି ଆରତୀ ଦେ ଓ ସ୍ନେହଲତା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଇଷ୍ଟ କୋଷ୍ଟ ରେଳପଥରେ 'କବଚ' ବ୍ୟବସ୍ଥାକୁ ରାଜ୍ୟପାଳ କଲେ ସ୍ୱାଗତ

ଭୁବନେଶ୍ୱର, ୨୩ ଜୁନ (ହି.ସ.) ଇଷ୍ଟ କୋଷ୍ଟ ରେଳପଥ ନେଟୱାର୍କରେ 'କବଚ' ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ମଞ୍ଜୁରି ମିଳିଥିବାରୁ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏହାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ଏହି ପଦକ୍ଷେପ ଓଡ଼ିଶାରେ ରେଳ ସୁରକ୍ଷା ଓ ପରିଚାଳନାଗତ ଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବ। ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଏକ ବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି ଯେ, ଇଷ୍ଟ କୋଷ୍ଟ ରେଳପଥରେ 'କବଚ' ପ୍ରଣାଳୀର କାର୍ଯ୍ୟକାରିତା ଯାତ୍ରୀ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ସହ ରେଳ ଚଳାଚଳକୁ ଅଧିକ ସ୍ମାର୍ଟ ଏବଂ ଦକ୍ଷ କରିବ। ସେ ଏହାକୁ ଦେଶର ରେଳ ବ୍ୟବସ୍ଥାର ଆଧୁନିକୀକରଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ରାଜ୍ୟପାଳ ଏହି ଉଦ୍ୟମ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନେତୃତ୍ୱ ଓ ପ୍ରତିବଦ୍ଧତାକୁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୋହନ ଯାଦବଙ୍କ...

ସ୍ଥାନୀୟ ରିଏଲ୍ ଇଷ୍ଟେଟ୍ ବ୍ୟବସାୟୀମାନେ କହିଛନ୍ତି ଯେ, ଏହି ଅଞ୍ଚଳଗୁଡ଼ିରେ ରାସ୍ତା ତିଆରି ପ୍ରକଳ୍ପ ଚାଲୁଥିବାରୁ ଭବିଷ୍ୟତରେ ଜମିର ମୂଲ୍ୟ ବହୁତ ବଢ଼ିବାର ସମ୍ଭାବନା ରହିଛି । ଭିଓ- ରାଜ୍ୟ ସରକାର ଯେଉଁ ଉନ୍ନୟନ ମୂଳକ ପ୍ରକଳ୍ପ ହାତକୁ ନେଇଛନ୍ତି । ସେହି ପ୍ରକଳ୍ପ ସହ ମୁଖ୍ୟମନ୍ତ୍ରୀଙ୍କ ପରିବାର କିଣି ଥିବା ପ୍ଲଟ ସହ ସିଧାସଳଖ ସମ୍ପର୍କ ରହିଛି । ସରକାରୀ ଖର୍ଚ୍ଚରେ ହେଉଥିବା ବିକାଶର ସିଧାସଳଖ ଫାଇଦା ଏହି ପରିବାରକୁ ମିଳୁଛି । ତେବେ ୨୦୨୫ ମସିହାରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ପରିବାର ତଥା ତାଙ୍କ ଦ୍ୱାରା ପରିଚାଳିତ ରିଏଲ ଇଷ୍ଟେଟ କମ୍ପାନୀ ୯୨ ଏକରରୁ ଅଧିକ ଜମି କିଣିଛନ୍ତି । ଜାତୀୟ ଗଣମାଧ୍ୟମରେ ଏଭଳି ଚର୍ଚ୍ଚା ପରେ ମୁଖ୍ୟମନ୍ତ୍ରୀ ତଥା ତାଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନି ।

## ଆସୁଛି ମହାପ୍ରଭୁଙ୍କ...

ପୁରୀରେ ହେବ ସ୍ଥାୟୀ ବର୍ଣ୍ଣ ଓ କ୍ୟାଥୋଲାବ୍ । ରଥଯାତ୍ରାରେ ଅଘଟଣକୁ ଏଡାଇବା ପାଇଁ ସିସିଟିଭି ନଜରରେ ରହିବ ସମଗ୍ର ପୁରୀ ସହର। ଲାଗିବ ୪୭୫ ସିସିଟିଭି। ଆମ୍ବୁଲାନ୍ସ ପାଇଁ ଗ୍ରୀନ କରିଡ଼ର କରାଯିବ। ସୁରକ୍ଷା ପାଇଁ ଏନଏସ୍‌ଜି ସହ ଟକ୍ନିକାଲ ୟୁନିଟ୍ ମୁତୟନ ହେବେ। ଜନଗହଳି ନିୟନ୍ତ୍ରଣ, ଅପରାଧ ନିୟନ୍ତ୍ରଣ, ରଥ ଟଣା, ଦର୍ଶନ ପାଇଁ ଆଇପିଏସ୍ ଅଧିକାରୀ ଦାୟିତ୍ୱରେ ରହିବେ। ଜଗା ଦର୍ଶନ ପାଇଁ ପୁରୀ ବାସିନ୍ଦାଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା। ଏଥିପାଇଁ ସ୍ୱତନ୍ତ୍ର ସଫ୍ଟୱେର ପ୍ରସ୍ତୁତ କରୁଛି ଓଡଇଡ। ଆଧାର କାର୍ଡ ସ୍କାନ କରି ସହଜରେ ମନ୍ଦିରରେ ପ୍ରବେଶ କରିପାରିବେ ପୁରୀବାସୀ। ଖୁବ୍ ଶୀଘ୍ର ଏ ବ୍ୟବସ୍ଥା ହେବ ଲାଗୁ ।

## ଧାନ ବିକି ନପାରି ...

ଏପରି ସ୍ଥିତିରେ ଟୋକନ ଲାପ୍ସ ହେବା ଆଶଙ୍କା ଚାଷୀଙ୍କ ଚିନ୍ତା ବଢାଇଦେଇଛି । ଏପଟେ ଝଡବର୍ଷା ଦାଉ ସାଧିଛି । ଧାନ ବିକିବା ଲାଗି ଚାଷୀ ଦିନ ରାତି ମଣ୍ଡିରେ ପଡିରହୁଛି । କିନ୍ତୁ ମଣ୍ଡିକୁ ମିଲର୍ସ ଅବା ପେକ୍ସ ଅଧିକାରୀ କିମ୍ବା ଆରଏମ୍‌ସି କର୍ମଚାରୀ ଆସୁନାହାଁନ୍ତି । ଫଳରେ ଚାଷୀଟି ବାଧ ହୋଇ ଆତ୍ମହତ୍ୟା କରୁଛି । ପ୍ରଶ୍ନ ଉଠିଛି ଏମ୍‌ଏସ୍‌ପି ବଢ଼ିବାର ଲାଭ କ'ଣ, ଯଦି ଠିକ ସମୟରେ ଧାନ ବିକ୍ରି ନହେବ ?

## ଓଡ଼ିଶା ମାନଚିତ୍ରରୁ ...

ଓଡ଼ିଶାର ଗାଁକୁ ପଶ୍ଚିମବଙ୍ଗ ହାତେଇବାକୁ ଦୀର୍ଘଦିନରୁ ମସୁଧା ଚଳାଇଥିବା ବେଳେ, ସାମ୍ନାକୁ ଆସିଛି ସାଂଘାତିକ ଘଟଣା । ଶଙ୍ଖାମେଦୀ ଗାଁଲୋକେ ପୂର୍ବରୁ ପଶ୍ଚିମବଙ୍ଗ ଏସ୍‌ଆଇଆରରେ ସାମିଲ ହୋଇ ବିଧାନସଭା ଭୋଟ୍ ଦେଇସାରିଥିବାରୁ, ଏବେ ଓଡ଼ିଶା ପକ୍ଷରୁ ହେଉଥିବା ଏସ୍‌ଆଇଆରକୁ ବିରୋଧ କରିଛନ୍ତି । ସର୍ଭେ କରିନପାରି ଫେରି ଆସିଛନ୍ତି ବିଏଲ୍‌ଓ । ସେପଟେ ଶଙ୍ଖାମେଦୀ ବାସିନ୍ଦା ଗଣମାଧ୍ୟମକୁ ଜଣାଇଛନ୍ତି ଏହା ପଛର ଅସଲ କାରଣ । ବଖାଣିଛନ୍ତି ଓଡ଼ିଶା ସରକାରଙ୍କ ଉଦାସୀନତା ବିରୋଧରେ ରୋଷ । କହିଛନ୍ତି, ପ୍ରାୟ ୭୦ ବର୍ଷ ହେଲା ସେମାନଙ୍କୁ ଓଡ଼ିଶାରୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଦିଆଯାଉନାହିଁ, କି ଖଜଣା ଆଦାୟ ହେଉନାହିଁ । ତେଣୁ ସେମାନେ ଆବାସ ଯୋଜନା ଓ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ସମସ୍ୟା ଭୋଗୁଛନ୍ତି । ଗାଁରେ ଜନଗଣନା ବି ହୋଇନଥିବା କହି ଅସନ୍ତୋଷ ଝାଡ଼ିଛନ୍ତି ଶଙ୍ଖାମେଦୀବାସୀ । ୧୯୨୭ରୁ ଶଙ୍ଖାମେଦୀ ଗାଁରୁ ରାଜସ୍ୱ ଆଦାୟ କରୁଥିଲେ ଓଡ଼ିଶା ସରକାର । ୧୯୭୮ରୁ ବିଭିନ୍ନ କାରଣ ଦର୍ଶାଇ ରାଜସ୍ୱ ଆଦାୟ ବନ୍ଦ ରହିଛି । ଓଡ଼ିଶାର ଏହି ସୀମାନ୍ତ ଗାଁକୁ ପଶ୍ଚିମବଙ୍ଗ ସରକାର ପୂର୍ବ ମେଦିନୀପୁର ଜିଲା ରାମନଗର ବ୍ଲକ ଅଧୀନକୁ ନେବାକୁ ଉଦ୍ୟମ ଜାରି ରଖିଛନ୍ତି । ଓଡ଼ିଶା ପକ୍ଷରୁ ଗାଁରେ ପ୍ରାଥମିକ ବିଦ୍ୟାଳୟ, ରାସ୍ତା, ବିଦ୍ୟୁତ, ପାନୀୟ ଜଳ, ଶୌଚାଳୟ ଓ ରାସନ କାର୍ଡ ଯୋଗାଇ ଦିଆଯାଇଛି । ଅନୁରୂପ ଭାବେ ପଶ୍ଚିମବଙ୍ଗ ସରକାର ମଧ ବିଭିନ୍ନ ମୌଳିକ ସୁବିଧା ସହ ଆବାସ ଯୋଜନା ଯୋଗାଇ ଦେଉଛନ୍ତି। ଲୋକଙ୍କ ପାଖରେ ଉଭୟ ରାଜ୍ୟର ଆଧାର କାର୍ଡ ଓ ଭୋଟର କାର୍ଡ ଅଛି । ପିଲାମାନେ ପ୍ରାଥମିକ ସ୍କୁଲରେ ଓଡ଼ିଆ ପାଠ ପଢୁଥିଲେ ବି, ଜାତିଗତ ପ୍ରମାଣପତ୍ର ମିଳୁ ନଥିବାରୁ ଉଚ୍ଚଶିକ୍ଷାରେ ସମସ୍ୟା ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି ।

## କଂଗ୍ରେସ ସଂଗଠନରେ...

ବର୍ତ୍ତମାନର ଦାୟିତ୍ୱରୁ ହଟାଯାଇ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଲଗାଯାଇପାରେ । ରାଜ୍ୟ ସଂଗଠନଗୁଡ଼ିକୁ ସମୀକ୍ଷା କଲେ ଜଣାପଡ଼େ ଯେ, କଂଗ୍ରେସ ବିଶେଷ କରି ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶରେ ନୂଆ ରାଜ୍ୟ ସଭାପତି ନିଯୁକ୍ତ କରିବାକୁ ପ୍ରସ୍ତୁତି ଚଳାଇଛି। ବିଶେଷ କରି ୨୦୨୭ ମସିହାରେ ପଞ୍ଜାବ ଏବଂ ଉତ୍ତର ପ୍ରଦେଶରେ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ, ଏହି ଦୁଇ ରାଜ୍ୟର ସଭାପତି ପରିବର୍ତ୍ତନ ନିଷ୍ପତ୍ତିକୁ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି । ନିର୍ବାଚନୀ ମଇଦାନକୁ ଓହ୍ଲାଇବା ପୂର୍ବରୁ କର୍ମୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିବା ପାଇଁ ହାଇକମାଣ୍ଡ ଏହିସବୁ ନିଷ୍ପତ୍ତି ଖୁବଶୀଘ୍ର ଆନୁଷ୍ଠାନିକ ଭାବେ ଘୋଷଣା କରିପାରନ୍ତି ।

## ପୂରା ରାଜ୍ୟକୁ ...

ଜୁନ୍ ଶେଷ ସପ୍ତାହ ବେଳକୁ ଉତ୍ତର ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଥିବାବେଳେ ଜୁଲାଇ ପ୍ରଥମ ସପ୍ତାହରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଆଗପଛ ହୋଇ ଦୁଇଟି ଲଘୁଚାପ ବଙ୍ଗୋପସାଗରରେ ଆସୁଥିବାରୁ ଜୁଲାଇ ପହିଲାରୁ ମୌସୁମୀ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି । ଓଡିଶା ଛୁଇଁବା ପରଠାରୁ ମୌସୁମୀ ଦୁର୍ବଳ ସ୍ଥିତିରେ ରହିଛି । ଗତ ୧ ତାରିଖରୁ ୨୧ ତାରିଖ ମଧ୍ୟରେ ରାଜ୍ୟରେ ମାତ୍ର ୬୭ ମିମି ବର୍ଷା ରେକର୍ଡ ହୋଇଛି । ଏହା ସ୍ୱାଭାବିକ ବର୍ଷା ତୁଳନାରେ ୪୭ ପ୍ରତିଶତ କମ୍ ରହିଛି । ୧୧ ଟି ଜିଲ୍ଲାରେ ଏବେ ବି ନିଅଣ୍ଟିଆ ସ୍ଥିତି ଲାଗି ରହିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଉତ୍ତର ସୀମା ଏବେ ବଲାଙ୍ଗୀର ଏବଂ ବରଗଡ଼ର ଅଳ୍ପ ଅଂଶ; ନବରଙ୍ଗପୁର ଏବଂ ଝାରସୁଗୁଡ଼ାର କିଛି ଅଂଶ, କଳାହାଣ୍ଡି, ସୋନପୁର ଏବଂ ସୁନ୍ଦରଗଡ଼ର ଅଧିକାଂଶ ଅଂଶ ଦେଇ ଅତିକ୍ରମ କରିଛି । ଆଗାମୀ ୪୮ ଘଣ୍ଟା ମଧ୍ୟରେ ଓଡ଼ିଶାର ଅବଶିଷ୍ଟ ଅଂଶକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆହୁରି ଅଧିକ ଅଗ୍ରସର ହେବା ପାଇଁ ପରିସ୍ଥିତି ଅନୁକୂଳ ଅଛି ।

## ପ୍ରତିଶ୍ରୁତି ରକ୍ଷା...

ଯଦି ସେମାନେ ଆମକୁ ସମ୍ମାନ ନଦିଅନ୍ତି ଏବଂ ସର୍ତ୍ତ ନ ମାନନ୍ତି, ତେବେ ପରିସ୍ଥିତି ଆଦୌ ଭଲ ହେବନାହିଁ ଏବଂ ଏହାର ଅତି ଗମ୍ଭୀର ପରିଣାମ ଇରାନକୁ ଭୋଗିବାକୁ ପଡ଼ିବ। ଆଲୋଚନା ସମୟରେ ତେହେରାନକୁ କୌଣସି ପ୍ରକାରର ସୁବିଧା ସୁଯୋଗ ଦେବା ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଛନ୍ତି, ସେମାନଙ୍କର ସମ୍ପୂର୍ଣ୍ଣ ଦେଶ ବର୍ତ୍ତମାନ ଧ୍ୱଂସ ହୋଇଯାଇଛି। ଏଭଳି ସ୍ଥିତିରେ ଏମିତି ପ୍ରଶ୍ନ ପଚାରିବା ସମ୍ପୂର୍ଣ୍ଣ ବୋକାମୀ। ଇରାନର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁଁ ସେମାନେ ଆମେରିକା ସହ କୌଣସି ପ୍ରକାରର ମୂଳଚାଲ କରିବା ସ୍ଥିତିରେ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ଆର୍ଥିକ ସଙ୍କଟ ଆଶଙ୍କା ଅପେକ୍ଷା ଇରାନକୁ ପରମାଣୁ ଅସ୍ତ୍ର ହାସଲରୁ ରୋକିବା ଆମେରିକା ପାଇଁ ସବୁଠାରୁ ବଡ଼ ପ୍ରାଥମିକତା ବୋଲି ଟ୍ରମ୍ପ ଜୋର ଦେଇ କହିଛନ୍ତି। ସେ ଯୁକ୍ତି ବାଢ଼ିଛନ୍ତି ଯେ, ପରମାଣୁ ଅସ୍ତ୍ରର ବିପଦ ଯେକୌଣସି ଆର୍ଥିକ ମାନ୍ଦାବସ୍ଥା ଠାରୁ ବହୁତ ଭୟାନକ ସଙ୍କଟ ଆଣିବ। ଲେବାନନରୁ ଇସ୍ରାଏଲ୍‌ସେନା ପ୍ରତ୍ୟାହାର ହେବନାହିଁ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଦେଇଥିବା ବୟାନକୁ ଟ୍ରମ୍ପ ସହଜରେ ଏଡ଼ାଇ ଦେଇଛନ୍ତି। ନିଜକୁ ଜଣେ 'ସମସ୍ୟା ସମାଧାନକାରୀ' ଭାବେ ଅଭିହିତ କରି ଟ୍ରମ୍ପ କହିଛନ୍ତି ଯେ ସେ ଯେକୌଣସି ବଡ଼ ସମସ୍ୟାର ସମାଧାନ ଖୁବ୍ ଶୀଘ୍ର କରିପାରନ୍ତି।

# ରେମୁଣା ବିଜେପି କାର୍ଯ୍ୟାଳୟରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ



ରେମୁଣା, ୨୩/୬ (ନି.ପ୍ର): ଭାରତୀୟ ଜନତା ପାର୍ଟି ରେମୁଣା ନିର୍ବାଚନ ମଣ୍ଡଳୀ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୪ ଘଟିକା ସମୟରେ ରେମୁଣା ବିଜେପି କାର୍ଯ୍ୟାଳୟ ପରିସରରେ ଜନସଂଘର ପ୍ରତିଷ୍ଠାତା ତଥା ପ୍ରଖ୍ୟାତ ରାଷ୍ଟ୍ରନାୟକ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଇଛି । ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିପିନ ମାରାଣ୍ଡି, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ଜିଲ୍ଲା ସମ୍ପାଦିକା ରବିତା ଦାସଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଉପସ୍ଥିତ ଅତିଥି ଓ କାର୍ଯ୍ୟକର୍ତ୍ତାମାନେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାସୁମନ ଜଣାଇଥିଲେ। ପରେ ଉପସ୍ଥିତ ବରିଷ୍ଠ ନେତୃବୃନ୍ଦ ମାନେ ଡ. ମୁଖାର୍ଜୀଙ୍କ ତ୍ୟାଗ, ରାଷ୍ଟ୍ରବାଦୀ ଚିନ୍ତାଧାରା ଏବଂ ଅଖଣ୍ଡ ଭାରତ ଗଠନରେ ତାଙ୍କ ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଦାସ କହିଥିଲେ ଯେ, ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଜଣେ ପ୍ରଖର ରାଷ୍ଟ୍ରପ୍ରେମୀ, ଦୂରଦର୍ଶୀ ଚିନ୍ତକ ଓ ଦେଶର ଏକତା ଏବଂ ଅଖଣ୍ଡତା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ମହାନ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ଆଦର୍ଶ, ତ୍ୟାଗ ଓ ରାଷ୍ଟ୍ରସେବାର ଭାବନା ଆଜି ମଧ ଦେଶବାସୀଙ୍କୁ ପ୍ରେରଣା ଯୋଗାଇ ଆସୁଛି। ଅନ୍ୟ ମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଉମାକାନ୍ତ ଜେନା, ମାନସ ମହାନ୍ତି, ପ୍ରଫୁଲ୍ଲ ଦ୍ୱିବେଦୀ, ମଣ୍ଡଳ ସାଧାରଣ ସମ୍ପାଦକ କମଳ ଲୋଚନ ପ୍ରଧାନ, ସୂର୍ଯ୍ୟ କୁମାର ମିଶ୍ର, ନିତୁନ କୁମାର ସାହା, ଉମେଶ ଦାସ ଇତ୍ୟାଦି ଉପସ୍ଥିତ ଥିଲେ।

# ଭଦ୍ରକ ଜିଲ୍ଲାରେ ଏଆଆଇଆର କାର୍ଯ୍ୟରେ ୮୯.୬୯% ଇଲେକ୍ଟର ଫର୍ମ ଡିଜିଟାଇଜ୍

ଭଦ୍ରକ, ୨୩/୬ (ନି.ପ୍ର): ଭଦ୍ରକ ଜିଲ୍ଲାର ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ୨୩ ଜୁନ ୨୦୨୬ ଅପରାହ୍ନ ସୁଦ୍ଧା ପ୍ରକାଶିତ ରିପୋର୍ଟ ଅନୁଯାୟୀ ଜିଲ୍ଲାର ସମସ୍ତ ୧୩୨୬ ଜଣ ବିଏଲଓ ପ୍ରଶିକ୍ଷିତ ହୋଇ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଛନ୍ତି। ଜିଲ୍ଲାରେ ମୋଟ ୧୨,୮୪,୬୧୮ ଜଣ ମତଦାତାଙ୍କ ମଧ୍ୟରୁ ୧୨,୮୪,୪୭୫ଟି ଇଲେକ୍ଟର ଫର୍ମ ଡାଉନଲୋଡ୍ କରାଯାଇଥିବାବେଳେ ସମସ୍ତ ୧୨,୮୪,୬୧୮ଟି ଫର୍ମ ବଣ୍ଟନ କରାଯାଇଛି। ଏପର୍ଯ୍ୟନ୍ତ ୧୧,୫୨,୨୦୮ଟି ଫର୍ମ ଡିଜିଟାଇଜ୍ ହୋଇଥିବାରୁ ଜିଲ୍ଲାର ଡିଜିଟାଇଜେସନ୍ ହାର ୮୯.୬୯ ପ୍ରତିଶତରେ ପହଞ୍ଚିଛି। ବିଧାନସଭା ଭିତ୍ତିକ ତଥ୍ୟ ଅନୁଯାୟୀ, ଧାମନଗର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୯୦.୯୭ ପ୍ରତିଶତ ଫର୍ମ ଡିଜିଟାଇଜ୍ ହୋଇଥିବାବେଳେ ବାସୁଦେବପୁରରେ ୯୦.୨୬ ପ୍ରତିଶତ, ଭଣ୍ଡାରିପୋଖରୀରେ ୯୦.୭୪ ପ୍ରତିଶତ, ଭଦ୍ରକରେ ୮୯.୩୩ ପ୍ରତିଶତ ଏବଂ ଚାନ୍ଦବାଲିରେ ୮୭.୨୩ ପ୍ରତିଶତ ଫର୍ମ ଡିଜିଟାଇଜ୍ କରାଯାଇଛି। ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ୧୧,୫୧,୯୮୫ଟି ଫର୍ମ ଇଖଙ ମାନଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବାବେଳେ କେବଳ ୨୦୭ଟି ଫର୍ମ ମତଦାତାଙ୍କ ଦ୍ୱାରା ଦାଖଲ ହୋଇ ଯାଞ୍ଚ ଅପେକ୍ଷାରେ ରହିଛି। ଏସଆଇଆର କାର୍ଯ୍ୟକ୍ରମକୁ ଇରଜଙ ମାନଙ୍କ ତତ୍ତ୍ୱାବଧାନରେ ତ୍ୱରାନ୍ୱିତ ଭାବେ ଆଗେଇ ନିଆଯାଉଛି।

# ଭଦ୍ରକରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ବିଏଲଏ-୧ ବୈଠକ ଅନୁଷ୍ଠିତ



ଭଦ୍ରକ, ୨୩/୬ (ନି.ପ୍ର): ଆଗାମୀ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ସୁଚାରୁ ଓ ସ୍ୱଚ୍ଛ ଭାବେ ପରିଚାଳନା କରିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ ବିଏଲଏ-୧ ବୈଠକ ଅତିରିକ୍ତ ଜିଲ୍ଲାପାଳ-ମଙ୍କଞ୍ଚ-ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରବି ନାରାୟଣ ସାହୁଙ୍କ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲ୍ଲାପାଳ ଏବଂ ଉପ ଜିଲ୍ଲାପାଳ (ନିର୍ବାଚନ) ପ୍ରତିମା ନାୟକ ଉପସ୍ଥିତ ରହି ନିର୍ବାଚକ ତାଲିକା ସଂଶୋଧନ, ବିଏଲଏମାନଙ୍କ ଭୂମିକା, ଭୋଟର ତଥ୍ୟ ଯାଞ୍ଚ ଏବଂ ଚାଲିଥିବା ଝଓଜ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ବିଭିନ୍ନ ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେଣ୍ଟ ମାନଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ସମ୍ପର୍କରେ ଅବଗତ କରାଯିବା ସହ ନିର୍ବାଚକ ତାଲିକାର ସଠିକତା ଓ ସ୍ୱଚ୍ଛତା ରକ୍ଷା ପାଇଁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଥିଲା। ବୈଠକରେ ବିଭିନ୍ନ ପ୍ରସ୍ତାବ ଓ ମତାମତ ଉପରେ ଆଲୋଚନା ହେବା ସହ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା।

ବୁଧବାର, ଜୁନ୍ ୨୪, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ୧୨ ତମ ଆନ୍ତର୍ଜାତିୟ ବିଶ୍ୱ ଯୋଗ ଦିବସ ପାଳନ

ରୂପସା , ୨୩/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ଅଧ୍ୟକ୍ଷତାରେ,ବିଶ୍ୱ ଆନ୍ତର୍ଜାତୀୟ ଯୋଗ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଯୋଗଦାନ୍ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ପୂର୍ବତନ କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ ଏବଂ ଆଶ୍ରମର ଯୋଗ ଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା।ଉପସ୍ଥିତ ଥିଲେ ଆଶ୍ରମର ବହୁ ମୁନି ମୁନିମତୀ,ମୁନିରାଜ ମୁନିରାଜ୍ଞୀମାନେ ।ପ୍ରତିଦିନ ଯୋଗ ସାଧନା ବିଶ୍ୱର ସମସ୍ତ ମାନବ କରି ଚାଲିଲେ,ସମଗ୍ର ବିଶ୍ୱ ଗୋଟିଏ ପରିବାରରେ ପରିଣତ ହୋଇ ସୁଖ ଶାନ୍ତି ଆନନ୍ଦରେ କାଳାତିପାତ କରିପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ ଏକାନ୍ତ ଆବଶ୍ୟକ। ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ ପାଇଁ ଯୋଗ ଏକାନ୍ତ ଆବଶ୍ୟକ।ଯୋଗ ବ୍ୟାୟାମ ନୁହେଁ ଏହା ଏକ ଆଧ୍ୟାତ୍ମିକ ଜୀବନ ଦର୍ଶନ।ମୁନି ସମାଜର ଯୋଗ ସାଧନା ଦ୍ୱାରା ବିଶ୍ୱର ସମସ୍ତ ରୋଗ ଆରୋଗ୍ୟ ହୋଇ ପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।ଉପସ୍ଥିତଥିଲେ , ଆଶ୍ରମର ଉପାଧ୍ୟକ୍ଷା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ମହୋଦୟା,ଶକୁନ୍ତଳା ପରିଡ଼ା, ସୁମତୀ ଦଳାଇ, ମଞ୍ଜୁଲତା ବେହେରା,ଆରତୀ ଗିରି,ମୁନି ଜଗଦୀଶ ପରିଡ଼ା ପ୍ରମୁଖ ବହୁ ମୁନି ମୁନିମତୀ ମାନେ।ଶେଷରେ ଆତ୍ମଜ୍ଞାନୀ ମୁନିମତୀ ସରସ୍ୱତୀ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି, ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।



## ପାଣିରେ ବୁଡ଼ି ଯୁବକ ମୃତ



ନୀଳଗିରି , ୨୩/୬ (ନି.ପ୍ର): ପୁଣି ସୋନନଦୀରେ ବୁଡ଼ି ଜୈନିକ ଯୁବକଙ୍କ ଜୀବନ ଯାଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ଅଯୋଧ୍ୟା ପଞ୍ଚାୟତ ବାଡ଼ିଆ ଗ୍ରାମରେ। ଦୀର୍ଘ ୪ବର୍ଷତଳେ ହୃଦଘାତରେ ପରଲୋକ କରିଥିବା ଅନିରୁଦ୍ଧ ଦାସଙ୍କ ୨୨ବର୍ଷୀୟ ପୁଅ ସତ୍ୟପ୍ରକାଶ ଦାସ ଆଜି ପୂର୍ବାହ୍ନରେ ସୋନନଦୀରେ ଗାଧୋଇବାକୁ ଯାଇଥିବାବେଳେ ଗୋଡ ଖସିଯିବାରୁ ଗଣ୍ଡରେ ବୁଡିଯାଇଥିଲେ। ନିକଟସ୍ଥ ପିଉସୀଘର ଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ସତ୍ୟପ୍ରକାଶର ସନ୍ଧାନ ପାଇପାରିନଥିଲେ। ଶେଷରେ ସ୍ଥାନୀୟଲୋକ ଏବଂ ଦମକଳବାହିନୀ ନଦୀରେ ଖୋଜାଖୋଜି କରିବାପରେ ଯୁବକଙ୍କ ମୃତଦେହ ଉଦ୍ଧାରକରି ନୀଳଗିରି ହସ୍ପିଟାଲ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଆଜି ଶବ ବ୍ୟବଚ୍ଛେଦ କରାଯିବାପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ। ତେବେ ବାପା ଅନିରୁଦ୍ଧଙ୍କ ମୃତ୍ୟୁପରେ ମା ବାଲେଶ୍ୱର ଅଞ୍ଚଳର ବାପଘରେ ଏକମାତ୍ର ଝିଅସହିତ ରୁହନ୍ତି। ସତ୍ୟପ୍ରକାଶ ମଧ ବାପା ମାଙ୍କର ଏକମାତ୍ର ପୁଅ ଥିବାରୁ ତାଙ୍କ ମୃତ୍ୟୁରେ ପରିବାର ସମେତ ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



ବାରିପଦା, ୨୩/୬ (ନି.ପ୍ର): ଚଳିତ ବର୍ଷ ବାରିପଦା ରଥଯାତ୍ରା-୨୦୨୬କୁ ଶାନ୍ତି, ଶୃଙ୍ଖଳା ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ସୁପରିଚାଳନା କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବାରିପଦା ଦେବତ୍ତର ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରଥ ନିର୍ମାଣ, ନୀତିକାନ୍ତି ପାଳନ, ସୁରକ୍ଷା ବ୍ୟବସ୍ଥା, ବିଦ୍ୟୁତ ଆଲୋକୀକରଣ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମ୍ପୃକ୍ତ ସମସ୍ତ ବିଭାଗ, ଦେବତ୍ତର ବିଭାଗ ଏବଂ ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସୁଚାରୁ ରୂପେ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ସୟ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଚଳିତ ବର୍ଷ ରଥଯାତ୍ରାକୁ ପୂର୍ବବର୍ଷ ପରି ମହାପ୍ରଭୁଙ୍କ ନୀତିକାନ୍ତି ଅନୁଯାୟୀ ଶାନ୍ତି ଓ ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ବାରିପଦା ପୌରପାଳିକା ଅଧ୍ୟକ୍ଷ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପ-ଜିଲ୍ଲାପାଳ ଶ୍ରୀମତୀ କସ୍ତୁରୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ରଥଯାତ୍ରାର କାର୍ଯ୍ୟନିର୍ଘଣ୍ଟ ଓ ପ୍ରସ୍ତୁତି ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା। ରଥଯାତ୍ରା ସମୟରେ ବଡଦାଣ୍ଡ ଏବଂ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ ଆଲୋକୀକରଣ, ଯଥେଷ୍ଟ ପୋଲିସ ମୁତୟନ, ଟ୍ରାଫିକ ନିୟନ୍ତ୍ରଣ, ସିସିଟିଭି ନଜରଦାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ସେବାମୂଳକ କାର୍ଯ୍ୟରେ ନିୟୋଜିତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ଓ ଆମ୍ବୁଲାନ୍ସ ବ୍ୟବସ୍ଥା ସହିତ ଅଗ୍ନିକାଣ୍ଡ ଓ ଆକସ୍ମିକ ଦୁର୍ଘଟଣାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ଆବଶ୍ୟକୀୟ ପ୍ରସ୍ତୁତି ରଖିବାକୁ ଦାୟିତ୍ୱ ଦିଆଯାଇଛି । ସହର ଓ ବଡଦାଣ୍ଡ ଅଞ୍ଚଳରେ ସ୍ୱଚ୍ଛତା ଏବଂ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା, ବଡଦାଣ୍ଡରେ ଆମିଷ ଭୋଜନ ପ୍ରସ୍ତୁତି ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରିବା ସହ ମଦ ଦୋକାନଗୁଡ଼ିକୁ ବନ୍ଦ ରଖାଯିବା ଏବଂ ନିୟମିତ ଚଢ଼ାଉ କରାଯିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ପରିଛା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ଯୋଗଦେଇ ରଥଯାତ୍ରା ସମ୍ପର୍କିତ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ଜଳେଶ୍ୱର, ୨୩/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୮୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୬୪ ଗୋଟି ବ୍ୟକ୍ତିଗତ ଓ ୧୨ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ ଡଃ ମଧୁସ୍ମିତା ସାମନ୍ତରାୟ, ବିଡିଓ, ଜଳେଶ୍ୱର ଶ୍ରୀଯୁକ୍ତ ଗୌରାଙ୍ଗ ଘୋଷ, ତହସିଲଦାର, ଶ୍ରୀଯୁକ୍ତ ସତ୍ୟଜିତ୍ ମହାନ୍ତି, ନିର୍ବାହୀ ଅଧିକାରୀ, ଜଳେଶ୍ୱର ମ୍ୟୁନିସିପାଲଟି ଶ୍ରୀଯୁକ୍ତ ହେମନ୍ତ ସିଂହଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ଜଗନ୍ନାଥ ମନ୍ଦିରର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୩/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜଆଡିଆ ଗ୍ରାମ ପଞ୍ଚାୟତର ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏଥି ସହିତ ମା ବିମଳା ମା ଲକ୍ଷ୍ମୀଙ୍କର ଦୁଇଟି ନୂତନ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ସ୍ଥାପନ ଉତ୍ସବ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ପୁରୋଧା ଶ୍ରୀ ସୂର୍ଯ୍ୟ ନାରାୟଣ ଦାସ ମହାରାଜ ପୁରୀ ଶ୍ରୀକ୍ଷେତ୍ରରୁ ଆସି ଏଠାରେ ଯୋଗ ଦେଇଥିଲେ। ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ମାର୍କଣ୍ଡ ଚରଣ ତରାଇ, କମିଟି ସଭାପତି ପ୍ରଦୀପ ସାହୁ, ମୁଖ୍ୟ ପୁରୋହିତ ପଦନ ପଣ୍ଡା, ମୁଖ୍ୟ ଆୟୋଜକ ପ୍ରଫୁଲ୍ଲ ତରାଇ ବାପି, ବୀଣାପାଣି ତରାଇ, ଭଗବାନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଆଧ୍ୟାତ୍ମିକ ପରିବେଶରେ କଳସ ଶୋଭାଯାତ୍ରା, ପୂଜା ପାଠ, ଯଜ୍ଞ, ବ୍ରାହ୍ମଣ ମାନଙ୍କ ମନ୍ତ୍ର ପାଠ କରା ଯାଇଥିଲା। ମନ୍ଦିର ପରିଚାଳନା କମିଟି ର ସମସ୍ତ ସଦସ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ। ଏହା ବ୍ୟତୀତ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ଏହି ଉତ୍ସବରେ ସମସ୍ତେ ଭଜନ କୀର୍ତ୍ତନ ନାମ ସଙ୍କୀର୍ତ୍ତନରେ ମନ୍ତ୍ର ମୁଗ୍ଧ ହୋଇଥିଲେ। ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ଭକ୍ତ ବନ୍ଧୁ ମାନେ ବିଭିନ୍ନ ଅଞ୍ଚଳରୁ ଆସି ଏହି ସୁନ୍ଦର ଓ ଆକର୍ଷଣୀୟ ପରିବେଶରେ ଯୋଗ ଦେଇଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ।

## ୧୦ବର୍ଷ ଧରି କେନ୍ଦୁଆ ପଞ୍ଚାୟତବାସୀ ପ୍ରତାରିତ: ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ନେଇ ଜିଲ୍ଲାପାଳଙ୍କୁ ଦାବି



ବୈଶିଙ୍ଗା, ୨୩/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ କେନ୍ଦୁଆ ଗ୍ରାମ ପଞ୍ଚାୟତ ବାସୀ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ନିକଟରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଦାବି କରିଛନ୍ତି । ୧୦ବର୍ଷ ହେଲାଣି ବାରମ୍ବାର ଦାବି ଓ ନୂତନ ସ୍ଥାନର ଟ୍ରେସ ମ୍ୟାପ ଏବଂ ବଦର କପି ପ୍ରଦାନ ସତ୍ତ୍ୱେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଏ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି । ସୂଚନାଯୋଗ୍ୟ, ୨୦୧୫-୧୬ ଆର୍ଥିକ ବର୍ଷରେ କେନ୍ଦୁଆ ଗ୍ରାମ ପଞ୍ଚାୟତ ବୈଶିଙ୍ଗା ଗ୍ରାମ ପଞ୍ଚାୟତରୁ ବିଭାଜିତ ହୋଇଛି । ବିଭାଜନ ପରେ ବାଲେଶ୍ୱର-ବାରିପଦା ୧୮ନଂ ଜାତୀୟ ରାଜପଥର ପୂର୍ବପଟ ବୈଶିଙ୍ଗା ଓ ପଶ୍ଚିମପଟ କେନ୍ଦୁଆ ଗ୍ରାମ ପଞ୍ଚାୟତ ରହିଛି । ଏହି ପଞ୍ଚାୟତରେ ୧୪ଟି ରାଜସ୍ୱ ଗ୍ରାମ ଓ ୩ଟି ପଡାଗ୍ରାମ ରହିଛି । ୧୧ଟି ୱାର୍ଡରେ ପାଖାପାଖି ୬୪୯୮ ଜଣ ବସବାସ କରୁଛନ୍ତି । ବରଜୁପୁର ଗ୍ରାମଟି ଜାତୀୟ ରାଜପଥର ପୂର୍ବପଟରେ ରହିଥିବା ବେଳେ ଭୌଗଳିକ ସ୍ଥିତି ଅନୁସାରେ ବୈଶିଙ୍ଗା ବସଷ୍ଟାଣ୍ଡ ପଶ୍ଚିମକୁ ଏକ ପୂର୍ତ୍ତବିଭାଗର ରାସ୍ତା ବଡସାହି ମୁଖ୍ୟାଳୟ ପର୍ଯ୍ୟନ୍ତ ରହିଛି । ଏହାର ଉଭୟ ପାଶ୍ୱରେ ୯କିମି ବ୍ୟାପି କେନ୍ଦୁଆ ପଞ୍ଚାୟତର ଗ୍ରାମ ଗୁଡିକ ରହିଛି । ସମସ୍ତ ଗ୍ରାମ ଏହି ରାସ୍ତା ସହିତ ସଂଯୋଗ ହୋଇଥିବାରୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ମଧ ସ୍ଥଳରେ ପଂଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବି ହୋଇଆସୁଛି । ଦୀର୍ଘ ଦିନ ଧରି ପଞ୍ଚାୟତବାସୀ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଉପରେ ନିର୍ଭର ରହୁଥିବାରୁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏପରିକି ୧୦ବର୍ଷ ବିତି ଯାଇଥିଲେ ମଧ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇନଥିବାରୁ ପଞ୍ଚାୟତବାସୀ ଦୂର ରାସ୍ତା ଅତିକ୍ରମ କରି ସରକାରୀ ସୁବିଧା ପାଇବାରେ କଷ୍ଟ ଅନୁଭବ କରୁଛନ୍ତି । ଖବୁଶୀଘ୍ର ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ଦାବିରେ ଉଲ୍ଲେଖ କରିଛନ୍ତି ।

## ଜାତୀୟ ରାଜପଥରେ ଅଜଣା ଟ୍ରକ ଧକ୍କାରେ ୩ ଗୋରୁ ମୃତ

ବୈଶିଙ୍ଗା, ୨୩/୬ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥର ନଛିପୁରିଆ ଛକ ନିକଟରେ ମଙ୍ଗଳବାର ସକାଳ ୭ ଘଟିକା ସମୟରେ ଏକ ଅଜଣା ଟ୍ରକ୍ ଧକ୍କାରେ ଏକ ସାଙ୍ଗରେ ତିନୋଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ନିକଟସ୍ଥ ରଙ୍ଗାମାଟିଆ ଗ୍ରାମର ଏହି ଗୋରୁଙ୍କ ମାଲିକ ଥିବା ଜଣାଯାଇଛି । ଧକ୍କା ଦେଇଥିବା ଟ୍ରକ ଟି ବାଲେଶ୍ୱର ଅଭିମୂଖେ ପଳାଇ ଯାଇଥିଲେ ମଧ ଧରା ପଡିନାହିଁ । ମୃତ ଗୋରୁ ମାନଙ୍କୁ ନେଇ ଗ୍ରାମବାସୀ ମାନେ ଗାତ ଖୋଳି ପୋତି ଦେଇଥିବା ଜଣାଯାଇଛି ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଷ୍ଟେଟ୍ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍‌ର ସଫଳ ପ୍ରଶିକ୍ଷଣ ଓ କାର୍ଯ୍ୟାନ୍ୱୟନ




ବାଲେଶ୍ୱର, ୨୩/୬ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ କାର୍ଯ୍ୟକୁ ଅଧିକ ସୁଦୃଢ଼, ଦକ୍ଷ ଏବଂ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଷ୍ଟେଟ୍ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ ର ପ୍ରଶିକ୍ଷଣ ଏବଂ କାର୍ଯ୍ୟାନ୍ୱୟନ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓସିଏସିର ଅଧିକୃତ ପ୍ରଶିକ୍ଷକ ଶ୍ରୀ ରାକେଶ କୁମାର ସାହୁ, ଶ୍ରୀ ଅଭିଷେକ ଦାଶ, ଶ୍ରୀ ପରୀକ୍ଷିତ ମିଶ୍ର, ଶ୍ରୀ କଳ୍ପତରୁ ମାଝୀ ଓ ଶ୍ରୀ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କୁ ସିଷ୍ଟମ୍‌ର ବିଭିନ୍ନ ବୈଷୟିକ ଦିଗ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ସେମାନେ ସିଧାସଳଖ ପ୍ରଦର୍ଶନ (ଲାଇଭ୍ ଡେମୋ) ମାଧ୍ୟମରେ ସିଷ୍ଟମ୍‌ର ବ୍ୟବହାରିକ ପ୍ରୟୋଗ ଓ କାର୍ଯ୍ୟପ୍ରଣାଳୀ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। କୁଳପତି ଶ୍ରୀ ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଫେସର ଅଶାନ୍ତ ରଞ୍ଜନ ରାଉତ ସମନ୍ୱୟ କରିଥିଲେ। ଡିଜିଟାଲ୍ ଅଟୋମେସନ୍ ବ୍ୟବସ୍ଥାର ପ୍ରୟୋଗ ମାଧ୍ୟମରେ କାର୍ଯ୍ୟ ପ୍ରଣାଳୀକୁ ଅଧିକ ପ୍ରଭାବଶାଳୀ କରିବା ସହ ସ୍ୱଚ୍ଛ ଶାସନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କୁଳପତି ମତ ପ୍ରକାଶ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, କୁଳସଚିବ ଶ୍ରୀମତୀ କୁକୁମୀନା ଦାସ, ବିଭିନ୍ନ ବିଭାଗର ମୁଖ୍ୟ, ସମନ୍ୱୟକାରୀ ଏବଂ ସମସ୍ତ ପ୍ରଶାସନିକ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ମାଧ୍ୟମରେ ବିଶ୍ୱବିଦ୍ୟାଳୟରେ ଇ-ଶାସନ ବ୍ୟବସ୍ଥାର ସୁଦୃଢ଼ୀକରଣ ସହ ପ୍ରଶାସନିକ କାର୍ଯ୍ୟରେ ଦ୍ରୁତତା, ଦକ୍ଷତା ଏବଂ ସ୍ୱଚ୍ଛତା ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି।

## ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସିଡିଏ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବସ୍ତା ଥାନା ଅନ୍ତର୍ଗତ ଦୁନ୍ଦ ଗ୍ରାମରେ ଭିଜିଲାନ୍ସ ଚଢ଼ାଉ

ବସ୍ତା , ୨୩/୬ (ନି.ପ୍ର): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି (ସିଏଡିଏ)ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କ ବସ୍ତା ବ୍ଲକ ଦୁନ୍ଦ ଗ୍ରାମରେ ଥିବା ପୈତୃକ ଘରେ ଭିଜିଲାନ୍ସ ଚଢ଼ାଉ।ସମ୍ବ ଲପୁର ଭିଜିଲାନ୍ସ ଡିଭିଜନ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସର ୪ ଜଣ ଡିଏସପି,୧୩ ଜଣ ଇନ୍ସପେକ୍ଟର,୭ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଏକକାଳୀନ ତଲାସ କରାଯାଉଛି। ସମ୍ବଲପୁରର ଧନୁପାଲି ସ୍ଥିତ ପଦ୍ମଲୋଚନ ନାୟକଙ୍କ ଭଡ଼ା ଘରେ,କଟକ ଜିଲ୍ଲା ବିଦ୍ୟାଧର ପୁରରେ ଶ୍ରୀ ନାୟକଙ୍କ ତିନି ମହଲା ଆବାସିକ କୋଠା ଉପରେ, ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ମୁକୁଳିସି ପଞ୍ଚାୟତ ଦୁନ୍ଦ ଗ୍ରାମରେ ଶ୍ରୀ ନାୟକଙ୍କ ଦୁଇ ମହଲା ଆବାସିକ ଘର ସାମିଲ। ତତସହିତ ସମ୍ବଲପୁରର ଧନୁପାଲି ସ୍ଥିତ ଶ୍ରୀ ପଦ୍ମଲୋଚନ ନାୟକ ଙ୍କ ଅଫିସ ଚାମ୍ବର। କଟକ ସହରରେ ଶ୍ରୀ ନାୟକଙ୍କ ୨ସହଯୋଗୀ ଙ୍କ ବାସଭବନ ଏବଂ ମାଲକାନଗିରିର କାଲିମେଲା ଠାରେ ତାଙ୍କର ସହଯୋଗୀଙ୍କର ଗୋଟିଏ ସ୍ଥାନରେ ସର୍ଚ୍ଚ ଅପରେସନ ଜାରି ରହି ଥିବା କୁହାଯାଇଛି ଯେ,ତେବେ ତାଙ୍କର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି କେତେ ଅଛି, ଆକଳନ ପରେ ଜଣାପଡ଼ିବ।

## ୫୭ ନମ୍ବର ରାଜ୍ୟ ରାଜପଥ ବାଣିଦା ନିକଟରେ ଚୋରା ଚାଲାଣ କାଜୁ ବୋଝେଇ ଟ୍ରକକୁ ଜବଦ କଲେ ଜିଲ୍ଲାପାଳ

ଜଳେଶ୍ୱର , ୨୩/୬ (ନି.ପ୍ର): ଓଡିଶାରୁ ପଶ୍ଚିମବଙ୍ଗ କୁ ଚୋରା ଚାଲାଣ ହେଉଥିବା ଏକ କାଜୁ ବୋଝେଇ ଟ୍ରକ କୁ ବାଲେଶ୍ୱର ଜିଲ୍ଲାପାଳ ଜବଦ କରିଛନ୍ତି, ଆଜି ଦିନ ୧୧ଟା ସମୟ ରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଭୋଗରାଇ ଅଞ୍ଚଳ ରୁ ଫେରୁଥିବା ବେଳେ ବାଣୀଦା ନିକଟରେ ଝଘ୬୯ଉଇ୪୦୫୯ ନମ୍ବର ବିଶିଷ୍ଟ ଏକ କାଜୁ ବୋଝେଇ ଟ୍ରକ କୁ ଜିଲ୍ଲାପାଳ ଅଟକାଇ ଟ୍ରକ ଡ୍ରାଇଭର କୁ ଆବଶ୍ୟକ କାଗଜ ପତ୍ର ମାଗିଥିଲେ ଡ୍ରାଇଭର କାଗଜ ପତ୍ର ଦେଖାଇ ନ ପାରିବାରୁ ଉକ୍ତ କାଜୁ ବୋଝେଇ ଟ୍ରଜ ଟିକୁ ଜବଦ କରି ଜଳେଶ୍ୱର ତହସିଲଦାର ଙ୍କୁ ହସ୍ତାନ୍ତର କରିଥିବା ବେଳେ ଅଧିକ ଯାଞ୍ଚ ପାଇଁ ଆରଟିଓ ଙ୍କୁ ଜଣାଇଥିବା ସୂଚନା ମିଳିଛି, ତହସିଲଦାର ଉକ୍ତ କାଜୁ ବୋଝେଇ ଟ୍ରକ କୁ ଡମ୍ପିଙ୍ଗ ଜୋନ ରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛନ୍ତି ବୋଲି ଜଣାଯାଇଛି ।

## ଆଧୁନିକ ରୂପ ନେବ ଭଦ୍ରକର ନେହେରୁ ଷ୍ଟାଡିୟମ: ହିନ୍ଦୁସ୍ତାନ ଷ୍ଟିଲୱର୍କ୍ସ କନଷ୍ଟ୍ରକ୍ସନ ଲିମିଟେଡ୍‌କୁ ହସ୍ତାନ୍ତର ହେଲା ଦଖଲ

ଭଦ୍ରକ, ୨୩/୬ (ନି.ପ୍ର): ଭଦ୍ରକ ସ୍ଥିତ ନେହରୁ ଷ୍ଟାଡିୟମର ଉନ୍ନୟନ ଓ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଷ୍ଟାଡିୟମର ଭୌତିକ ଦଖଲ ହିନ୍ଦୁସ୍ତାନ ଷ୍ଟିଲୱର୍କ୍ସ କନଷ୍ଟ୍ରକ୍ସନ ଲିମିଟେଡ୍, ଓଡ଼ିଶା ଜୋନ୍‌କୁ ହସ୍ତାନ୍ତର କରାଯାଇଛିଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦିଲୀପ ରାଉତରାଏ ଭଦ୍ରକଙ୍କ ଆଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ, ରବି ନାରାୟଣ ସାହୁ ଙ୍କ ଦ୍ୱାରା ଏ ସମ୍ପର୍କିତ ପତ୍ର ଜାରି କରାଯାଇଛି। ଏଚ୍‌ଏସ୍‌ସିଏଲ୍‌ ପକ୍ଷରୁ ଅନୁମୋଦିତ ଉଚ୍ଚ, ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ, ଗୁଣବତ୍ତା ନିୟମାବଳୀ ଓ ପ୍ରଯୁଜ୍ୟ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଉନ୍ନୟନ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ।ପ୍ରକଳ୍ପ କାର୍ଯ୍ୟ ସମୟରେ ସୁରକ୍ଷା ବ୍ୟବସ୍ଥା, ବର୍ତ୍ତମାନ ଥିବା ସମ୍ପତ୍ତିର ସଂରକ୍ଷଣ, ଆବଶ୍ୟକ ବୈଧାନିକ ଅନୁମତି ଓ ନିୟମାବଳୀର ପାଳନ ସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତି ପାଇଁ ଏଚ୍‌ଏସ୍‌ସିଏଲ୍‌ ଦାୟୀ ରହିବ। କାର୍ଯ୍ୟ ସମାପ୍ତି ପରେ ଉନ୍ନତ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ବ୍ୟବହାରଯୋଗ୍ୟ ଅବସ୍ଥାରେ ଜିଲ୍ଲା ପ୍ରଶାସନଙ୍କୁ ହସ୍ତାନ୍ତର କରାଯିବ।ନେହରୁ ଷ୍ଟାଡିୟମର ଆଧୁନିକୀକରଣ ଦ୍ୱାରା ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ଘଟିବା ସହ କ୍ରୀଡ଼ାବିତ୍‌ମାନଙ୍କୁ ଉନ୍ନତ ସୁବିଧା ମିଳିବ ଏବଂ ଜିଲ୍ଲାରେ କ୍ରୀଡ଼ା କ୍ଷେତ୍ରର ବିକାଶକୁ ନୂତନ ଗତି ମିଳିବ ବୋଲି ଆଶା କରାଯାଉଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida